

ଇମ୍ରାନଙ୍କୁ ଟକ୍କର ଦେବେ ସନ୍ନି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-45 ◆SATURDAY ◆8 AUGUST 2026 ◆PAGE-12 ◆₹ 7.00

SAMBALPUR

◆ବର୍ଷ-୪୪ ◆ସଂଖ୍ୟା-୪୫ ◆ଶନିବାର ◆୮ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୪୦ ବର୍ଷ ପରେ ଶେଷ ହେଲା ବୋଫୋର୍ସ ମାମଲା

### ସୁପ୍ରିମକୋର୍ଟରେ ଶେଷ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତୀୟ ରାଜନୀତିକୁ ହଲେଇ ଦେଇଥିବା ଚାରି ଦଶନ୍ଧି ପୁରୁଣା ଚର୍ଚ୍ଚିତ ବୋଫୋର୍ସ ଘୋଟାଲା ମାମଲାର ଅନ୍ତ ଘଟିଛି। ୨୦୦୫ରେ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ହିନ୍ଦୁଜା ଭ୍ରାତୃଦ୍ୱୟ ଏବଂ ବୋଫୋର୍ସ କମ୍ପାନୀକୁ ନିର୍ଦ୍ଦୋଷରେ ଖଲାସ ଆଦେଶ ବିରୋଧରେ ହୋଇଥିବା ଶେଷ ନିବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜେବି ପାର୍ଡିୱାଲା ଏବଂ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ପୀଠ କହିଛନ୍ତି ଯେ, ଏହି ମାମଲାରେ ଆଗକୁ ଆଉ କୌଣସି ଶୁଣାଣିର ଆବଶ୍ୟକତା ନାହିଁ। ୧୯୮୬ ମସିହାରେ ଭାରତ ସରକାର ସ୍ୱିଡେନର 'ଏବି ବୋଫୋର୍ସ' କମ୍ପାନୀ ସହ ୧,୪୩୭ କୋଟି ଟଙ୍କାର ୪୦୦ଟି ୧୫୫ ମିଲିମିଟର ହୋୱିଟଜର ତୋପ କିଣିବା ପାଇଁ ଚୁକ୍ତି କରିଥିଲେ। ୧୯୮୭ରେ ସ୍ୱିଡିସ ରେଡିଓ ଏକ ରିପୋର୍ଟ ପ୍ରକାଶ କରି ଦାବି କରିଥିଲା ଯେ, ଏହି ଚୁକ୍ତି ପାଇଁ ଭାରତୀୟ ନେତା ଓ ଅଫିସରମାନଙ୍କୁ ବଡ଼ ଧରଣର ଲାଞ୍ଚ ଦିଆଯାଇଛି। ଏହା ସେତେବେଳର ରାଜୀବ ଗାନ୍ଧୀ ସରକାର ପାଇଁ ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଥିଲା ଏବଂ ୧୯୮୯ ନିର୍ବାଚନରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇଥିଲା। କୋର୍ଟରେ ଏହି ମାମଲା ଦୁର୍ବଳ ହେବାର ଏକାଧିକ କାରଣ ଥିଲା। ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରତ୍ୟକ୍ଷ ଓ ଆଇନଗତ ପ୍ରମାଣ ଉପସ୍ଥାପନ କରିବାରେ ବିଫଳ ହୋଇଥିଲା। ସ୍ୱିଡେନରୁ ଅଣାଯାଇଥିବା ଦଲିଲଗୁଡ଼ିକର ସତ୍ୟାସତ୍ୟ କୋର୍ଟରେ ପ୍ରମାଣିତ ହୋଇପାରି ▶ପୃଷ୍ଠା-୭

## ଥାଇଲାଣ୍ଡ ବିଦ୍ୟାଳୟରେ ଗୁଳିଚାଳନା; ୮ ମୃତ

### ୧୦ରୁ ଅଧିକ ଆହାତ

### ଆକ୍ରମଣକାରୀ ଛାତ୍ରର ଆତ୍ମହତ୍ୟା

■ ବ୍ୟାଙ୍କକ୍, ୭।୮ (ଏଜେନ୍ସି): ଥାଇଲ୍ୟାଣ୍ଡର ନୋନ୍ଥାବୁରୀ ଜିଲ୍ଲାସ୍ଥିତ ଏକ ବିଦ୍ୟାଳୟରେ ଶୁକ୍ରବାର ଅଭାବନୀୟ ଗୁଳିଚାଳନା ଘଟଣାରେ ଅନ୍ତତଃ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ରୁ ୧୫ ଜଣ ଆହାତ ହୋଇଛନ୍ତି। ଗୁଳିଚାଳନା କରିଥିବା ନବମ ଶ୍ରେଣୀର ୧୪ ବର୍ଷୀୟ ଛାତ୍ର ଜଣକ ପରବର୍ତ୍ତୀ ସମୟରେ ଆତ୍ମହତ୍ୟା କରିଥିବା ପୁଲିସସୂଚନା ଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଉକ୍ତ କିଶୋର ଜଣକ ବିଦ୍ୟାଳୟକୁ ଆସିବା ପୂର୍ବରୁ ନିଜ ଘରେ ଜେଜେବାପା ଓ ଜେଜେମା'ଙ୍କୁ ଗୁଳି କରି ହତ୍ୟା କରିଥିଲା। ପରେ ବ୍ୟାଙ୍ଗ୍ କ୍ୱାଇ ନିକଟସ୍ଥ ଦେବସିରିନ୍ ନୋନ୍ଥାବୁରୀ ସ୍କୁଲ୍‌ରେ ପହଞ୍ଚି ଶିକ୍ଷକମାନଙ୍କ ଉପରକୁ ଅନ୍ଧାଧୁନ୍ଦ ଗୁଳିଚାଳନା କରିଥିଲା, ଯେଉଁଥିରେ ୬ ଜଣଙ୍କର ଜୀବନ ଯାଇଛି। ବିଦ୍ୟାଳୟରୁ ଭୟଭୀତ ▶ପୃଷ୍ଠା-୭



### ନିଟ୍ ବିଭ୍ରାଟ: ସିବିଆଇ ଚାର୍ଜସିଟ୍‌ରେ ବଡ଼ ପର୍ଦ୍ଦାଫାସ୍

# ଏନ୍‌ଟିଏ ବିଶେଷଜ୍ଞ ବିକିଥିଲେ ପ୍ରଶ୍ନପତ୍ର

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନୀଟ୍-ୟୁଜି ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ବିରାଟ ବେଆଇନ କାରବାରର ପର୍ଦ୍ଦାଫାସ କରିଛି। ଏନ୍‌ଟିଏ ଦ୍ୱାରା ନିୟୋଜିତ ବିଷୟ ବିଶେଷଜ୍ଞମାନେ ନିଜ ପଦବୀର ଅପବ୍ୟବହାର କରି ମୋଟା ଅଙ୍କର ଟଙ୍କା ବଦଳରେ ଗୋପନୀୟ ପ୍ରଶ୍ନପତ୍ର ଲିକ୍ କରିଥିବା ସିବିଆଇ ନିଜ ଚାର୍ଜସିଟ୍‌ରେ ଅଭିଯୋଗ କରିଛି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ ସ୍ଥିତ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଦାଖଲ କରାଯାଇଥିବା ଏହି ଚାର୍ଜସିଟ୍‌ରେ ୩ ଜଣ ଏନ୍‌ଟିଏ ବିଶେଷଜ୍ଞଙ୍କ ସମେତ ମୋଟ ୧୩ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ସିବିଆଇର ସୂଚନା ଅନୁସାରେ, ଏହି ବହୁଚର୍ଚ୍ଚିତ ଷଡ଼ଯନ୍ତ୍ରରେ ସାମିଲ ଥିବା ତିନିଜଣ ଏନ୍‌ଟିଏ ବିଶେଷଜ୍ଞ ହେଉଛନ୍ତି ଉଦ୍ଭିଦ ବିଜ୍ଞାନ ବିଶେଷଜ୍ଞ ମନୀଷା ଗୁରୁନାଥ ମାଣ୍ଡରେ, ରସାୟନ ବିଜ୍ଞାନ ବିଶେଷଜ୍ଞ ପ୍ରହ୍ଲାଦ ବିଠଲରାଓ କୁଲକର୍ଣ୍ଣୀ ଏବଂ ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ମନୀଷା ସଞ୍ଜୟ ହାବଲଦାର। ଏହି ବିଶେଷଜ୍ଞମାନେ ନୀଟ୍-ୟୁଜି ୨୦୨୬ର ଗୋପନୀୟ ପ୍ରଶ୍ନପତ୍ରକୁ ପରୀକ୍ଷା




### ଷଡ଼ଯନ୍ତ୍ରରେ ତିନିଜଣ ଏନ୍‌ଟିଏ ବିଶେଷଜ୍ଞ

### ଟଙ୍କା ନେଇ ମଧ୍ୟସ୍ଥ ଓ କୋଚିଂ ସଂସ୍ଥାର ଚାଳକଙ୍କୁ ଯୋଗାଉଥିଲେ ପ୍ରଶ୍ନପତ୍ର

### 'ନିଟ୍ ୨୦୨୬' ନାମରେ ହ୍ୱାଟସ୍‌ଆପ୍ ଗ୍ରୁପ୍

### ୪ ଲକ୍ଷ ଟଙ୍କାରେ କୋଚିଂ ଓ ଅଫ୍‌ଲାଇନ୍ କ୍ଲାସ୍ ପାଇଁ ବିଶେଷଜ୍ଞ ଦେଇଥିଲେ ପ୍ରସ୍ତାବ

ପୂର୍ବରୁ ବାହାର କରି ମଧ୍ୟସ୍ଥି ଓ କୋଚିଂ ସଂସ୍ଥାର ଚାଳକମାନଙ୍କୁ ଯୋଗାଇ ଦେଇଥିଲେ, ଯାହା ପରେ ପରୀକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ଦୁର୍ନୀତି ନିବାରଣ ଆଇନ ଏବଂ ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ ଅଧୀନରେ ମାମଲା ରୁଜୁ କରାଯାଇଛି। ସିବିଆଇ ଅଭିଯୁକ୍ତମାନଙ୍କଠାରୁ ଜବତ କରିଥିବା ମୋବାଇଲ୍ ଫୋନ୍, ପେନ୍ ଡ୍ରାଇଭ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ ଉପକରଣର ଫୋରେନ୍ସିକ୍ ଯାଞ୍ଚ କରିବା ପରେ ପିଡିଏଫ୍ ଏବଂ ଫଟୋ ଫାଇଲ୍ ଆକାରରେ ପ୍ରଶ୍ନପତ୍ର ଆଦାନପ୍ରଦାନ ହୋଇଥିବାର ପ୍ରମାଣ ପାଇଛି। ପରୀକ୍ଷାର କିଛି ଦିନ ପୂର୍ବରୁ ଟେଲିଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ପରି ମେସେଜିଂ ଆପ୍ ମାଧ୍ୟମରେ ଏହି ପ୍ରଶ୍ନପତ୍ରଗୁଡ଼ିକ କାରବାର ହୋଇଥିଲା। ଘଟଣାରେ ସଂପୃକ୍ତ ତେଜସ ଶାହ, ଶିବରାଜ ମୋଟେଗାଁଓକର, ଡାକ୍ତର ମନୋଜ ଶିରୁରେ, ମନୀଷା ସଞ୍ଜୟ ୱାଘମାରେ, ଧନଞ୍ଜୟ ଲୋଖଣ୍ଡେ, ଶୁଭମ ଖୈରନାର, ଯଶ ଯାଦବ, ମାଙ୍ଗୀଲାଲ ବିୱାଲ, ଦିନେଶ ବିୱାଲ ଏବଂ ବିକାଶ ବିୱାଲଙ୍କ ଭଳି ମଧ୍ୟସ୍ଥିମାନେ ଆର୍ଥିକ କାରବାର ଓ ପ୍ରଶ୍ନପତ୍ର ବାଣ୍ଟିବାରେ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ନାସିକର ଶୁଭମ ଖୈରନାରଙ୍କଠାରୁ ଯଶ ଯାଦବ ପ୍ରଶ୍ନପତ୍ର ପାଇଥିଲେ ଏବଂ ତାହା ମାଙ୍ଗୀଲାଲ ବିୱାଲଙ୍କୁ ହସ୍ତାନ୍ତର କରିଥିଲେ। ସୁରକ୍ଷା ଜମା ସ୍ୱରୂପ ବିୱାଲ ନିଜର ଦଶମ ଓ ଦ୍ୱାଦଶ ଶ୍ରେଣୀର ମୂଳ ସାର୍ଟିଫିକେଟ୍ ଏବଂ ଦସ୍ତଖତ ହୋଇଥିବା ଫାଙ୍କା ▶ପୃଷ୍ଠା-୭

## ଆମେରିକା ଚାପରେ ୟୁପିଆଇ ନୀତି ବଦଳାଉଛି ଭାରତ

### ୟୁପିଆଇ କାରବାର ଫି' ପ୍ରସଙ୍ଗ

### ଜିଟିଆର୍‌ଆଇର ଖୁଲାସା

### ଭିସା, ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଙ୍କ ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାର ଉପରେ ଲାଗୁ ହେଉଥିବା ଶୁଳ୍କ ସମ୍ପର୍କିତ ବିଲ୍‌କୁ ନେଇ ସାରା ଦେଶରେ ଜୋରଦାର ଆଲୋଚନା ହେଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ଆରମ୍ଭ କରି କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପ୍ରସଙ୍ଗରେ ସ୍ୱଷ୍ଟୀକରଣ ଜାରି କରିଛନ୍ତି। ହେଲେ ଗବେଷଣାକାରୀ ପ୍ରତିଷ୍ଠାନ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ୟୁପିଆଇ ନୀତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ସଂସ୍ଥା ଚେତାବନୀ ଦେଇ କହିଛି ଯେ, ଭାରତ ସରକାର ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇ ୟୁପିଆଇ ନୀତିରେ ପରିବର୍ତ୍ତନ କରୁଛନ୍ତି, ଯଦିବା ଏହା କରିବା ଉଚିତ ନୁହେଁ। ଥିଙ୍କ ଟ୍ୟାଙ୍କ ଅନୁଯାୟୀ, ଦେଶ ପ୍ରତିଯୋଗିତା, ନୀତି ସ୍ୱାୟତ୍ତତା ଏବଂ ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମର ଦୀର୍ଘକାଳୀନ ବଞ୍ଚିବା ପାଇଁ ସୁରକ୍ଷା ଦେବା ଉଚିତ। ଏହା କରି ଆମେରିକାର ପେମେଣ୍ଟ ପ୍ରୋସେସିଂ ନେଟୱର୍କ ଭିସା ଏବଂ ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି।

ଲୋକସଭାରେ ପେମେଣ୍ଟ ଏବଂ ସେଟଲମେଣ୍ଟ ସିଷ୍ଟମ୍ ଆଇନ, ୨୦୦୭ରେ ସଂଶୋଧନ ପାଇଁ ଉର୍ଦ୍ଦିଷ୍ଟ ବିଲ୍‌କୁ ଅନୁମୋଦନ କରାଇଛନ୍ତି। ଏହାଦ୍ୱାରା ସରକାର ବ୍ୟାଙ୍କ ଏବଂ ସେବା ପ୍ରଦାନକାରୀଙ୍କୁ ୟୁପିଆଇ ଏବଂ ଅନ୍ୟାନ୍ୟ ଅଧିସୂଚିତ ଇଲେକ୍ଟ୍ରୋନିକ୍ ପେମେଣ୍ଟ ପଦ୍ଧତି ଉପରେ ଶୁଳ୍କ ଆଦାୟ କରିବାକୁ ଅନୁମତି ଦେଇଛନ୍ତି। ଏହାର ଅର୍ଥ ହେଉଛି ଏଣିକି ବ୍ୟବସାୟୀମାନଙ୍କୁ ୟୁପିଆଇ ପେମେଣ୍ଟ ପାଇଁ ବ୍ୟାଙ୍କ ▶ପୃଷ୍ଠା-୭

### ପଛକୁ ପଛ ଲଘୁଚାପ

## ଛାଡ଼ିବନି ବର୍ଷା

### ମୟୂରଭଞ୍ଜକୁ ଅଧିକ ବିପଦ

### ମଧ୍ୟାହ୍ନଭୋଜନ ପରେ ସମସ୍ତ ବିଦ୍ୟାଳୟ ଛୁଟି

### ୧୯ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

■ ଭୁବନେଶ୍ୱର/ବାରିପଦା, ୭।୮ (ସମିସ): ସକ୍ରିୟ ମୌସୁମୀ ସହ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପଟେ ଶନିବାର ସୁଦ୍ଧା ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ବର୍ତ୍ତମାନ ମୌସୁମୀ ଟ୍ରଫ ଲାଇନ ସ୍ୱାଭାବିକ ସ୍ଥିତିରେ ରହିଥିବା ବେଳେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଛି। ଏହାସହ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ରପତନଠାରୁ ୦.୯ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହି ଦୁଇଟି ପାଣିପାଗ କାରକ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଅନୁଭୂତ ହେଉଛି। ଏହା ପ୍ରଭାବରେ ଗଲା ଦୁଇ ଦିନ ହେବ ବିଶେଷ କରି ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ତୁହାକୁ ତୁହା ବର୍ଷା ଜାରି ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ କଟକରେ ୩୫, ଭୁବନେଶ୍ୱରରେ ୫୫, ଗୋପାଳପୁରରେ ୪୨, ପୁରୀରେ ୩୦, ଅନୁଗୋଳରେ ୩୫, ଝାରସୁଗୁଡ଼ା ୩୦, ତାଳଚେର ୮୦, ବଲାଙ୍ଗିର ୬୦, ମାଲକାନଗିରି ୮୭, ଟିଟିଲାଗଡ଼ ୭୬, ଫୁଲବାଣି ୪୭, ନୟାଗଡ଼ ୯୧, ପାରଳାଖେମୁଣ୍ଡି ୭୧, ଢେଙ୍କାନାଳରେ ୯୮, ଭଦ୍ରକ ୬୭ ମିମି ବର୍ଷା ରେକର୍ଡ ହୋଇଛି। ଏହି ପରିପ୍ରେକ୍ଷୀରେ ଲଘୁଚାପ ସୃଷ୍ଟି ହେବା ପରେ ବର୍ଷାର ପରିମାଣ ଆହୁରି ବଢ଼ିପାରେ। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝରେ ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ▶ପୃଷ୍ଠା-୭

### ରେଭେନ୍ସା ବିବାଦ

## ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବିରେ ଛାତ୍ର ଅଟଳ

### କୁଳପତିଙ୍କ ଉଦ୍ୟମରେ ଆଲୋଚନା

■ କଟକ, ୭।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲ ୱାର୍ଡେନ ସମୂହ, ଅଧ୍ୟାପକ ସଂଘ (ରୁଟା) ଓ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ମଧ୍ୟରେ ସୃଷ୍ଟି ବିବାଦରେ ଆଜି ସୁଦ୍ଧା ପୂର୍ଣ୍ଣଚ୍ଛେଦ ପଡିପାରିନାହିଁ। ରେଭେନ୍ସା କୁଳପତିଙ୍କ ପକ୍ଷରୁ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ବି ଏହା ସଫଳ ହୋଇପାରିନାହିଁ। ସ୍ଥିତି ସମ୍ପର୍କରେ ଶୁକ୍ରବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ମୁହଁ ଖୋଲିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ ବିବାଦର ଶୀଘ୍ର ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଥିବା ବେଳେ କ୍ୟାମ୍ପସରେ ପାଠପଢ଼ା ଏବଂ ହଷ୍ଟେଲ ପରିଚାଳନା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଉଭୟ ପକ୍ଷ ସମାଧାନ ପାଇଁ ରାଜି ଅଛନ୍ତି ତେବେ ବିଧାୟକଙ୍କ ସହ ଯୋଗାଯୋଗ ହୋଇ ନପାରିବାରୁ ଆଜି ଆଲୋଚନା ଅଗ୍ରଗତି କରିପାରିନି। ଶାନ୍ତିପୂର୍ଣ୍ଣ ସମାଧାନ ▶ପୃଷ୍ଠା-୭

### ନୂଆଦିଲ୍ଲୀରେ 'ଓଡ଼ିଶା ଫୁଡ୍ ପ୍ରୋ' ନିବେଶକ ସମ୍ମିଳନୀ

## ୨୭ ବୁଝାମଣା, ୧୨ ପ୍ରତିଶ୍ରୁତି

■ ଭୁବନେଶ୍ୱର, ୭।୮ (ସମିସ): ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଓଡ଼ିଶାର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସହ ରପ୍ତାନି ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି ଏବଂ ମୁଁ ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଦୃଷ୍ଟିଭଙ୍ଗୀ ସହିତ, ମୁଖ୍ୟମନ୍ତ୍ରୀ ଶୁକ୍ରବାର ଓଡ଼ିଶା ବାହାରେ ଆୟୋଜିତ ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନ୍‌ଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରେ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି।




### ▶ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଭିଜନ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

### ▶ ରୋଡ୍-ଶୋ'ରେ ଯୋଗଦେଲେ ୩୦୦ରୁ ଅଧିକ ଉଦ୍ୟୋଗପତି

### ▶ ୪୩,୪୩୭ କୋଟି ନିବେଶ ଫଳରେ ୪୩,୩୧୬ ନିଯୁକ୍ତି ସୁଯୋଗ

ଏହି ରୋଡ୍-ସୋ'ରେ ୪୧,୭୪୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୨୭ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବ୍ୟାପକ ପରିମାଣର ନିବେଶ ପ୍ରସ୍ତାବ ଦ୍ୱାରା ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଇକୋସିଷ୍ଟମ ପ୍ରତି ଶିଳ୍ପଜଗତର ଭରସା ପ୍ରତିଫଳିତ ହୋଇଛି। ଏହା ଦ୍ୱାରା ୩୫,୨୫୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ଓଡ଼ିଶା ସରକାର ୧,୬୮୯ କୋଟି ଟଙ୍କାର ନିବେଶ ପାଇଁ ୧୨ଟି ▶ପୃଷ୍ଠା-୭

### ପଢ଼ାବହିରେ ସମ୍ବିଧାନ ବିରୋଧୀ ଓ ଅବୈଜ୍ଞାନିକ ପାଠ୍ୟକ୍ରମ

## ରାଜଧାନୀରେ ଗର୍ଜିଲେ ଶିକ୍ଷକ-ଅଭିଭାବକ

### ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ

■ ଭୁବନେଶ୍ୱର, ୭।୮ (ସମିସ): ପିଲାଙ୍କ ପଢ଼ା ବହିରେ ସମ୍ବିଧାନ ବିରୋଧୀ, ଅବୈଜ୍ଞାନିକ ଓ ସାମ୍ପ୍ରଦାୟିକ ବିଚାର ଧାରାକୁ ଯୋଡ଼ା ଯାଇଛି। ମାଳମାଳ ତ୍ରୁଟି ରହିଥିବାବେଳେ ଏଯାଏଁ ସଂଶୋଧିତ ପୁସ୍ତକ ପିଲାଙ୍କୁ ଦିଆଯାଇନାହିଁ। ଏପରି ଅପରାଧିକ କାର୍ଯ୍ୟ ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଆଜି ଶିକ୍ଷକ ଓ ଅଭିଭାବକମାନେ ରାଜଧାନୀରେ ଗର୍ଜିଛନ୍ତି। ବିଭିନ୍ନ ଶିକ୍ଷକ ସଂଘ, ଅଭିଭାବକ ମହାସଂଘ ଓ ଛାତ୍ର ସଂଘ ମିଳିତ ଭାବେ 'ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ' ବ୍ୟାନରରେ ଏକାଠି ହୋଇ ସରକାରଙ୍କ ଶିକ୍ଷା ବିରୋଧୀ ନିତୀକୁ ତୀବ୍ର ଭର୍ତ୍ସନା କରିଛନ୍ତି।

ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଏବଂ ସାମ୍ପ୍ରଦାୟିକରଣ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶା ସରକାର ମଧ୍ୟ ଏସବୁକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ପାଠ୍ୟ ପୁସ୍ତକରେ ସାମିଲ କରିଛନ୍ତି। ମାଳମାଳ ବନାନଗତ ତ୍ରୁଟି କରିବା ସହ ଅବୈଜ୍ଞାନିକ ବିଷୟକୁ ବହିରେ ଯୋଡ଼ିଛନ୍ତି। କୋମଳମତି ଶିଶୁଙ୍କ ମନରେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଘୃଣା ଭରିବା ପାଇଁ ଯୋଜନାବଦ୍ଧ ଭାବେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଏଣୁ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରତ୍ୟାହାର କରିବା ସହ ପୁରୁଣା ବହିରେ ପାଠପଢ଼ାଇବା ପାଇଁ ମଞ୍ଚ ଦାବି କରିଛି। ସେହିପରି ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ନ କରି ସରକାର ଟାଳଟୁଳ ନିତୀ ଅବଲମ୍ବନ କରୁଥିବା ଅଭିଯୋଗ କରି ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନଥିବା ପ୍ରକାଶ କରିଛନ୍ତି। ଧାରଣା ସ୍ଥଳରେ ବକ୍ତବ୍ୟ ରଖି ଶିକ୍ଷକ ନେତା ଡ. ଅମୀୟ ମହାନ୍ତି, ସୁରେନ୍ଦ୍ର ଜେନା, ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ ଦାସ, ଶିକ୍ଷକ ମହାସଙ୍ଘ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ, ବିରଞ୍ଚି ନାରାୟଣ ରାୟ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ବିବେକାନନ୍ଦ ଦାସ, ଅଶୋକ ମହାପାତ୍ର, ନିର୍ମଳ ମହାପାତ୍ର, ଭାଷାବିତ ପ୍ରଫୁଲ୍ଲ ସାମନ୍ତରାୟ, ପରିବେଷବିତ ଗୌରାଙ୍ଗ ମହାପାତ୍ର, ରାଜ୍ୟ ଅଭିଭାବକ ସଙ୍ଘ ସଭାପତି ଡ. ଗଗନ ରାଉତ, ବାସୁଦେବ ଭଟ୍ଟ, ରାଧାକାନ୍ତ ସେଠି, ▶ପୃଷ୍ଠା-୭

### ମହିଳା ସ୍ୱାବଲମ୍ବନକୁ ବେତ୍ରାଘାତ

## ଧାନକିଣାରୁ ବାଦ୍ ପଡ଼ିଲେ ଏସ୍‌ଏଚ୍‌ଜି

### ପଞ୍ଜୀକରଣର ନୂଆ ନିୟମକୁ ବିଜେଡି ଓ କଂଗ୍ରେସର ବିରୋଧ

■ ଭୁବନେଶ୍ୱର, ୭।୮ (ସମିସ): ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ବ୍ୟବସ୍ଥାରେ ରାଜ୍ୟ ସରକାର ଆଣିଥିବା ପରିବର୍ତ୍ତନକୁ ନେଇ ଓଡ଼ିଶାରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଧାନ କିଣା ପ୍ରକ୍ରିୟାରୁ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ମାନଙ୍କୁ ବାଦ ଦେବା ଓ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ନୂଆ ବ୍ୟବସ୍ଥା ଆଣିବାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତେବେ ଏହା ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ଗତବର୍ଷର ତ୍ରୁଟି ସୁଧାରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ନେଇ ସମବାୟ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି।

ପୂର୍ବ ସରକାର ସମୟରେ ମିଶନ ଶକ୍ତି ମାଧ୍ୟମରେ ହଜାର ହଜାର ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହରେ ସାମିଲ କରାଯାଇଥିଲା। ଏହା ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇଥିଲେ। ସେହିପରି ଏସ୍‌ଏଚ୍‌ଜି ମାଧ୍ୟମରେ ଧାନ କ୍ରୟ ସମୟରେ ଚାଷୀଙ୍କୁ



କଟନି-ଛଟନି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁନଥିଲା ଏବଂ ଧାନ ବିକ୍ରି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସୁଗମ ହୋଇଥିଲା।

ମାତ୍ର ଚଳିତ ଖରିଫ ଋତୁରୁ ରାଜ୍ୟ ସରକାର ଧାନ ସଂଗ୍ରହ ବ୍ୟବସ୍ଥାରୁ ଏସ୍‌ଏଚ୍‌ଜିମାନଙ୍କୁ ସମ୍ପୂର୍ଣ୍ଣ ବାଦ ଦେଇଛନ୍ତି। ସରକାରଙ୍କ ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ), ଲ୍ୟାମ୍ପସ ଓ ପାଣି ପଞ୍ଚାୟତ ମାଧ୍ୟମରେ ଧାନ କ୍ରୟ କରାଯିବ। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଏହା ମହିଳା ସଶକ୍ତୀକରଣକୁ ପଛକୁ ଠେଲିଦେବା ସହିତ ଚାଷୀଙ୍କ ସ୍ୱାର୍ଥକୁ ମଧ୍ୟ ପ୍ରଭାବିତ କରିବ। ମିଲରମାନଙ୍କ ପ୍ରଭାବ ବଢ଼ିବ ଓ କୃଷକମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ବିରୋଧୀ ଆଶଙ୍କା କରିଛନ୍ତି।

ଏହା ସହିତ ଖରିଫ ଧାନ କ୍ରୟ ପାଇଁ ଆରମ୍ଭ ହୋଇଥିବା ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ମଧ୍ୟ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି। ବିଜେଡିର ଅଭିଯୋଗ ହେଉଛି, ସରକାର ଇଚ୍ଛାକୃତ ଭାବେ ପଞ୍ଜୀକରଣ ବ୍ୟବସ୍ଥାକୁ ଜଟିଳ କରି କମ୍ ପରିମାଣର ଧାନ କିଣିବାକୁ ଚାହୁଁଛନ୍ତି। ଅନୁରୂପ କଂଗ୍ରେସ ମଧ୍ୟ ଅଭିଯୋଗ କରିଛି ଯେ, ପ୍ରତି କ୍ୱିଣ୍ଟାଲରେ ଘୋଷିତ ୮୦୦ ଟଙ୍କାର ଇନପୁଟ ସବସିଡି ପ୍ରଦାନରୁ ବଞ୍ଚିବା ପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ କଠିନ କରାଯାଇଛି। ଏହାଦ୍ୱାରା ଅନେକ ପ୍ରକୃତ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇପାରନ୍ତି ବୋଲି ▶ପୃଷ୍ଠା-୭





ସକାଳ THE SAKALA
www.sakalaepaper.com

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସୁଖବୀର ସିଂହ ବାଦଲ

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ଆସନ୍ତା ବର୍ଷ ପଞ୍ଜାବରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ମିଳିଛି । ଶିରୋମଣି ଅକାଳୀ ଦଳର ମୁଖ୍ୟ ସୁଖବୀର ସିଂହ ବାଦଲ ଶୁକ୍ରବାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ସାକ୍ଷାତକାର ପରେ ଭାରତୀୟ ଜନତା ପାର୍ଟି ଓ ଅକାଳୀ ଦଳ ମଧ୍ୟରେ ପୁନର୍ବାର ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲିଆସିଥିବା ଭାଜପା-ଅକାଳୀ ଦଳ ମେଣ୍ଟ ସେପ୍ଟେମ୍ବର ୨୦୨୦ରେ କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନକୁ ନେଇ ଭାଙ୍ଗିଯାଇଥିଲା । କୃଷକ ଆନ୍ଦୋଳନ କାରଣରୁ ଅକାଳୀ ଦଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟରୁ ଓହରି ଯାଇଥିଲା । ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଏହି ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଦୁଇ ଦଳ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହୋଇପାରି ନଥିଲା । ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ ଦୁଇ ଦଳ ଅଲଗା ହୋଇ ଲଢ଼ିଥିଲେ ହେଁ ବିପର୍ଯ୍ୟୟର ସାମ୍ନା କରିଥିଲେ । ୧୧୭ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ମାତ୍ର ୨ଟି ଓ ଅକାଳୀ ଦଳ ୩ଟି ଆସନ ପାଇଥିଲା ।

## ୨ଟି ଆଇଏସ୍ଆଇ ପ୍ରାୟୋଜିତ ଆତଙ୍କୀ ମଡ୍ୟୁଲ୍ ପର୍ଦ୍ଦାଫାଶ: ୯ ଗିରଫ

ଅମୃତସର, ୭ ।୮ (ଏଜେନ୍ସି): ପଞ୍ଜାବ ପୁଲିସ ଦେଶବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି । ଅମୃତସରରେ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ଦ୍ୱାରା ପରିଚାଳିତ ୨ଟି ଆତଙ୍କବାଦୀ ମୋଡ୍ୟୁଲ୍‌କୁ ପୁଲିସ ପର୍ଦ୍ଦାଫାଶ କରିବା ସହ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି । ପୁଲିସଅଭିଯୁକ୍ତମାନଙ୍କ ନିକଟରୁ ୪ଟି ପେଟ୍ରୋଲ୍ ବୋମା, ୩ଟି ବେଆଇନ ପିସ୍ତୋଲ୍, ୯ଟି ଜୀବନ୍ତ ଗୁଳି ଏବଂ ଏକ ଚୋରା ମୋଟରସାଇକେଲ୍ ଜବତ କରିଛି । ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବଙ୍କ ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ବିଦେଶରେ ଥିବା ଆଇଏସ୍ଆଇ ହ୍ୟାଣ୍ଡଲରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ । ସେମାନଙ୍କୁ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା, ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା ଏବଂ ଅଶାନ୍ତି ସୃଷ୍ଟି କରିବାର ଦାୟିତ୍ୱ ଦିଆଯାଇଥିଲା । ତଦନ୍ତରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ରେଳ ଟ୍ରାକ୍ ନିକଟରେ ସିସିଟିଭି କ୍ୟାମେରା ଲଗାଇ ତା'ର ଫୁଟେଜ୍ ବିଦେଶୀ ହ୍ୟାଣ୍ଡଲରଙ୍କୁ ପଠାଯାଉଥିଲା । ଏହି ଆର୍ଥିକ କାରବାର ଜେଲ୍‌ରେ ଥିବା କିଛି ବ୍ୟକ୍ତିଙ୍କ ମାଧ୍ୟମରେ ହୋଇଥିବା ଜଣାପଡ଼ିବା ପରେ ପୁଲିସ ସେମାନଙ୍କୁ ପ୍ରୋଡକ୍ସନ୍ ୱାରେଣ୍ଟରେ ଆଣି ଗିରଫ କରିଛି ।

## ଅତିକ୍ ଅହମ୍ମଦଙ୍କ ଜେଲ୍‌ରେ ଥିବା ଦୁଇ ପୁଅଙ୍କୁ ପାରୋଲ୍

ପ୍ରୟାଗରାଜ, ୭ ।୮ (ଏଜେନ୍ସି): ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ନିଜ ସାନଭାଇକୁ ଶେଷ ବିଦାୟ ଦେବା ପାଇଁ ହାଇକୋର୍ଟଙ୍କ ବଡ଼ ଆଶ୍ୱାସନା । ଆଲାହାବାଦ ହାଇକୋର୍ଟ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୃତ ଅତିକ୍ ଅହମ୍ମଦଙ୍କ ଜେଲ୍‌ରେ ଥିବା ଦୁଇ ପୁଅ ଆଲି ଏବଂ ଉମରଙ୍କୁ ପାରୋଲ୍ ମଞ୍ଜୁର କରିଛନ୍ତି । ସାନଭାଇ ଆବାନ୍ ଅହମ୍ମଦଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କର ଶେଷକୃତ୍ୟ ଓ କବରଦାନରେ ଯୋଗଦେବା ପାଇଁ ଆଦାଲତ ଏହି ପାରୋଲ୍ ପ୍ରଦାନ କରିଛନ୍ତି । ଝାନ୍ସୀ ଜେଲ୍‌ରେ ବନ୍ଦୀ ଥିବା ନିଜ ଭାଇ ଆଲିଙ୍କୁ ସାକ୍ଷାତ କରିବା ପାଇଁ ଯାଉଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଅତିକ୍‌ଙ୍କ ସବୁଠାରୁ ସାନପୁଅ ଆବାନ୍ (୨୧) ଏବଂ ତାଙ୍କ ବନ୍ଧୁ ସୋନୁଙ୍କର ପ୍ରାଣହାନି ଘଟିଥିଲା । ଅତିକ୍ ଅହମ୍ମଦଙ୍କ ଭଉଣୀ ପରବୀନ୍ କୁରେଶୀଙ୍କ ଦ୍ୱାରା ଦାଖଲ ଆବେଦନକୁ ଗ୍ରହଣ କରି ଜଷ୍ଟିସ ଅଜୟ ଭାନୋଟ ଏବଂ ଜଷ୍ଟିସ ଦିବେଶ ଚନ୍ଦ୍ର ସାମନ୍ତଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଉମର ଲକ୍ଷ୍ନୌ ଜେଲ୍‌ରେ ଏବଂ ଆଲି ଝାନ୍ସୀ ଜେଲ୍‌ରେ ବନ୍ଦୀ ଅଛନ୍ତି ।

## ଆସାରାମଙ୍କ ପୁଅଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍‌କା

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ସ୍ୱୟଂଭୂ ବାବା ଆସାରାମଙ୍କ ପୁଅ ନାରାୟଣ ସାଇଙ୍କୁ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱାସନା ମିଳିନାହିଁ । ୨୦୧୩ ଦୁଷ୍କର୍ମ ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କ ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି । ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ନାରାୟଣ ସାଇଙ୍କ ନିବେଦନର ଶୁଣାଣି କରି ଗୁଜରାଟ ହାଇକୋର୍ଟଙ୍କୁ ତିନି ମାସ ମଧ୍ୟରେ ତାଙ୍କ ଦଣ୍ଡାଦେଶ ବିରୋଧୀ ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ତିନି ମାସ ମଧ୍ୟରେ ହାଇକୋର୍ଟ କୌଣସି ନିଷ୍ପତ୍ତି ନନିଅନ୍ତି, ତେବେ ସାଇ ପୁନର୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ । ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ଜଣେ ମହିଳା ଅନୁଗାମୀଙ୍କ ଦ୍ୱାରା ଦାୟର ଦୁଷ୍କର୍ମ ମାମଲାରେ ସୁରଟର ଏକ କୋର୍ଟ ୨୦୧୯ ଅପ୍ରେଲରେ ନାରାୟଣ ସାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଏହା ବିରୋଧରେ ସେ ଗୁଜରାଟ ହାଇକୋର୍ଟରେ ଆବେଦନ କରିଥିଲେ ମଧ୍ୟ ହାଇକୋର୍ଟ ତାଙ୍କ ଜାମିନ୍ ଓ ସଜା ସ୍ଥଗିତ ଆବେଦନକୁ ଖାରଜ କରିଦେଇଥିଲେ ।



## ବିଜୟଙ୍କଠାରୁ ସଙ୍ଗୀତାଙ୍କ ଛାଡ଼ପତ୍ର ଆବେଦନ ପ୍ରତ୍ୟାହାର

**ଚେନ୍ନାଇ କୋର୍ଟରେ ମାମଲା ଶେଷ**

ଚେନ୍ନାଇ, ୭ ।୮ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ମୁଖ୍ୟ ସି ଜୋସେଫ୍ ବିଜୟ ଏବଂ ତାଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣଲିଙ୍ଗମ୍‌ଙ୍କ ମଧ୍ୟରେ ଚାଲିଥିବା ଛାଡ଼ପତ୍ର ମାମଲାର ଅନ୍ତ ଘଟିଛି । ସଙ୍ଗୀତା ନିଜର ବିବାହ ବିଚ୍ଛେଦ ଆବେଦନ ପ୍ରତ୍ୟାହାର କରିନେବା ପରେ ଅଦାଲତ ଶେଷରେ ଆନୁଷ୍ଠାନିକ ଭାବେ ଏହି ମାମଲାକୁ ବନ୍ଦ କରିଛନ୍ତି । ଶୁକ୍ରବାର ଶୁଣାଣି ସମୟରେ ସଙ୍ଗୀତା ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର ହୋଇ ନିଜର ଆବେଦନ ଫେରାଇ ନେବାର କାରଣ ଦର୍ଶାଇଥିଲେ । ପୂର୍ବରୁ ଚଳିତ ବର୍ଷ ଫେବୃଆରୀ ମାସରେ ସେ ଚେଙ୍ଗଲପଟ୍ଟୁ ପରିବାର ଅଦାଲତରେ ବିବାହ ବିଚ୍ଛେଦ, ସ୍ଥାୟୀ ଭରଣପୋଷଣ ଏବଂ ନୀଲାଙ୍କରାଇ ବାସଭବନରେ ରହିବା ପାଇଁ ଆବେଦନ କରିଥିଲେ । ଜୁନ୍ ୧୫ ଶୁଣାଣିରେ ମଧ୍ୟ ସଙ୍ଗୀତା ଆବେଦନ ପ୍ରତ୍ୟାହାର କରିବା ନେଇ ସଙ୍କେତ ଦେଇଥିଲେ, ଯାହା ପରେ ମାମଲାକୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ଶୁକ୍ରବାର ଅଦାଲତ ଏହି ଆବେଦନକୁ ଗ୍ରହଣ କରି ମାମଲାଟିକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିଛନ୍ତି । ସୂଚନାଯୋଗ୍ୟ, ୧୯୯୯ ଅଗଷ୍ଟ ୨୫ରେ ବିଜୟ ଓ ସଙ୍ଗୀତାଙ୍କ ବିବାହ ହୋଇଥିଲା । ଦୀର୍ଘ ତିନି ଦଶନ୍ଧିର ଏହି ବୈବାହିକ ସମ୍ପର୍କରେ ଗତ କିଛି ବର୍ଷ ହେବ ମନୋମାଳିନ୍ୟ ଦେଖାଦେଇଥିବା ନେଇ ଚର୍ଚ୍ଚା ହେଉଥିଲା । ସଙ୍ଗୀତା ନିଜ ଆବେଦନ ଫେରାଇ ନେବା ପରେ ଏହି ବିବାଦରେ ସମ୍ପୂର୍ଣ୍ଣ ବିରାମ ଲାଗିଛି ।

## ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍‌ଙ୍କ ପ୍ରଥମ ସ୍ପେସ୍‌ୱାକ୍



**ମହାକାଶରେ ବିତାଇଲେ ୬.୫ ଘଣ୍ଟା**

ୱାସିଂଟନ, ୭ ।୮ (ଏଜେନ୍ସି): ମହାକାଶ ଗବେଷଣା କ୍ଷେତ୍ରରେ ଭାରତୀୟ ବଂଶୋଦ୍ଭବଙ୍କ ସଫଳତାରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହୋଇଛି । ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ (ଆଇଏସ୍‌ଏସ୍) ବାହାରକୁ ଆସି ନିଜର ପ୍ରଥମ ସ୍ପେସ୍‌ୱାକ୍ (ମହାକାଶ ପରିକ୍ରମା) ସଫଳତାର ସହ ଶେଷ କରିଛନ୍ତି । ଅନିଲ ମେନନ୍ ନାସାର ଅଭିଜ୍ଞ ନଭୋଚାରୀ ଜେସିକା ମେୟରଙ୍କ ସହ ମିଶି ମୋଟ ୬ ଘଣ୍ଟା ୩୦ ମିନିଟ୍ ସ୍ପେସୱାକ୍ କରିଥିଲେ । ମହାକାଶ ଷ୍ଟେସନ୍‌ର ବିଦ୍ୟୁତ୍ ଶକ୍ତି ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ନୂତନ ସୌର ପ୍ୟାନେଲ୍ ସ୍ଥାପନ ନିମନ୍ତେ ଆବଶ୍ୟକୀୟ ଯାନ୍ତ୍ରିକ ଉପକରଣ ଲଗାଇବା ଏହି ମିଶନ୍‌ର ମୁଖ୍ୟ ଲକ୍ଷ୍ୟ ଥିଲା । ୨୦୨୧ରେ ନାସା ଦ୍ୱାରା ଚୟନ ହୋଇଥିବା ଅନିଲ ଜଣେ ଚିକିତ୍ସକ ଓ ମେକାନିକାଲ୍ ଇଞ୍ଜିନିୟର । ସେ ପୂର୍ବରୁ ସ୍ପେସ୍‌ଏକ୍ସର ପ୍ରଥମ ଫ୍ଲାଇଟ୍ ସର୍ଜନ ଭାବେ କାର୍ଯ୍ୟ କରିସାରିଛନ୍ତି । ନାସା ପକ୍ଷରୁ ଚଳିତ ଅଗଷ୍ଟ ମାସରେ ଯୋଜନା କରାଯାଇଥିବା ୩ଟି ସ୍ପେସ୍‌ୱାକ୍ ମଧ୍ୟରୁ ଏହା ପ୍ରଥମ ଅଭିଯାନ ଥିଲା । କଳ୍ପନା ଚାୱଲା ଏବଂ ସୁନୀତା ୱିଲିୟମ୍ସଙ୍କ ପରେ ଅନିଲ ମେନନ୍‌ଙ୍କ ଏହି ଐତିହାସିକ ସଫଳତା ସାରା ବିଶ୍ୱରେ ଭାରତୀୟ ବଂଶୋଦ୍ଭବଙ୍କ ଗୌରବ ବୃଦ୍ଧି କରିବା ସହ ଭାରତର ଗଗନଯାନ ମିଶନ୍ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇଛି ।

**'ଜଣଙ୍କ ଉପରେ ଆକ୍ରମଣ, ସମସ୍ତଙ୍କ ଉପରେ ଆକ୍ରମଣ'**

# ପାକିସ୍ତାନ, ସାଉଦି ଆରବ, ତୁର୍କୀ ମଧ୍ୟରେ ଐତିହାସିକ ପ୍ରତିରକ୍ଷା ଚୁକ୍ତି

ରିୟାଦ, ୭ ।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଯୁଦ୍ଧ ଓ ନିରାପତ୍ତା ସଙ୍କଟ ମଧ୍ୟରେ ପାକିସ୍ତାନ, ସାଉଦି ଆରବ ଏବଂ ତୁର୍କୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । 'ମକ୍କା ଜଏଣ୍ଟ ଡିଫେନ୍ସ ଏଗ୍ରିମେଣ୍ଟ' ନାମରେ ନାମିତ ଏହି ସାମରିକ ବୁଝାମଣା ଅନୁସାରେ, ଏହି ତିନୋଟି ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ସଶସ୍ତ୍ର ଆକ୍ରମଣ ହେଲେ, ତାହାକୁ ଅନ୍ୟ ଦୁଇ ଦେଶ ନିଜ ଉପରେ ଆକ୍ରମଣ ବୋଲି ବିଚାର କରିବେ । ସାଉଦି ଆରବରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦ୍ଦୋଗାନ୍ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫଙ୍କ ମଧ୍ୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିକୁ ବିଶ୍ୱ ଗଣମାଧ୍ୟମରେ 'ଇସଲାମିକ ନାଟୋ'ର ଆରମ୍ଭ ବୋଲି ଆଖ୍ୟା ଦିଆଯାଉଛି ।

ତେବେ ଆଗକୁ ଏହି ଚୁକ୍ତି ଓ ମେଳି କେଉଁ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାହ୍ୟ ଆକ୍ରମଣ ବିରୋଧରେ ମିଳିତ ପ୍ରତିରୋଧ ଶକ୍ତିକୁ ସୁଦୃଢ଼ କରିବା ଏବଂ ତିନି ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗର ସମସ୍ତ ଦିଗକୁ ଆଗକୁ ନେବା । ଏହି



ଚୁକ୍ତି ତୈଳ ସମୃଦ୍ଧ ସାଉଦି ଆରବ, ପରମାଣୁ ଶକ୍ତିସମ୍ପନ୍ନ ପାକିସ୍ତାନ ଏବଂ ନାଟୋର ଦ୍ୱିତୀୟ ବୃହତ୍ତମ ସେନା ତଥା ଶକ୍ତିଶାଳୀ ପ୍ରତିରକ୍ଷା ଶିଳ୍ପ ଥିବା ତୁର୍କୀକୁ ଗୋଟିଏ ମଞ୍ଚକୁ ଆଣିଛି । ଇରାନ-ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଞ୍ଚରେ ସାଉଦି ଆରବର ଅନେକ ତୈଳ ପ୍ରକଳ୍ପ ଓ ଭିତ୍ତିଭୂମି ଉପରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ ହେବା ପରେ, ସାଉଦି ନିଜର ସୁରକ୍ଷା ସହଯୋଗୀଙ୍କ ପରିସରକୁ ବୃଦ୍ଧି କରିବାକୁ ଏହି ପଦକ୍ଷେପ ନେଇଛି । ତୁର୍କୀ ଗଣମାଧ୍ୟମ ଅନୁସାରେ, ଏହି ଚୁକ୍ତି ଦ୍ୱାରା ତିନି ଦେଶ ମଧ୍ୟରେ ମିଳିତ ସାମରିକ ଅଭ୍ୟାସ, ସୈନ୍ୟ ପ୍ରଶିକ୍ଷଣ, ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ହସ୍ତାନ୍ତର ଏବଂ ଗୁପ୍ତଚର ତଥ୍ୟର ଆଦାନପ୍ରଦାନ ସମ୍ଭବ ହୋଇପାରିବ । ଏହି ପ୍ରତିରକ୍ଷା ଚୁକ୍ତି ପଶ୍ଚିମ ଏସିଆରେ ଏକ ବଡ଼ ପରିବର୍ତ୍ତନ ଆଣିଛି ।

● ହୁତି ବିଦ୍ରୋହୀଙ୍କ ଜୋରଦାର ଆକ୍ରମଣ

## ୟେମେନର ୫୮ ସୈନିକ ସହିଦ

ସାନା, ୭ ।୮ (ଏଜେନ୍ସି): ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଗୁରୁବାର ୟେମେନ ଏବଂ ସାଉଦି ଆରବ ଉପରେ ଏକ ସଂଘବଦ୍ଧ ଆକ୍ରମଣ କରିଛନ୍ତି । ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ ସାହାଯ୍ୟରେ ୟେମେନର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟ କରାଯାଇଥିବା ବେଳେ ସାଉଦି ଆରବର ନଜରାନ ଅଞ୍ଚଳକୁ ମଧ୍ୟ ନିଶାଣ କରାଯାଇଛି । ୟେମେନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ଏହି ଆକ୍ରମଣରେ ୫୮ ଜଣ ସୈନିକ ସହିଦ ହୋଇଛନ୍ତି ଏବଂ ବହୁ ସୈନିକ ଆହତ ହୋଇଛନ୍ତି । ମନ୍ତ୍ରଣାଳୟ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଉପଯୁକ୍ତ ସମୟ ଓ ସ୍ଥାନରେ ଏହାର କଡ଼ା ଜବାବ ଦିଆଯିବ ବୋଲି ପ୍ରକାଶ କରିଛି । ଅନ୍ୟପଟେ ସାଉଦି ଆରବର ନଜରାନ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଜଣେ ୪ ବର୍ଷର ଶିଶୁ ସମେତ ୧୧ ଜଣ ନାଗରିକ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୭ ଜଣ ସାଉଦି ନାଗରିକ, ଜଣେ ୟେମେନୀ, ୨ ଜଣ ମିଶରୀୟ ଏବଂ ଜଣେ ପାକିସ୍ତାନୀ ନାଗରିକ ରହିଛନ୍ତି । ଏହି ମିସାଇଲ ଆକ୍ରମଣ ଯୋଗୁଁ ନଜରାନର କେତେକ ସ୍ଥାନରେ ନିଆଁ ଲାଗିଯାଇଛି । ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀ ଓ ଜରୁରୀକାଳୀନ ଦଳ ନିୟୋଜିତ ହୋଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏକ ଆନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀରେ ଜଳପଥ ପରିଚାଳନା ପାଇଁ ଆମେରିକା, ଇରାନ ଏବଂ ଓମାନ ମଧ୍ୟରେ ଚୁକ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୂର୍ବତନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ନିଜେ ଏହି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲା ଏବଂ ଦ୍ୱିପାକ୍ଷିକ ଆଲୋଚନାରେ ଯଥେଷ୍ଟ ପ୍ରଗତି ହୋଇଛି । ସାମ୍ପ୍ରତିକ ଉତ୍ତେଜନା ଯୋଗୁଁ ହର୍ମୁଜ ଏବଂ ବାବ୍ ଏଲ୍-ମାଣ୍ଡେବ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଯଥେଷ୍ଟ ହ୍ରାସ ପାଇଛି । ସାଧାରଣ ଦିନରେ ଦୈନିକ ୧୩୦ରୁ ୧୪୦ଟି ଜାହାଜ ଯାତାୟାତ କରୁଥିବା ବେଳେ ବୁଧବାର ମାତ୍ର ୨ଟି ଜାହାଜ ଏହି ବାଟ ଦେଇଯାଇଛି ।

**ଏଫ୍‌ସିଆର୍‌ଏ ବିଲ୍ ଭାରତର ଆଭ୍ୟନ୍ତରୀଣ ମାମଲା**

## ଆମେରିକୀୟ ସାଂସଦଙ୍କ ବକ୍ତବ୍ୟକୁ ଭାରତର କଡ଼ା ଜବାବ

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ପ୍ରସ୍ତାବିତ 'ବୈଦେଶିକ ଅଂଶଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' (ଏଫ୍‌ସିଆରଏ ଆମେଣ୍ଡମେଣ୍ଟ ବିଲ୍, ୨୦୨୬) କୁ ନେଇ ଆମେରିକାର ସାଂସଦ ରାୟଲି ମୁର୍‌ଙ୍କ ଟିପ୍ପଣୀକୁ ଭାରତୀୟ ବୈଦେଶିକ ମନ୍ତ୍ରାଳୟ (ଏମ୍‌ଇଏ) ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛି । ବୈଦେଶିକ ମନ୍ତ୍ରାଳୟର ସ୍ପଷ୍ଟୀକରଣ ଅନୁଯାୟୀ, ଆଇନ ପ୍ରଣୟନ ଭାରତର ସମ୍ପୂର୍ଣ୍ଣ ନିଜସ୍ୱ ଆଭ୍ୟନ୍ତରୀଣ ମାମଲା ଏବଂ ଆମେରିକା ସମେତ ବିଶ୍ୱର ଅନେକ ଦେଶରେ ବୈଦେଶିକ ପାଣ୍ଠି ନିୟନ୍ତ୍ରଣ ପାଇଁ ନିଜସ୍ୱ ଆଇନଗତ ବ୍ୟବସ୍ଥା ରହିଛି । ଆମେରିକୀୟ ସାଂସଦ ରାୟଲି ମୁର୍ ଅଭିଯୋଗ କରିଥିଲେ ଯେ ଏହି ବିଲ୍ ଦ୍ୱାରା ଭାରତରେ ଖ୍ରୀଷ୍ଟିଆନ୍ ସଂସ୍ଥା ଏବଂ ଚର୍ଚ୍ଚଗୁଡ଼ିକ ପ୍ରଭାବିତ ହେବେ । ଏହାର ପ୍ରତ୍ୟୁତ୍ତରରେ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତରେ ବିଲ୍ ଆଗତ କରିବା ପାଇଁ ଏକ ସୁଦୃଢ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଛି ଏବଂ ଏହାକୁ ସଠିକ୍ ପ୍ରସଙ୍ଗରେ ଦେଖିବା ଉଚିତ୍ । ଏଡି ବିଲ୍‌ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ହେଲା, ଅସଦୁପଯୋଗ ରୋକିବା ଯଥା କୌଣସି ଏନ୍‌ଜିଓ ବା ସଂସ୍ଥାର ଏଫ୍‌ସିଆର୍‌ଏ ପଞ୍ଜୀକରଣ ରଦ୍ଦ ବା ସମାପ୍ତ ହେଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ତ୍ତୃପକ୍ଷ ସମ୍ପୃକ୍ତ ସଂସ୍ଥାର ବୈଦେଶିକ ପାଣ୍ଠି ଓ ସମ୍ପତ୍ତିର ପରିଚାଳନା ନିଜ ହାତକୁ ନେବେ । ଧାର୍ମିକ ସ୍ୱତନ୍ତ୍ରତା ସୁରକ୍ଷା, ଯେମିତି ପୂଜାସ୍ଥଳ କିମ୍ବା ଧାର୍ମିକ ଅନୁଷ୍ଠାନଗୁଡ଼ିକର ସମ୍ପତ୍ତି ପରିଚାଳନା ବେଳେ ସେଗୁଡ଼ିକର ଧାର୍ମିକ ସ୍ୱରୂପ ଓ ପରମ୍ପରା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ, ବୈଦେଶିକ ପାଣ୍ଠିର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ବଜାୟ ରଖିବା ପାଇଁ ଏହି ସଂଶୋଧନ ଅତ୍ୟନ୍ତ ଆବଶ୍ୟକ ।

## ମୋହନ ଭାଗବତଙ୍କ ବକ୍ତବ୍ୟକୁ ସ୍ୱାଗତ କଲେ ଅଭିଜିତ୍ ଦୀପକେ

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): କକ୍ରୋଚ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ ଶୁକ୍ରବାର ଦିନ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ 'ଜେନ୍ ଜି' ଆନ୍ଦୋଳନକାରୀଙ୍କ ସମର୍ଥନରେ ଦେଇଥିବା ବକ୍ତବ୍ୟକୁ ସ୍ୱାଗତ କରିଛନ୍ତି । ଏହାସହ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ 'ଦେଶବିରୋଧୀ' ବୋଲି ଅଭିହିତ ନକରିବା ପାଇଁ ସେ ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଛନ୍ତି । ମୁମ୍ବାଇରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ବେଳେ ମୋହନ ଭାଗବତ କହିଥିଲେ ଯେ, ଯୁବପିଢ଼ିଙ୍କର ଯୁକ୍ତିଯୁକ୍ତ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର ରହିଛି ଏବଂ ସେମାନଙ୍କୁ ଦେଶବିରୋଧୀ ଆଖ୍ୟା ଦିଆଯିବା ଉଚିତ୍ ନୁହେଁ । ଅଭିଜିତ୍ ଦୀପକେ ଗଣମାଧ୍ୟମକୁ କହିଛନ୍ତି ଯେ, ସଂଘ ପ୍ରମୁଖଙ୍କ ଏହି ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଭାଗବତଙ୍କୁ ନିବେଦନ କରିଛନ୍ତି ଯେ, ଏହି ସମାନ ବାର୍ତ୍ତା ସେ ବିଜେପି ନେତୃତ୍ୱଙ୍କୁ ମଧ୍ୟ ଦିଅନ୍ତୁ, ଯାହାଦ୍ୱାରା ଦଳ ଛାତ୍ର ଆନ୍ଦୋଳନ ପ୍ରତି ନିଜର ଦୃଷ୍ଟିଭଙ୍ଗୀ ବଦଳାଇବ । ପୂର୍ବରୁ କିଛି ବିଜେପି ନେତା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ପାଇଁ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି । ଏହାସହ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭ୍ରମାତ୍ମକ ଭିଡିଓଗୁଡ଼ିକର ନିରପେକ୍ଷ ତଦନ୍ତ ପାଇଁ ଭାଗବତ ଦେଇଥିବା ଆହ୍ୱାନକୁ ସେ ସମର୍ଥନ କରିଛନ୍ତି । ଅନ୍ୟପଟେ ଝାଡ଼ଖଣ୍ଡରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସେ ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ।

## ଆସାମ୍‌ରେ ଦୁଇ ଆଦିବାସୀ ନାବାଳିକାଙ୍କୁ ଅପହରଣ, ଗଣଦୁଷ୍କର୍ମ

ଗୌହାଟୀ, ୭ ।୮ (ଏଜେନ୍ସି): ଆସାମ୍‌ର କାଚାର ଜିଲ୍ଲାରେ ଦୁଇଜଣ ଆଦିବାସୀ ନାବାଳିକାଙ୍କୁ ଅପହରଣ କରି ଚଳନ୍ତା କାର୍‌ରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଅଭାବନୀୟ ଘଟଣାରେ ସମ୍ପୃକ୍ତ ତିନିଜଣ ଯୁବକଙ୍କୁ ଆସାମ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅମଜାଦ ହୁସେନ୍ ଲସ୍କର (୨୦), ସଦ୍ଦାମ ହୁସେନ୍ ଲସ୍କର (୨୩) ଏବଂ ରିଙ୍କୁ ଦାସ (୨୫) । ପୁଲିସ ସୂଚନା ଅନୁଯାୟୀ, ଅଗଷ୍ଟ ୩ ତାରିଖ ଭୋର ପ୍ରାୟ ୨.୩୦ ସମୟରେ ମିଜୋରାମରୁ ଆସିଥିବା ଦୁଇଜଣ ନାବାଳିକା ଢୋଲାଇ ଥାନାରେ ପହଞ୍ଚି ନିଜ ସହ ଘଟିଥିବା ଏହି ବର୍ବରତା ସମ୍ପର୍କରେ ଜଣାଇଥିଲେ । ଅଭିଯୁକ୍ତମାନେ ସେମାନଙ୍କୁ ଅପହରଣ କରି ଚଳନ୍ତା ଗାଡ଼ି ଭିତରେ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ସେମାନେ ଅଭିଯୋଗ କରିଥିଲେ । ପୁଲିସ ପୀଡ଼ିତା ଦ୍ୱୟଙ୍କ ବୟାନ ରେକର୍ଡ କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛି । ପୀଡ଼ିତାମାନେ ନାବାଳିକା ହୋଇଥିବାରୁ ପକ୍‌ସୋ ଆଇନ ଅଧୀନରେ ମାମଲା ରୁଜୁ କରାଯାଇଛି ।

## ୱେବ୍ ସିରିଜ୍ ଦେଖି ସ୍ତ୍ରୀକୁ ହତ୍ୟା କଲା ସଫ୍ଟୱେର୍ ଇଞ୍ଜିନିୟର

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ୱେବ୍ ସିରିଜ୍‌ରୁ ପ୍ରେରଣା ପାଇ ନିଜ ସ୍ତ୍ରୀକୁ ନିର୍ମମ ଭାବେ ହତ୍ୟା କରିବା ପରେ ନଗଦ ୧୨ ଲକ୍ଷ ୭୫ ହଜାର ଟଙ୍କା ଧରି ଫେରାର ହୋଇଯାଇଥିବା ଜଣେ ୬୨ ବର୍ଷୀୟ ସଫ୍ଟୱେର୍ ବିଶେଷଜ୍ଞଙ୍କୁ ଦିଲ୍ଲୀ ପୁଲିସ ମଥୁରାରୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୩୦ ତାରିଖ ଦିନ ପୂର୍ବ ଦିଲ୍ଲୀରେ ଅଭିଯୁକ୍ତ କମଲ ସିଂହ ସମ୍ପତ୍ତି ବିବାଦକୁ ନେଇ ସ୍ତ୍ରୀ କୋମଲ ସିଂଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା କରିଥିଲେ । ହତ୍ୟା ପରେ ସେ ରକ୍ତଭିଜା ପୋଷାକ ଓ ଖଣ୍ଡାକୁ ଗୋଟିଏ ବ୍ୟାଗ୍‌ରେ ରଖି ଫିଙ୍ଗି ଦେଇଥିଲେ ଏବଂ ନିଜ ସ୍ତ୍ରୀଙ୍କ ଆଲମାରୀରୁ ଓ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୧୨, ୭୫, ୦୦୦ ଟଙ୍କା ଉଠାଇ ନେଇ ନେପାଳ ପଳାଇବାକୁ ଯୋଜନା କରିଥିଲେ । ଅଭିଯୁକ୍ତ ଜଣକ ପୋଲିସକୁ ବିଭ୍ରାନ୍ତ କରିବା ପାଇଁ ମୋବାଇଲ୍ ଫୋନ୍ ବନ୍ଦ କରି ମଥୁରା ପଳାଇଥିଲେ । ପୁଲିସଘଟଣାର ତଦନ୍ତ କରି ସିସିଟିଭି ଏବଂ ଡିଜିଟାଲ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରିବା ସହ ସମସ୍ତ ଟଙ୍କା ଜବତ କରିଛି ।

**କେନ୍ଦ୍ର ସରକାରଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ**

# 'ଯନ୍ତରମନ୍ତରକୁ କାହିଁକି ବନ୍ଦ କରାଯିବ ନାହିଁ'

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ପ୍ରମୁଖ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରରେ ବାରମ୍ବାର ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ସାଧାରଣ ନାଗରିକଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଥିବାରୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି । କ୍ରମାଗତ ବିରୋଧ ପ୍ରଦର୍ଶନ ସହରରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହି ପ୍ରଦର୍ଶନ ସ୍ଥଳକୁ ସମ୍ପୂର୍ଣ୍ଣ ବନ୍ଦ କାହିଁକି କରାଯିବ ନାହିଁ ବୋଲି ହାଇକୋର୍ଟ ପଚାରିଛନ୍ତି । ଯନ୍ତରମନ୍ତର ଅଞ୍ଚଳରେ ହେଉଥିବା ଆନ୍ଦୋଳନର ପ୍ରଭାବକୁ ନେଇ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି । ଏହି ସ୍ଥାନଟି ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସାଧନ କରୁଛି କି ନାହିଁ, ସେ ନେଇ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବଡ଼ ଧରଣର ବିକ୍ଷୋଭ ହେଲେ ପ୍ରଶାସନ ବାରମ୍ବାର ସମାନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦିଲ୍ଲୀର ପ୍ରାଥମିକ ଆନ୍ଦୋଳନ ସ୍ଥଳ ଭାବେ ବଜାୟ ରଖାଯିବା ଉଚିତ କି ନୁହେଁ, ସେ ନେଇ ସ୍ପଷ୍ଟୀକରଣ ମଗାଯାଇଛି । ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ମୌଳିକ ଅଧିକାର ଏବଂ ସାଧାରଣ ଜନତାଙ୍କ ସୁବିଧା, ସୁରକ୍ଷା ଓ ଜରୁରୀକାଳୀନ ସେବାର ସୁଫଳ ପାଇବା ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଆଇନଗତ ଆଲୋଚନା ଚାଲିଥିବା ସମୟରେ ହାଇକୋର୍ଟଙ୍କ ଏହି ମନ୍ତବ୍ୟ ଆସିଛି । ଏହି ସପ୍ତାହ ଆରମ୍ଭରେ ସୁପ୍ରିମକୋର୍ଟ ମଧ୍ୟ ଅନ୍ୟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ସ୍ଥାନୀୟ ବାସିନ୍ଦା ଓ ପଥଚାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ବିକଳ୍ପ ଆନ୍ଦୋଳନ ସ୍ଥଳ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଏବଂ ଦିଲ୍ଲୀ ପୋଲିସକୁ ଜବାବ ମାଗିଥିଲେ । ଦୀର୍ଘ ଦିନରୁ ଯନ୍ତରମନ୍ତର ଦିଲ୍ଲୀର ମୁଖ୍ୟ ପ୍ରଦର୍ଶନ ସ୍ଥଳ ଭାବେ ବ୍ୟବହୃତ ହୋଇଆସୁଛି । ମାତ୍ର ସାମ୍ପ୍ରତିକ ସମୟରେ ହୋଇଥିବା ବିଶାଳ ଆନ୍ଦୋଳନଗୁଡ଼ିକ ଯୋଗୁଁ ସହରର ଶାନ୍ତିଶୃଙ୍ଖଳା ଓ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଥିବାରୁ ଏହି ସ୍ଥାନର ଉପଯୁକ୍ତତା ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଆମେରିକାରେ ଭାରତୀୟ ବଂଶୋଦ୍ଭବ ଗବେଷକଙ୍କ ମୃତଦେହ ଉଦ୍ଧାର

ୱାସିଂଟନ୍, ୭ ।୮ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । 'ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆ, ସାନ୍ତା ବାରବାରା'ରେ କେମିକାଲ୍ ଇଞ୍ଜିନିୟରିଂରେ ପିଏଚ୍‌ଡି କରୁଥିବା ଭାରତୀୟ ବଂଶୋଦ୍ଭବ ଛାତ୍ର ବିକ୍ରମ ମୁବାୟୀଙ୍କ ମୃତଦେହ ସ୍ଥାନୀୟ ଜଙ୍ଗଲରୁ ଉଦ୍ଧାର କରାଯାଇଛି । କାଲିଫର୍ଣ୍ଣିଆର ବିଗ୍ ପାଇନ୍ ଲେକ୍ସ ଅଞ୍ଚଳକୁ ଏକାକୀ ଟ୍ରେକିଂ ବା ହାଇକିଂରେ ଯାଇଥିବା ସମୟରେ ସେ ନିଖୋଜ ହୋଇଯାଇଥିଲେ । ସୂଚନା ଅନୁଯାୟୀ, ଅଗଷ୍ଟ ୧ ତାରିଖ ରାତି ପ୍ରାୟ ୮.୩୦ରେ ବିକ୍ରମ ନିଜ ପରିବାରକୁ ନିଜର ଜିପିଏସ୍ ଲୋକେସନ୍ ପଠାଇ ଶେଷଥର ପାଇଁ ଯୋଗାଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କର କୌଣସି ପତ୍ତା ନମିଳିବାରୁ ପରିବାର ଲୋକେ ନିଖୋଜ ନେଇ ଅଭିଯୋଗ କରିଥିଲେ । ଇନ୍‌ୟୋ କାଉଣ୍ଟି ସର୍ଚ୍ଚ ଆଣ୍ଡ ରେସକ୍ୟୁ ଏବଂ ହାଇୱେ ପୁଲିସ ଦ୍ୱାରା ଆରମ୍ଭ ହୋଇଥିବା ସନ୍ଧାନ ଅଭିଯାନ ପରେ ଅଗଷ୍ଟ ୩ ତାରିଖ ସନ୍ଧ୍ୟାରେ ଇନ୍‌ୟୋ ନ୍ୟାସନାଲ ଫରେଷ୍ଟରୁ ତାଙ୍କ ମୃତଦେହ ଜବତ ହୋଇଥିଲା । ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ମାତ୍ର ଏଥିରେ କୌଣସି ହତ୍ୟାକାଣ୍ଡ ବା ଷଡ଼ଯନ୍ତ୍ରର ଆଶଙ୍କା ନଥିବା ତଦନ୍ତକାରୀ କହିଛନ୍ତି । ହଂକଂରେ ଜନ୍ମିତ ବିକ୍ରମ ଜଣେ ଅଭିଜ୍ଞ ହାଇକର ଓ ସାଇକ୍ଲିଷ୍ଟ ଥିଲେ ।

## ଦ୍ୱନ୍ଦ୍ୱ ବଢ଼ାଇଲା କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

# ରାଜ୍ୟରେ ବାସ୍ତବ ଚାଷୀ କେତେ ?



**ଫସଲ ବୀମାରେ ଉପକୃତ ହେଉଛନ୍ତି ୧.୧୫ କୋଟି ଚାଷୀ**

**୩୪.୭୨ ଲକ୍ଷ କୃଷକଙ୍କୁ ମିଳୁଛି ପିଏମ୍ କିଷାନ ସହାୟତା**

**କିଷାନ କ୍ରେଡିଟ୍ କାର୍ଡର ଖାତା ୨୯.୭୩ ଲକ୍ଷରେ ସୀମିତ**

**ଡିଜିଟାଲ କୃଷି ମିଶନରେ ମାତ୍ର ୨୦,୭୮,୮୩୨ ପଞ୍ଜିକୃତ**

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶାରେ ପ୍ରକୃତ ଚାଷୀଙ୍କ ସଂଖ୍ୟା କେତେ? ରାଜ୍ୟସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁରଙ୍କ ଉତ୍ତର ଏକ ନୂଆ ପ୍ରଶ୍ନକୁ ଜନ୍ମ ଦେଇଛି। ଓଡ଼ିଶାରେ ଚାଷୀଙ୍କ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଜ୍ୟମନ୍ତ୍ରୀ ରାମନାଥ ଠାକୁର ଯେଉଁ ତଥ୍ୟ ରଖିଛନ୍ତି, ସେଥିରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାରେ ତାରତମ୍ୟ ରାଜ୍ୟର କୃଷକ ସଂଖ୍ୟା ଓ ହିତାଧିକାରୀ କୃଷକଙ୍କ ସଂଖ୍ୟାକୁ ନେଇ ସୃଷ୍ଟି ହୋଇଛି ବିବାଦ।

ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୧.୧୫ କୋଟି ଚାଷୀ ଉପକୃତ ହୋଇଥିବା ବେଳେ ସେମାନଙ୍କୁ ୭,୨୧୯.୦୩ କୋଟି ଟଙ୍କା କ୍ଷତିପୂରଣ ଦିଆଯାଇଛି। କିନ୍ତୁ ପିଏମ୍-କିଷାନ ସମ୍ମାନ ନିଧି ଅଧୀନରେ ମାତ୍ର ୩୪,୭୨,୯୩୨ ଜଣ କୃଷକ ୨୩ତମ କିସ୍ତିର ସହାୟତା ପାଇଛନ୍ତି। ସେହିପରି ରାଜ୍ୟରେ କିଷାନ କ୍ରେଡ଼ିଟ୍ କାର୍ଡ ଖାତା ସଂଖ୍ୟା ୨୯.୭୩ ଲକ୍ଷ ରହିଛି, ମାତ୍ର ଡିଜିଟାଲ କୃଷି ମିଶନ ଅଧୀନରେ ମାତ୍ର ୨୦,୭୮,୮୩୨ ଜଣ କୃଷକ ପଞ୍ଜିକୃତ ହୋଇଛନ୍ତି। ଏହି ଚାରୋଟି ଯୋଜନାରେ ଲାଭାର୍ଥୀ ସଂଖ୍ୟାରେ ବଡ଼ ପାର୍ଥକ୍ୟ ରାଜ୍ୟରେ ପ୍ରକୃତ କୃଷକ ସଂଖ୍ୟାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

କେନ୍ଦ୍ର ସରକାର କହିଛନ୍ତି, ଓଡ଼ିଶାରେ କୃଷକ କଲ୍ୟାଣ ପାଇଁ ୨୯ଟି କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେବଳ କୃଷି ଓ କୃଷକ କଲ୍ୟାଣ ବିଭାଗ ଅଧୀନରେ ବିଭିନ୍ନ ଯୋଜନା ପାଇଁ ୪୭୦ କୋଟି ଟଙ୍କାରୁ ଅଧିକ ଅନୁଦାନ ଜାରି କରାଯାଇଛି। ପିଏମ୍ କିଷାନ ଯୋଜନାରେ ଓଡ଼ିଶାର କୃଷକମାନଙ୍କୁ ଏପର୍ଯ୍ୟନ୍ତ ୧୫,୧୯୪.୫୨ କୋଟି ଟଙ୍କା ୨୩ଟି କିସ୍ତିରେ ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ପରିବର୍ତ୍ତିତ ସୁଧ ସବସିଡି ଯୋଜନା ଅଧୀନରେ ରାଜ୍ୟର ୨୯.୭୩ ଲକ୍ଷ କିଷାନ କ୍ରେଡ଼ିଟ୍ କାର୍ଡ ଖାତା ରହିଥିବା ବେଳେ ୨୦୨୫-୨୬ରେ ୪୨୦.୫୮ କୋଟି ଟଙ୍କା ସୁଧ ସବସିଡି ପ୍ରଦାନ କରାଯାଇଛି।

୨୦୨୫-୨୬ରେ କେନ୍ଦ୍ର ପ୍ରାୟୋଜିତ ଯୋଜନାମାନଙ୍କ ମଧ୍ୟରୁ କୃଷି ଯାନ୍ତ୍ରିକୀକରଣ ଉପ-ମିଶନ ପାଇଁ ସର୍ବାଧିକ ୧୦୫.୪୪ କୋଟି ଟଙ୍କା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଇଁ ୮୨.୮୭ କୋଟି, କୃଷି ସମ୍ପ୍ରସାରଣ ଉପ-ମିଶନ ପାଇଁ ୫୦ କୋଟି, ପର୍ ଡ୍ରପ୍ ମୋର୍ କ୍ରପ୍ ପାଇଁ ୪୮.୭୮ କୋଟି, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ମିଶନ ପାଇଁ ୩୮.୩୫ କୋଟି ଏବଂ ଡିଜିଟାଲ କୃଷି ମିଶନ ପାଇଁ ୧୯.୩୩ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ରାଜ୍ୟରେ ଯଦି ୧.୧୫ କୋଟି କୃଷକ ଫସଲ ବୀମାର ଲାଭ ପାଇଛନ୍ତି, ତେବେ ପିଏମ୍ କିଷାନରେ ୩୪.୭୨ ଲକ୍ଷ କୃଷକ କିପରି ରହିଛନ୍ତି? ଅବଶିଷ୍ଟ କୃଷକମାନଙ୍କୁ କାହିଁକି ପିଏମ୍ କିଷାନରେ ସାମିଲ କରାଯାଇ ନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

# ଆମାଜନ୍ ଇଣ୍ଡିଆ- ରାଜ୍ୟ ସରକାର ବୁଝାମଣା



ଇ-କମର୍ସରେ ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ସହ ଯୋଡ଼ିହେବ ଆମାଜନ

ଭୁବନେଶ୍ୱର,୭।୮ (ସମିସ): ଜାତୀୟ ହସ୍ତଶିଳ୍ପ ଦିବସ ପାଳନ ଅବସରରେ ଆମାଜନ ଇଣ୍ଡିଆ ଓଡିଶାର ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ପାଇଁ ଇ-କମର୍ସର ଲାଭ ଆଣିବା ପାଇଁ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଏକ ଏମଓୟୁ ସ୍ୱାକ୍ଷର କରିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟୀ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟ ପଟ୍ଟନାୟକ, ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାରଙ୍କ ଉପସ୍ଥିତିରେ ଏ ସଂକ୍ରାନ୍ତରେ ଏକ ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତାର ଅଂଶ ଭାବେ ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ସୁପାରିଶ କରାଯାଇଥିବା ଯୋଗ୍ୟ ବୁଣାକାର ଓ କାରିଗରମାନଙ୍କୁ ଆମାଜନ କାରିଗର ଅଧିନରେ ନିଯୁକ୍ତ କରାଯିବ। ଏହାଦ୍ୱାରା କାରିଗର ଓ ବୁଣାକାରମାନଙ୍କୁ ଅନ୍‌ଲାଇନରେ ବିକ୍ରି କରିବା ପାଇଁ ସହଯୋଗ କରାଯିବ। ଏହା ମାଧ୍ୟମରେ ବିକ୍ରେତାମାନେ ସମ୍ବଲପୁରୀ ବାନ୍ଧ, ଓଡିଶା ଇକ୍କତ, ଖଣ୍ଡୁଆ, ହସପୁରୀ ଓ ଧଳାପଥର ଫ୍ୟାବ୍ରିକ୍ସ ଭଳି ରାଜ୍ୟର ୯ଟି ଜିଆଇ-ଟ୍ୟାଗଡ ହସ୍ତଶିଳ୍ପ ଉତ୍ପାଦ ସମେତ ଓଡିଶାର ପ୍ରମାଣିତ ହସ୍ତଶିଳ୍ପ ଉତ୍ପାଦଗୁଡିକୁ ଦେଶବ୍ୟାପୀ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ସକ୍ଷମ ହେବ। ଆମାଜନ ପକ୍ଷରୁ ସେଲରଙ୍କୁ ଆମାଜନ ଡଟ୍ ଇନରେ ନିଜର ବ୍ୟବସାୟ ନିର୍ମାଣ ଓ ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ସେଲରଙ୍କୁ ସେଲର ଅନ୍‌ବୋର୍ଡିଂ ସହଯୋଗ, ପ୍ରଶିକ୍ଷଣ, ପ୍ରାରମ୍ଭିକ ଆକାଉଂଟ ପରିଚାଳନା, ଇମେଜିଂ ଓ କାଟାଲଗିଂ ସହାୟତା ଏବଂ ମାର୍କେଟିଂ ସହଯୋଗ ଭଳି ଏକାଧିକ ଲାଭ ଓ ସହଯୋଗ ପ୍ରଦାନ କରାଯିବ।

ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି କହିଛନ୍ତି ଯେ ଓଡିଶାର ହସ୍ତଶିଳ୍ପ ପରମ୍ପରା ରାଜ୍ୟର ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ହଜାର ହଜାର କାରିଗର ଓ ବୁଣାକାର ପରିବାରକୁ ଜୀବିକା ପ୍ରଦାନ କରୁଛି। ଆମାଜନ କାରିଗର ସହିତ ଏହି ସହଭାଗିତା ମାଧ୍ୟମରେ ଆମେ ଆମର ହସ୍ତଶିଳ୍ପ ଅନୁଷ୍ଠାନଗୁଡିକ ପାଇଁ ଇକମର୍ସର ଉପଯୋଗ କରିବା ଲାଗି ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଓଡିଶାର ହସ୍ତଶିଳ୍ପ ଉତ୍ପାଦଗୁଡିକର ପ୍ରାମାଣିକତା ଓ ଐତିହ୍ୟକୁ ସଂରକ୍ଷିତ ରଖୁଛୁ। ଆମାଜନ ଇଣ୍ଡିଆର ସେଲ୍‌ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ ଅରୁଣା ଦରୟାନାନି କହିଛନ୍ତି ଯେ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଆମର ସହଭାଗିତା ସେହି ପ୍ରତିବଦ୍ଧତା ଉପରେ ନିର୍ମିତ ଏବଂ ଏହା ଆମାଜନ ଡଟ୍ ଇନ ମାଧ୍ୟମରେ ଭାରତର ଗ୍ରାହକଙ୍କ ପାଇଁ ପ୍ରାମାଣିକ ଓଡିଶା ହସ୍ତଶିଳ୍ପ ଉତ୍ପାଦ ଆଣିବାରେ ସାହାଯ୍ୟ କରିବ।

# ଦାବି ବଡ଼ବଡ଼, ନିବେଶ ଶୂନ: ବିଜେଡି



ଭୁବନେଶ୍ୱର,୭।୮ (ସମିସ): ସରକାର ନିବେଶ ସମ୍ମିଳନୀ କରୁଛନ୍ତି, ନିବେଶ ସଂକ୍ରାନ୍ତ ବଡ଼ବଡ଼ ଦାବି କରୁଛନ୍ତି; ମାତ୍ର ବାସ୍ତବରେ ନିବେଶ ପରିମାଣ ହେଉଛି ଶୂନ ବୋଲି କଟାକ୍ଷ କରିଛି ବିଜେଡି। ଶୁକ୍ରବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ

**ଅପାରଗତା ଓଡ଼ିଶା ଛାଡୁଛନ୍ତି ଶିଳ୍ପ ଅନୁଷ୍ଠାନ**

ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ଗତ ଦୁଇ ବର୍ଷରେ ଦେଶ ତଥା ବିଦେଶର ବିଭିନ୍ନ ବିଭିନ୍ନ ସହରରେ ନିବେଶକ ସମ୍ମିଳନୀ ସାଙ୍ଗକୁ ଜାନୁଆରୀ ୨୦୨୫ରେ ଭୁବନେଶ୍ୱର ଠାରେ ଉତ୍କର୍ଷ ଓଡିଶା ଆୟୋଜନ କରିଥିଲେ। ସେତେବେଳେ ଓଡ଼ିଶାକୁ ୧୬.୭୩ ଲକ୍ଷ କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିବା ଓ ୧୨.୮୯ ଲକ୍ଷ କୋଟି ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ବୋଲି ସରକାର କହିଥିଲେ। ପୁଣି ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ୬୭,୦୦୦ କୋଟି ନିବେଶ ପ୍ରସ୍ତାବ ଆସିଥିବା କଥା କୁହାଗଲା। ମାତ୍ର ବାସ୍ତବରେ ଏହା ଯେ କେବଳ ବାହାସ୍ଫୋଟ ତାହା ଜଳଜଳ ଦିଶୁଛି। ସରକାର ଆସିବାର ୨ ବର୍ଷ ପୂରିଥିବାବେଳେ ଏହି ନିବେଶ କେଉଁଠି ହେଲା ତାହା କେହି ଜାଣି ପାରୁନାହାନ୍ତି।

ରାଜ୍ୟ ସରକାରଙ୍କ ଦାବି ତୁଳନାରେ କେତେ ପରିମାଣର ଗ୍ରାଉଣ୍ଡିଂ (ପ୍ରକୃତ ନିବେଶ) ହୋଇଛି, ତାର କୌଣସି ସ୍ପଷ୍ଟ ଚିତ୍ର ନାହିଁ। କେନ୍ଦ୍ର ସରକାରଙ୍କର ତଥ୍ୟ ଅନୁସାରେ, ଫରେନ ଡାଇରେକ୍ଟ ଇନଭେଷ୍ଟମେଣ୍ଟ (ଏଫଡିଆଇ) କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ଶାରେ ମାତ୍ର ୩୯ କୋଟି ନିବେଶ ହୋଇଛି, ଯାହା ଭାରତରେ ନିବେଶ ହୋଇଥିବାର ମାତ୍ର ୦.୦୦୯ ପ୍ରତିଶତ। ଓଡିଶାରେ କୌଣସି ବଡ଼ ନିବେଶକ କାମ ଆରମ୍ଭ କରିଥିବାର କୌଣସି ସୂଚନା ନାହିଁ। ପୂର୍ବ ସରକାରଙ୍କ ସମୟରେ ଏମଓୟୁ କରିଥିବା ଅନେକ ଶିଳ୍ପ ଅନୁଷ୍ଠାନ ଓଡିଶାରୁ ବିଦାୟ ନେଇଛନ୍ତି। ଆର୍ସେଲର ମିତ୍ତଲ ଦ୍ୱାରା କେନ୍ଦ୍ରାପଡାରେ ହେବାକୁ ଥିବା ବୃହତ ଇସ୍ପାତ ପ୍ରକଳ୍ପ, ଜେଏସଡବ୍ଲୁ ଦ୍ୱାରା ନରାଜ ଠାରେ ହେବାକୁ ଥିବ ଇଭି ପ୍ରକଳ୍ପ, ଏସ ରାମ ଏନ ରାମ କମ୍ପାନୀ ଦ୍ୱାରା ହେବାକୁ ଥିବା ସେମି କଣ୍ଡକ୍ଟର ପ୍ରକଳ୍ପ, ଚୌଦ୍ୱାର ଠାରେ ହେବାକୁ ଥିବା ଟେକ୍ସଟାଇଲ ପ୍ରକଳ୍ପ ସମେତ ଆହୁରି ଅନେକ ଗତ ଦୁଇ ବର୍ଷରେ ଓଡିଶା ଛାଡି ଅନ୍ୟ ରାଜ୍ୟକୁ ଚାଲି ଯାଇଛନ୍ତି। ସରକାରଙ୍କ ଅପାରଗତା ଯୋଗୁ ଏହି କମ୍ପାନୀ ମାନେ ଓଡିଶା ଛାଡି ଚାଲିଯାଇଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି। ପରିଣାମ ସ୍ୱରୂପ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ଶିଳ୍ପ ପ୍ରଗତି ହାର ୯.୬ ପ୍ରତିଶତ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ, ଏହା ୭.୯ ପ୍ରତିଶତକୁ ଖସି ଆସିଥିଲା। ସେହିପରି ଦେଶର ଷ୍ଟାର୍ଟଅପ ରାଙ୍କିଙ୍ଗରେ ଓ ରପ୍ତାନି ରାଙ୍କିଙ୍ଗରେ ଓଡ଼ିଶାର ସ୍ଥାନ ତଳକୁ ଖସିଛି ବୋଲି ସେ କହିଛନ୍ତି।

## ତେଜିଲା ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

# ଦୁଇ ଦିନିଆ ଅହୋରାତ୍ର ଧାରଣା ଦେବ ଛାତ୍ର କଂଗ୍ରେସ



ଭୁବନେଶ୍ୱର,୭।୮ (ସମିସ): ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛି ଛାତ୍ର କଂଗ୍ରେସ। ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟା, ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ହେଉଥିବା ବେଳେ ସରକାର ଏଥିପ୍ରତି ଉଦାସୀନ ରହିଛନ୍ତି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରାଯାଉଥିବା ଅଭିଯୋଗ କରି ସେ ଏହା ବିରୋଧରେ ଛାତ୍ର କଂଗ୍ରେସର ଲଢ଼େଇ ଜାରି ରହିବ

**ଛାତ୍ର ସଂସଦ ନିର୍ବାଚନ ନ ହେଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବିରୋଧ**

ଦୀର୍ଘଦିନ ଧରି ଛାତ୍ର ସଂସଦ ନିର୍ବାଚନ ନ ହେବାକୁ ନେଇ ଛାତ୍ର କଂଗ୍ରେସ ସରକାରଙ୍କୁ କଠୋର ସମାଲୋଚନା କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ରାଜ୍ୟର ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ବୋଲି କହିଛନ୍ତି। ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିବା ସହ ଏହି ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଦୁଇ ଦିନିଆ ଅହୋରାତ୍ର ଧାରଣା ଦିଆଯିବ ବୋଲି ବିଭୂତି କହିଛନ୍ତି।

ସେ କହିଛନ୍ତି, ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଆନ୍ଦୋଳନ ଜାରି ରହିବ। ସେହିପରି, ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାରଙ୍କୁ ଘେରିଛି ଛାତ୍ର କଂଗ୍ରେସ। ଦୁଇ ବର୍ଷ ଧରି ବିଶ୍ୱବିଦ୍ୟାଳୟ ଓ କଲେଜରେ ଛାତ୍ର ସଂସଦ ନିର୍ବାଚନ ନ ହେବାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଦେବାକୁ ଛାତ୍ର କଂଗ୍ରେସ ଦାବି କରିଛି। ସରକାର ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ, ନଚେତ ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ବିଭୂତି କହିଛନ୍ତି। ଛାତ୍ର କଂଗ୍ରେସର ଦୁଇଟି ପ୍ରମୁଖ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବା ସହ ପାଠ୍ୟପୁସ୍ତକର ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ, ଛାତ୍ର ସଂସଦ ନିର୍ବାଚନ ବିଫଳତା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି।

# ଏଣିକି ସରକାରୀ ଚାକିରିରେ ସମାନ ସୁଯୋଗ ପାଇବେ ତୃତୀୟ ଲିଙ୍ଗୀ



ଭୁବନେଶ୍ୱର,୭।୮ (ସମିସ): ତୃତୀୟ ଲିଙ୍ଗ ବ୍ୟକ୍ତିମାନଙ୍କର ଅଧିକାର, ସୁରକ୍ଷା ଓ ଆତ୍ମସମ୍ମାନକୁ ସୁନିଶ୍ଚିତ କରିବା ସହ ଏଣିକି ତୃତୀୟ ଲିଙ୍ଗମାନଙ୍କୁ ସରକାରୀ ଚାକିରିରେ ସମାନ ସୁଯୋଗ ଦିଆଯିବ। ଏଥିପାଇଁ ଆବେଦନପତ୍ର ଓ ନିଯୁକ୍ତି ନିୟମାବଳୀରେ "ତୃତୀୟ ଲିଙ୍ଗ' ବିକଳ୍ପ ସାମିଲ କରାଯିବ। ଏହାସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ମେଡିକାଲ

**ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସିକ ଅଧିକାରକୁ ସୁନିଶ୍ଚିତ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ**

କଲେଜଗୁଡ଼ିକରେ ବିନା ମୂଲ୍ୟରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସଭାପତିତ୍ୱରେ ଶୁକ୍ରବାର ଲୋକସେବାଭବନରେ ନବଗଠିତ "ଓଡ଼ିଶା ରାଜ୍ୟ ତୃତୀୟ ଲିଙ୍ଗ କଲ୍ୟାଣ ବୋର୍ଡ'ର ପ୍ରଥମ ବୈଠକରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସମାଜରେ ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ୧% ସଂରକ୍ଷଣ, ଫି' ଛାଡ଼, ସ୍ୱତନ୍ତ୍ର ହଷ୍ଟେଲ ଓ ଶୌଚାଳୟ ସୁବିଧା ସାଙ୍ଗକୁ ବସୁନ୍ଧରା ଓ ପିଏମ୍ ଆବାସ ଯୋଜନାରେ ଜମି ଓ ଘର ଯୋଗାଇଦେବା, ପୁରୀଠାରେ ଏକ କମ୍ୟୁନିଟି ହଲ୍ ନିର୍ମାଣ ଏବଂ ତୃତୀୟ ଲିଙ୍ଗ ଓ ଏଲ୍‌ଜିବିଟି ସମ୍ପ୍ରଦାୟର ସଠିକ୍ ଗଣନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ତୃତୀୟ ଲିଙ୍ଗଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ତୃତୀୟ ଲିଙ୍ଗ ସୁରକ୍ଷା ସେଲ୍' ଗଠନ, ସୋସିଆଲ ମିଡିଆରେ ଆକ୍ଷେପ ବା ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାଇବର ସୁରକ୍ଷା ସେଲ୍ ଏବଂ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଚାଲୁ କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏଥିରେ ବିଭାଗୀୟ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ପାରୁଲ ପଟୱାରୀ, ଅତିରିକ୍ତ ସଚିବ ସୋନିଆ ବେହେରା, ଅତିରିକ୍ତ ସଚିବ ଦୀପକ ରାଉତରାଇଙ୍କ ସମେତ ବଲାଙ୍ଗିର ଜିଲ୍ଲାର ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଟିଜି ସୁରକ୍ଷା ଟ୍ରଷ୍ଟ, ବାଲୁଗାଁର 'ଚେତନା' ଅନୁଷ୍ଠାନ ଏବଂ ତୃତୀୟ ଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇ ନିଜର ପ୍ରସ୍ତାବ ରଖିଥିଲେ।

# ମୁକ୍ତ କାରାଗାର ମନିଟରିଂ କମିଟିକୁ ଭିତ୍ତିଭୂମି ଯୋଗାଇବାକୁ ନିର୍ଦ୍ଦେଶ

**୩ ସପ୍ତାହରେ ଷ୍ଟାଟସ୍ ରିପୋର୍ଟ ତଲବ**

କଟକ,୭।୮ (ସମିସ): ରାଜ୍ୟରେ ମୁକ୍ତ କାରାଗାର ବା ଓପନ୍ କରେକ୍ସନାଲ୍ ଇନଷ୍ଟିଚ୍ୟୁସନ୍ସ (ଓସିଆଇ) ଗୁଡ଼ିକର ପରିଚାଳନା ପାଇଁ ଗଠିତ 'ମନିଟରିଂ କମିଟି'କୁ ଆବଶ୍ୟକ କର୍ମଚାରୀ, କାର୍ଯ୍ୟାଳୟ ଭିତ୍ତିଭୂମି ଏବଂ ସମସ୍ତ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ 'ସୁହାସ ଚାକମା ବନାମ କେନ୍ଦ୍ର ସରକାର' ମାମଲାର ରାୟ ଅନୁସାରେ ରାଜ୍ୟ ସରକାର ଗତ ଜୁଲାଇ ୨୮ ତାରିଖରେ ଏହି ମନିଟରିଂ କମିଟି ଗଠନ କରିଥିବା ନେଇ ଗୃହ ବିଭାଗ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହାକୁ ଗ୍ରହଣ କରିବା ସହ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେବଳ କମିଟି ଗଠନ କରିଦେବା ଯଥେଷ୍ଟ ନୁହେଁ; ଏହାକୁ ସଚଳ ଓ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଓ ସଚିବାଳୟ ସୁବିଧା ଯୋଗାଇବା ଜରୁରୀ। ରାଜ୍ୟରେ ମୁକ୍ତ କାରାଗାରଗୁଡ଼ିକର ସ୍ଥାପନ, ପରିଚାଳନା ଓ ପ୍ରସାରର ନିରନ୍ତର ତଦାରଖ କରିବାକୁ କହିଛନ୍ତି ଖଣ୍ଡପୀଠ। ଏଥିସହିତ, ଏହି ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା, କମିଟିକୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗ ଏବଂ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ୩ ସପ୍ତାହ ମଧ୍ୟରେ ଏକ ବିସ୍ତୃତ 'ଷ୍ଟାଟସ୍ ରିପୋର୍ଟ' ଦାଖଲ କରିବାକୁ ରାଜ୍ୟ ଗୃହ ବିଭାଗକୁ କୁହାଯାଇଛି। ଏହି ଆଦେଶନାମାର ତୁରନ୍ତ କାର୍ଯ୍ୟକାରିତା ପାଇଁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିବାକୁ ହାଇକୋର୍ଟ ରେଜିଷ୍ଟ୍ରାର୍ (ଜୁଡିସିଆଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିନ୍ତା ବଢ଼ାଉଛନ୍ତି ଲକ୍ଷଣବିହୀନ ଯକ୍ଷ୍ମା ସଂକ୍ରମିତ

# ଓଡ଼ିଶାରେ ୧୩,୨୭୧ଟି 'ହାଇରିସ୍କ' ଗ୍ରାମ ଚିହ୍ନଟ

ଭୁବନେଶ୍ୱର, ୭।୮ (ସୁମିତ୍ରା ସାହୁ):

**ତୃଣମୂଳ ସ୍ତରରୁ ଯକ୍ଷ୍ମା ପ୍ରତିହତ ପାଇଁ ସରକାରଙ୍କ ପଦକ୍ଷେପ**

**ଏଆଇ ମାଧ୍ୟରେ ଚିହ୍ନଟ ହୋଇଛି 'ହାଇ ରିସ୍କ ଭିଲେଜ୍'**

**ଗାଁ ଗାଁରେ କରାଯାଉଛି ଏକ୍ସ-ରେ ଓ ଲକ୍ଷଣର ସ୍କ୍ରିନିଂ**



ଭାରତକୁ ୨୦୨୫ ମସିହା ସୁଦ୍ଧା ସଂପୂର୍ଣ୍ଣ ଯକ୍ଷ୍ମାମୁକ୍ତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିଲେ ହେଁ ଏଥିରେ ପୂର୍ଣ୍ଣ ସଫଳତା ମିଳିପାରି ନାହିଁ। ଏ କ୍ଷେତ୍ରରେ ସରକାରଙ୍କ ପାଇଁ ମୁଖ୍ୟ ସମସ୍ୟା ସାଜିଛନ୍ତି ଗ୍ରାମାଞ୍ଚଳର ଯକ୍ଷ୍ମା ଆକ୍ରାନ୍ତ। କୌଣସି ଲକ୍ଷଣ ନ ଥାଇ ଯକ୍ଷ୍ମା ସଂକ୍ରମିତ ଥିବା ଲୋକମାନେ ହିଁ ଏହି ରୋଗର ପ୍ରସାର କ୍ଷେତ୍ରରେ ପ୍ରମୁଖ ବାହକ ସାଜିଛନ୍ତି। ବର୍ତ୍ତମାନ ମୋଟ୍ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟାରୁ ୪୦ ପ୍ରତିଶତଙ୍କ ମଧ୍ୟରେ କୌଣସି ଲକ୍ଷଣ ପରିଲକ୍ଷିତ ହେଉ ନ ଥିବା ଜଣାପଡ଼ିଛି। ଫଳରେ ସେମାନଙ୍କ ଚତୁଃପାଶ୍ୱର୍ରେ ବସବାସ କରୁଥିବା ପରିବାର ସଦସ୍ୟ, ଟ୍ରେନ୍, ବସ୍ ଭଳି ପବ୍ଲିକ ଟ୍ରାନ୍ସପୋର୍ଟ କିମ୍ବା ଜନଗହଳି ସ୍ଥାନରେ କାଶ କିମ୍ବା ଛିଙ୍କ ମାଧ୍ୟମରେ ଏହା ଜଣଙ୍କଠାରୁ ଅନ୍ୟଜଣଙ୍କୁ ବ୍ୟାପୁଛି। ଏହାଦ୍ୱାରା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଲକ୍ଷଣ ଦେଖାଯାଉ ନ ଥିବାରୁ ସେମାନେ ରୋଗ ସମ୍ପର୍କରେ ଜାଣିପାରୁ ନାହାନ୍ତି। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ଯକ୍ଷ୍ମା ରୋଗର ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିଛନ୍ତି।

ତୃଣମୂଳ ସ୍ତରରୁ ଗାଁ ଗାଁରେ ଲୋକଙ୍କୁ ପରୀକ୍ଷା କରିବା ଆରମ୍ଭ କରିଛନ୍ତି। ବିଶେଷକରି ଭଲନେରେବଲ୍ ଗ୍ରୁପ୍ (ଯାହା ପାଖରେ ଟିବି ହେବାର ସମ୍ଭାବନା ଅଧିକ ଥାଏ) ସେଠାରେ ଏହି ପରୀକ୍ଷାକୁ ଅଗ୍ରାଧିକାର ଦିଆଯାଉଛି। ଯକ୍ଷ୍ମା ଆକ୍ରାନ୍ତ କିମ୍ବା ରୋଗର ସମ୍ଭାବନା ରହିଥିବା ଗ୍ରାମଗୁଡ଼ିକ 'ହାଇ ରିସ୍କ ଗ୍ରାମ' ଭାବେ ଚିହ୍ନଟ କରାଯାଇଛି। ଏଆଇ (କୃତ୍ରିମ ବୁଦ୍ଧିମତା) ଦ୍ୱାରା ରାଜ୍ୟରେ ମୋଟ୍ ୧୩,୨୭୧ଟି ହାଇରିସ୍କ ଗ୍ରାମ ଚିହ୍ନଟ ହୋଇଥିବା ବେଳେ ୫୦ ପ୍ରତିଶତ ଗ୍ରାମରେ ସ୍କ୍ରିନିଂ ଶେଷ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଗ୍ରାମଗୁଡ଼ିକରେ କ୍ୟାମ୍ପ କରାଯାଉଛି। ପରୀକ୍ଷା ପରେ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳରେ ଅଧିକାଂଶ ରୋଗୀଙ୍କଠାରେ ଯକ୍ଷ୍ମାର କୌଣସି ଲକ୍ଷଣ ନାହିଁ। ଏଆଇ ଦ୍ୱାରା ଚିହ୍ନଟ ହେଉଥିବା ଏହି ରୋଗୀମାନଙ୍କ ମଧ୍ୟରେ ବୟସ୍କ, ଡାଇବେଟିକ୍ ରୋଗୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି। ତେବେ ଏହି ପରୀକ୍ଷା ଅନୁସାରେ, ଯେଉଁମାନଙ୍କଠାରେ କୌଣସି ଲକ୍ଷଣ ନ ଥାଇ ବି ଏଆଇ ଏକ୍ସରେ ଆବ୍‌ନର୍ମାଲ (ସସ୍‌ପେକଟେଡ୍) ବୋଲି ସୂଚନା ମିଳେ, ସେହିମାନଙ୍କ କଫ ପରୀକ୍ଷା କରାଯାଇଥାଏ। କଫ ପରୀକ୍ଷାରେ ନେଗେଟିଭ୍ ରିପୋର୍ଟ ଆସିଲେ ମଧ୍ୟ ସେମାନଙ୍କୁ ବାଦ୍ ନ ଦେଇ ଉକ୍ତ ଏକ୍ସ-ରେ ରିପୋର୍ଟ ଡାକ୍ତରଙ୍କୁ ଦେଖାଯିବା ପରେ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଉଛି। ଏହାକୁ କ୍ଲିନିକାଲ ଡାଇଗ୍ନୋସିସ୍ କୁହାଯାଏ।

ଏନେଇ ରାଜ୍ୟ ଯକ୍ଷ୍ମା ଅଧିକାରୀ ଡ. ଅର୍ଘ୍ୟ ପ୍ରଧାନ କହିଛନ୍ତି, ଯକ୍ଷ୍ମାର ମୁଖ୍ୟ କାରଣ ହେଉଛି ସଚେତନତା ଅଭାବ, ଆଡିକସନ୍, (ନିଶାଦ୍ରବ୍ୟ-ମଦ୍ୟପାନ), ଶିକ୍ଷାର ଅଭାବ। ସଠିକ୍ ସମୟରେ ଡାଇଗ୍ନୋସିସ୍ ହୋଇ ନ ପାରିବା କାରଣରୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାସହିତ ଅନ୍ୟ ଏକ ମୁଖ୍ୟ କାରଣ ହେଉଛି, ମାଲ୍‌ନ୍ୟୁଟ୍ରିସନ୍ ବା କୁପୋଷଣ। ମୋଟ୍ ଲୋକସଂଖ୍ୟାରୁ ପ୍ରାୟ ୩୫ରୁ ୪୦ ପ୍ରତିଶତଙ୍କଠାରେ ଯକ୍ଷ୍ମା ଇନ୍‌ଫେକସନ୍ ଥାଏ, କିନ୍ତୁ ସେମାନଙ୍କୁ ଯକ୍ଷ୍ମା ରୋଗ ହୋଇ ନ ଥାଏ। ଯେତେବେଳେ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଯାଏ, ସେତେବେଳେ କୁପୋଷଣ କାରଣରୁ ଜଣେ ସହଜରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥାଏ। ଏହାସହ ଏଚ୍‌ଆଇଭି ପଜିଟିଭ, ଡାଇବେଟିକ୍, ବୟସ୍କମାନଙ୍କର ସାଧାରଣତଃ ରୋଗପ୍ରତିରୋଧକ ଶକ୍ତି କମ୍ ରହିଥିବାରୁ ସେମାନଙ୍କ ଆଖପାଖରେ ଯଦି କୌଣସି ଯକ୍ଷ୍ମା ରୋଗୀ ରହିଥା'ନ୍ତି, ତେବେ ସେମାନେ ସଜହରେ ଆକ୍ରାନ୍ତ ହୋଇଥା'ନ୍ତି। ସୋସିଆଲ ଲିଭିଂ ଷ୍ଟାଟସ୍, ସୁଷମ ଖାଦ୍ୟ ନ ଖାଇବା, ଗହଳିରେ ରହିବା ଦ୍ୱାରା ଏହି ସଂକ୍ରମଣ ବୃଦ୍ଧି ପାଇଥାଏ। ତେଣୁ ଏହି ସମସ୍ତଦିଗରୁ ଦୃଷ୍ଟିରେ ରଖି ଜିଲ୍ଲା, ବ୍ଲକ, କିମ୍ବା ପଞ୍ଚାୟତ ନୁହେଁ; ତୃଣମୂଳ ସ୍ତରରେ ଯକ୍ଷ୍ମା ଚିହ୍ନଟ ପାଇଁ ଗାଁ ଗାଁରେ ଏହି କ୍ୟାମ୍ପେନ୍ ଆରମ୍ଭ ହୋଇଛି। ଗ୍ରାମ ସ୍ତରରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରତ୍ୟେକଙ୍କର ଅତ୍ୟାଧୁନିକ ମେସିନ୍ 'ସିବି-ନାଟ୍' ମାଧ୍ୟମରେ ପରୀକ୍ଷା କରାଯାଉଛି। ଏଆଇ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍କ୍ରିନିଂ, ଏକ୍ସ-ରେ ପରେ ଯଦି ରୋଗର ଲକ୍ଷଣ ବିଷୟରେ ଜଣାପଡ଼େ, ଆବଶ୍ୟକ ପଡ଼ିଲେ କଫ ପରୀକ୍ଷା କରାଯାଇ ରୋଗ ଚିହ୍ନଟ କରାଯିବାର ସୁବିଧା ରହିଛି। ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଯଦି ନିଜ ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଯାଏ, ଅବା ଯକ୍ଷ୍ମା ହୋଇଥିବା ସନ୍ଦେହ ଉପୁଜେ, ତେବେ ସେମାନଙ୍କ ସମ୍ପର୍କରେ ସରପଞ୍ଚ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରିବେ। ଆକ୍ରାନ୍ତ ଚିହ୍ନଟ ହୋଇପାରିଲେ ଉପଯୁକ୍ତ ସମୟରେ ଔଷଧ ପ୍ରଦାନ କରାଯାଇପାରିବ। ଏହାଦ୍ୱାରା ୨୦୩୦ ସୁଦ୍ଧା ଓଡ଼ିଶା ଟିବି ମୁକ୍ତ ବା ଯକ୍ଷ୍ମା ମୁକ୍ତ ହୋଇପାରିବ ବୋଲି ଡ. ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

୨୦୨୪ ମସିହା ଡିସେମ୍ବର ୭ ତାରିଖରେ ଟିବିମୁକ୍ତ ଭାରତ ୧.୦ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଯକ୍ଷ୍ମା ଦିବସ ଅବସରରେ ୨୦୨୬ ମାର୍ଚ୍ଚ ମାସ ୨୪ ତାରିଖରେ 'ଟିବି ମୁକ୍ତ ଭାରତ ଅଭିଯାନ ୨.୦' ଶହେ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

## ସମ୍ବଲପୁରରେ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ବିଜେପି ସବୁ ଲୁଟି ସାରିଲାଣି

**ସମ୍ବଲପୁର, ୭।୮ (ସମିସ)**

କଂଗ୍ରେସ ପ୍ରଥମେ ଓଡ଼ିଶାବାସୀଙ୍କ ଭରସା ଜିତିବ। ତା'ପରେ ଯାଇ ନିର୍ବାଚନ ଲଢ଼ିବ। ଏବେ ଓଡ଼ିଶାରେ ଅନେକ ଜନସମସ୍ୟା ରହିଛି; ଯାହାକୁ ନେଇ କଂଗ୍ରେସ ନିରନ୍ତର ଆନ୍ଦୋଳନ କରିଆସୁଛି। ଏହା ଫଳରେ ଜନତାଙ୍କର କଂଗ୍ରେସ ପ୍ରତି ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଗତମାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସର ସଫଳ ଆନ୍ଦୋଳନ ଦଳ ପାଇଁ ଏକ ବଡ଼ ଉପଲବ୍ଧି ଥିଲା। ଆଜି ସମ୍ବଲପୁରଠାରେ ଆୟୋଜିତ କଂଗ୍ରେସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଯୁବ, ଛାତ୍ର ଓ ମହିଳା କଂଗ୍ରେସର ସକ୍ରିୟ ଯୋଗଦାନ ସୂଚାଇ ଦେଉଛି ଯେ ଆଗାମୀ ଦିନରେ କଂଗ୍ରେସର ବିଜୟ ଧାରା ଆହୁରି ବୃଦ୍ଧି ପାଇବ। ଆଜିର ଏହି ସମ୍ମିଳନୀରେ ସମ୍ବୋଧନ କରି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଲାଲାଜି ଦେଶାଇ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, କେନ୍ଦ୍ରର ଭାଜପା ସରକାର ଖଣି-ଖାଦାନ ଲୁଟ୍ କରିଚାଲିଛନ୍ତି। ଦ୍ରବ୍ୟମୂଲ୍ୟ ବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ପ୍ୟାକେଟରେ ମହଙ୍ଗା ମାଡ଼ ପଡୁଛି। ଏହାର ପ୍ରତିବାଦରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦୃଢ଼ ଭାବେ ଆଗକୁ ବଢ଼ୁଛି। ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ କଂଗ୍ରେସର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଛି। ଜିଲ୍ଲା, ଜୋନ୍, ଓ ବ୍ଲକ ସ୍ତରରେ ଦଳକୁ କିଭଳି ସଂଗଠିତ କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ପ୍ରଦର୍ଶନକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆବଶ୍ୟକ ପରାମର୍ଶ ଦିଆଯିବା ସହ ସେମାନଙ୍କର ମତାମତ




ଗ୍ରହଣ କରାଯାଇଛି। ଲୋକଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ଆଗକୁ ମଧ୍ୟ ସଂଗ୍ରାମ ଜାରି ରଖିବ ବୋଲି ସେ ଦୋହରାଇଛନ୍ତି। ସମ୍ବଲପୁର ଜିଲ୍ଲା ସଭାପତି ଅମିତ ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ସହ-ପ୍ରଭାରୀ ଜିତି କୁସୁମ କୁମାର, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ମହାନଗର ନିଗମ ଏବଂ ୯ ଟି ବ୍ଲକରୁ ଶତାଧିକ ମହିଳା, ଯୁବ, ଛାତ୍ର ଓ ବରିଷ୍ଠ କଂଗ୍ରେସ କର୍ମୀ ଏହି ବୈଠକରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ପଣ୍ଡା, ଦିଲୀପ ଦୁରିଆ, ବିଜୟଲକ୍ଷ୍ମୀ ବେହେରା, ସଞ୍ଜୟ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଫସଲ ପରିସଂଖ୍ୟାନର ଉନ୍ନତି ନିମନ୍ତେ ରେଞ୍ଜସ୍ତରୀୟ ତାଲିମ

**ସମ୍ବଲପୁର, ୭।୮ (ସମିସ) :** ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ଉତ୍ତର ରେଞ୍ଜର ୧୨ଟି ଜିଲ୍ଲା ପାଇଁ ଆଜି ସମ୍ବଲପୁରଠାରେ ଫସଲ ପରିସଂଖ୍ୟାନର ଉନ୍ନତି ଯୋଜନା ପାଇଁ ଏକ ରେଞ୍ଜସ୍ତରୀୟ ତାଲିମ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି। ଫସଲ ପରିସଂଖ୍ୟାନ ଉନ୍ନତି (ଆଇସିଏସ୍) ଯୋଜନା ୧୯୭୬-୭୭ ମସିହାଠାରୁ ଭାରତ ସାରା କାର୍ଯ୍ୟକାରୀ ହୋଇଆସୁଛି; ଯାହାର ଉଦ୍ଦେଶ୍ୟ ହେଉଛି କୃଷି ପରିସଂଖ୍ୟାନ (ଇଏଆର୍‌ଏଏସ୍) ଅଧୀନରେ ମୌଳିକ ତଥ୍ୟ ସଂଗ୍ରହରେ ଥିବା ତ୍ରୁଟି ଚିହ୍ନଟ କରିବା ଏବଂ ଉଭୟ କ୍ଷେତ୍ର ଗଣନା ଓ ଅମଳ ଆକଳନ କ୍ଷେତ୍ରରେ ପ୍ରତିକାର ମୂଳକ ପଦକ୍ଷେପ ପ୍ରସ୍ତାବ ଦେବା। କାର୍ଯ୍ୟକ୍ରମକୁ ଉତ୍ତର ରେଞ୍ଜ (ପରିସଂଖ୍ୟାନ), ସମ୍ବଲପୁରର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ନନ୍ଦ ଉଦ୍‌ଘାଟନ କରିଥିଲେ। ଉତ୍ତର ରେଞ୍ଜ (ପରିସଂଖ୍ୟାନ) ଅଧୀନ ସମସ୍ତ ୧୨ଟି ଜିଲ୍ଲାର ତତ୍ତ୍ୱାବଧାନ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର କୃଷି ପରିସଂଖ୍ୟାନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ ରଙ୍କନିଧି ନାୟକ, ସହକାରୀ ନିର୍ଦ୍ଦେଶକ ମଦନ ମୋହନ ପଣ୍ଡା ଏବଂ ସମ୍ବଲପୁର ସ୍ଥିତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଅଧିକାରୀମାନେ ତାଲିମ ଦେଇଥିଲେ। ଫସଲ କାଟ ପରୀକ୍ଷଣର ଠିକ୍ ପ୍ରକ୍ରିୟା, ଅମଳ ଆକଳନ ସୂତ୍ରର ସଠିକ୍ ପ୍ରୟୋଗ ଏବଂ କୃଷି ପରିସଂଖ୍ୟାନର ନିର୍ଭରଯୋଗ୍ୟ ଓ ସଠିକ୍ ପ୍ରତିଫଳନ ପାଇଁ ପଦ୍ଧତି ବିଷୟରେ ବୁଝାଇ ଦିଆଯାଇଥିଲା। ଶେଷରେ ଉତ୍ତର ରେଞ୍ଜ (ପରିସଂଖ୍ୟାନ) କାର୍ଯ୍ୟାଳୟର ସୂର୍ଯ୍ୟ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରରେ ଛତିଶଗଡ଼ ରାଜ୍ୟପାଳ

### ମା' ସମଲେଶ୍ୱରୀଙ୍କ ଦର୍ଶନ ସହ ବେଜବରୁଆ ଭବନ ପରିଦର୍ଶନ

**ସମ୍ବଲପୁର, ୭।୮ (ସମିସ) :** ଛତିଶଗଡ଼ ରାଜ୍ୟପାଳ ରାମେନ ଡେକା ସମ୍ବଲପୁର ଗସ୍ତରେ ଆସି ଆଜି ମା' ସମଲେଶ୍ୱରୀ ଓ ହୁମା ବିମଳେଶ୍ୱର ବାବା ଦର୍ଶନ ସହ ବେଜବରୁଆ ଭବନ ପରିଦର୍ଶନ





କରିଛନ୍ତି। ତାଙ୍କ ସହ ପତ୍ନୀ ରାନୀ ଡେକା କାକୋତି ଓ ଝିଅ ଆୟୁଷ୍ମିତା ଡେକା ମଧ୍ୟ ଆସିଛନ୍ତି ଏବଂ ରାୟପୁର ସିଟି ନର୍ଥ ବିଧାୟକ ପୁରନ୍ଦର ମିଶ୍ର ରହିଛନ୍ତି। ରାଜ୍ୟପାଳ ଆଜି ଅପରାହ୍ଣରେ ଆସି ସମ୍ବଲପୁରରେ ପହଞ୍ଚି ସମ୍ବଲେଶ୍ୱରୀ ମନ୍ଦିର ଯାଇ ମା' ସମଲେଶ୍ୱରୀଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କରିବା ସହ କିଛି ସମୟ ସେଠାରେ ବିତାଇଥିଲେ। ସମ୍ବଲପୁରଠାରେ ଅହମିଆ ସାହିତ୍ୟର ଅନ୍ୟତମ ପୁରୋଧା ଲକ୍ଷ୍ମୀନାଥ ବେଜବରୁଆଙ୍କ ସ୍ମୃତି ବିଜଡ଼ିତ ବାସଭବନ ପରିଦର୍ଶନ କରି ରାଜ୍ୟପାଳ ରାମେନ ଡେକା କହିଛନ୍ତି, ବେଜବରୁଆଜୀ ଅହମିଆ ସାହିତ୍ୟ ଓ ଭାଷା ଆନ୍ଦୋଳନର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ, ଯିଏ ନିଜ ଜୀବନର ଏକ ବଡ଼ ସମୟ ଏଠାରେ ବିତାଇବା ସହ ବ୍ୟବସାୟ ଓ ସାହିତ୍ୟ ସାଧନା କରିଥିଲେ। ଆମେ ଲକ୍ଷ୍ମୀନାଥ ବେଜବରୁଆଙ୍କୁ ସବୁବେଳେ ମନେ ପକାଇବା ସହ ତାଙ୍କ ପୂଜା କରିଥାଉ। ତାଙ୍କର ଏହି ଐତିହାସିକ ବାସଭବନକୁ ଅତି ସୁନ୍ଦର ଓ ସୁରକ୍ଷିତ ଭାବେ ରକ୍ଷଣାବେକ୍ଷଣ କରାଯାଇଥିବାରୁ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ସାଧୁବାଦ ଜଣାଇଛନ୍ତି। ଏହି ଗସ୍ତ ଅବସରରେ ସେ ପ୍ରସିଦ୍ଧ ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଦେଶବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଏବଂ କୁଶଳକାମନା ପାଇଁ ସେ ପ୍ରାର୍ଥନା କରିଥିବା କହିଛନ୍ତି। ଆଜି ରାଜ୍ୟପାଳ ଅଶୋକ ନିବାସରେ ରାତ୍ରିଯାପନ କରିବେ। ଆସନ୍ତାକାଲି ସକାଳେ ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରି ଫେରିଲା ପରେ ରାଜ୍ୟପାଳ ଅଶୋକ ନିବାସରୁ ମହାସମୁନ୍ଦ ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି।

ଛତିଶଗଡ଼ ରାଜ୍ୟପାଳଙ୍କ ପରିଦର୍ଶନ ସମୟରେ ଇନଟାକର ଓଡ଼ିଶା ରାଜ୍ୟ ସହ-ଆବାହକ ଅନୀଲ ଧୀର, ଇନଟାକ ସମ୍ବଲପୁର ଆବାହକ ତଥା ଲକ୍ଷ୍ମୀନାଥ ବେଜବରୁଆ ସ୍ମୃତିରକ୍ଷା କମିଟିର ଆବାହକ ଦୀପକ କୁମାର ପଣ୍ଡା, ଉପ-ନିର୍ଦ୍ଦେଶକ (ପର୍ଯ୍ୟଟନ) ରବୀନ୍ଦ୍ର ଦଳାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅମୃତଲାଲ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ।

## ହିଣ୍ଡାଲ୍‌କୋର ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ




**ସମ୍ବଲପୁର, ୭।୮ (ସମିସ):** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହୀରାକୁଦ ସିଏସ୍‌ଆର୍ ପଦକ୍ଷେପ ଅଧୀନ ପ୍ରକଳ୍ପ ସହଯୋଗୀ ପ୍ରୋଜେକ୍ଟ କନ୍ସର୍ନ ଇଣ୍ଟରନ୍ୟାସନାଲ୍, ମହିଳା ଓ ଶିଶୁ ବିକାଶ ବିଭାଗ ସହ ମିଳିତ ଭାବେ ପ୍ରୋଜେକ୍ଟ ବିଟିଆ କାର୍ଯ୍ୟକ୍ରମକୁ ୦-୧୮ ବର୍ଷ ବୟସର କନ୍ୟା ଶିଶୁମାନଙ୍କ ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ କାର୍ଯ୍ୟାନ୍ୱୟନ କରୁଛି। ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ପୋଷଣ ସୂଚକ ଭାବେ ସ୍ତନ୍ୟପାନକୁ ପ୍ରାଧାନ୍ୟ ଦିଆଯାଇଛି। ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ହୀରାକୁଦ ଅଞ୍ଚଳର ବିଭିନ୍ନ ଅଙ୍ଗନବାଡ଼ି ଯଥା ନୂଆଯାମଡା, ଡେଙ୍ଗିମଚା, ମହମ୍ମଦପୁର, ଖ୍ରୀଷ୍ଟିୟାନପଡ଼ା, ତାରାସିଂପଡ଼ା ଓ ନିମପାଲିଠାରେ ପାଳନ କରାଯାଇଛି। ଏହି ସପ୍ତାହର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଶିଶୁର ସୁସ୍ଥ ଓ ସୁରକ୍ଷିତ ବିକାଶ ପାଇଁ ମାଁ କ୍ଷୀରର ଭୂମିକା ଓ ମହତ୍ତ୍ୱ ଉପରେ ଲୋକଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା, ଅଙ୍ଗନବାଡି ସୁପରଭାଇଜର, ଟିକାକରଣ ଅଧିକାରୀ, ଆଶା ଓ ଅଙ୍ଗନବାଡି କର୍ମୀ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଗର୍ଭାବସ୍ଥା ଓ ଶିଶୁର ବିକାଶ ସମୟରେ ସଠିକ ପୋଷଣ ଓ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ସୁଶ୍ରୀ ରାମେଶ୍ୱରୀ ଦାଶ ଓ ମିଳନ ସାହୁ, ପ୍ରୋଜେକ୍ଟ କନ୍ସର୍ନ ଇଣ୍ଟରନ୍ୟାସନାଲ୍‌ର ସିନିୟର କୋ-ଅର୍ଡିନେଟର ପ୍ରତାପ ପାଣିଗ୍ରାହୀ ଓ କଳ୍ପନା ବନଛୋର ଉପସ୍ଥିତ ଥିଲେ।

## ବଡ଼ରମା ଘାଟିରେ ବସ୍-ଟ୍ରକ୍ ଧକ୍କା

**ଜମନକିରା, ୭।୮ (ସମିସ):** ବଡ଼ରମା ଘାଟିରେ ପୁଣି ଦୁର୍ଘଟଣା ଘଟିଛି। ସମ୍ବଲପୁରରୁ କୁଚିଣ୍ଡା ଅଭିମୁଖେ ଯାଉଥିବା ଲକ୍ଷ୍ମୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ଓଡି୧୯ଭି ୯୧୭୨) ସହ ଏକ ମାଲବାହୀ ଟ୍ରକ୍ (ଜେଏଚ୍ ୧୧ ଆର୍ ୨୬୨୦) ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବସରେ ଥିବା ୮/ ୧୦ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ପୂର୍ବାହ୍ଣ ପ୍ରାୟ ୧୦.୪୫ଟାରେ ବଡ଼ରମା ଘାଟି ଦେଇ ଯାତ୍ରୀବାହୀ ବସ୍‌ଟି ଆସୁ ଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ଟ୍ରକ୍ ସହ ଜୋରଦାର ଧକ୍କା ହୋଇଥିଲା। ଖବର ପାଇବା କ୍ଷଣି ଜମନକିରା ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ସମ୍ବଲପୁର ମେଡିକାଲକୁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

## ୨ ଘଟଣାରେ ୪୦ କିଲୋ ଗଞ୍ଜେଇ ଜବତ, ୫ ଗିରଫ

**ସମ୍ବଲପୁର, ୭।୮ (ସମିସ):** ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢ଼ଉ କରି ୪୦ କିଲୋ ଗଞ୍ଜେଇ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସଦର ରେଞ୍ଜ ଆବକାରୀ ନିରୀକ୍ଷକଙ୍କ ନେତୃତ୍ୱରେ ରେଙ୍ଗାଲି ଥାନା ଅନ୍ତର୍ଗତ ମହାବୀର ଛକ ନିକଟରୁ ୨୪ କିଲୋ ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ - ବିହାରର ଭୋଜପୁର ଜିଲ୍ଲାର ଅଙ୍କିତ କୁମାର ସିଂହ (୨୭), ପୁରୁଷୋତ୍ତମ କୁମାର ଯାଦବ (୨୬) ଏବଂ ପ୍ରକାଶ କୁମାର (୨୩)। ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ, ରେଙ୍ଗାଲି ଅବକାରୀ ଶାଖାର ସବ୍-ଇନ୍ସପେକ୍ଟର ଜୁରୀପଡ଼ା ଛକ ନିକଟରେ ଚଢ଼ଉ କରି ୧୫ କିଲୋ ୭୦୦ ଗ୍ରାମ୍ ଗଞ୍ଜେଇ ସହ ଏକ ଅଟୋ ରିକ୍ସା ଜବତ କରିଛନ୍ତି। ଏହି ମାମଲାରେ ବିହାରର ମାଧୋଲାଲ ସିଂହ (୫୦) ଏବଂ ସମ୍ବଲପୁରର ଅଟୋ ଚାଳକ ବିକାଶ ଘୋଷ (୫୧) ଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ଜବତ ଗଞ୍ଜେଇ ଓ ଗାଡ଼ିର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ।

# ହୀରାକୁଦ ଜଳସ୍ତର ୬୧୩.୨୯ ଫୁଟ୍, ୮ ଗେଟ୍ ଖୋଲା

**ସମ୍ବଲପୁର, ୭।୮ (ସମିସ):** ହୀରାକୁଦ ଡ୍ୟାମର ଜଳସ୍ତର କ୍ରମାଗତ ଭାବେ ଖସି ଆଜି ୬୧୩.୨୯ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରରୁ ପ୍ରବେଶ ଜଳ ଅପେକ୍ଷା ନିଷ୍କାସିତ ହେଉଥିବା ଜଳ ପରିମାଣ ଅଧିକ ରହିଛି। ସମ୍ପ୍ରତି ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୨୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୫୪, ୭୪୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୫୪, ୭୪୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୨୧, ୦୬୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୪୮୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୯୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୩୧, ୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୮୪, ୭୮୦ କ୍ୟୁସେକ୍, ଖଇରମାଳଠାରେ ୩, ୨୦, ୦୦୦ କ୍ୟୁସେକ୍, ବଠମୂଳଠାରେ ୨, ୫୮, ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୩, ୧୩, ୬୫୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଜିଲ୍ଲାସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ



**ସମ୍ବଲପୁର, ୭।୮ (ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆଜି ଜିଲ୍ଲାସ୍ତରୀୟ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବୟନଶିଳ୍ପ କାର୍ଯ୍ୟାଳୟ ଉପ-ନିର୍ଦ୍ଦେଶକଙ୍କ ଶାଖା ପକ୍ଷରୁ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ ଭୋଇ, ଜିଲ୍ଲା ଶିଳ୍ପକେନ୍ଦ୍ର ଜେନେରାଲ ମ୍ୟାନେଜର ସତୀଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଇନ୍ଦ୍ରମଣି କାଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ, ସମ୍ବଲପୁର) ମୋନାଲିସା ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଏସ୍‌ଏଆର୍‌ସିଏସ୍ ଶରତଲାଲ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର କୃତାର୍ଥ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୟନ ନିରୀକ୍ଷକ ସୁଦାମ ପଣ୍ଡା, ବୈଷୟିକ ସହାୟକ ବୈଦ୍ୟନାଥ ଷଣ୍ଢ, ବୈଷୟିକ ସହାୟକ ଅଲେଖ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାରେ କର୍ଡୋଲା, ବଡ଼ତୁରାଙ୍ଗ, ଝାରମୁଣ୍ଡା, ବୈଜାମୁଣ୍ଡା, କାଳିଜୁରୀ ଅଞ୍ଚଳରୁ ଶତାଧିକ ବୁଣାକାର ଯୋଗ ଦେଇଥିଲେ।

### ବିଭାଗ ପାଖରେ ବୁଣାକାରଙ୍କ ତଥ୍ୟ ନାହିଁ

ଅଗଷ୍ଟ ୭ ତାରିଖ ଆସିଲେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ସମ୍ବଲପୁର ଓ ବରଗଡ଼ ଜିଲ୍ଲା ହସ୍ତତନ୍ତକୁ ନେଇ ଗୋଟିଏ ୟୁନିଟ୍ ହୋଇଥିବାବେଳେ ରାଜ୍ୟର ପ୍ରାୟ ଏକ-ତୃତୀୟାଂଶ ବୁଣାକାର ଏହି ଅଞ୍ଚଳର ବୋଲି କୁହାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀମାନେ କୌଣସି ତଥ୍ୟ ଦେଇପାରୁନାହାନ୍ତି। ସମ୍ବଲପୁର ଜିଲ୍ଲାର କେଉଁ ଗ୍ରାମରେ କେତେଜଣ ପୁରୁଷ ଓ ମହିଳା ବୁଣାକାର ଅଛନ୍ତି? ସେମାନେ ନିୟମିତ ଭାବେ କେତେ ସଂଖ୍ୟାରେ ଉତ୍ପାଦ କରୁଛନ୍ତି? ସେମାନଙ୍କ ଉତ୍ପାଦର ବିକ୍ରୟ ପାଇଁ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି? ସରକାରୀ ଯୋଜନା ସେମାନଙ୍କ ପାଖରେ ପହଞ୍ଚୁଛି କି' ନାହିଁ ସେନେଇ ଅଧିକାରୀମାନେ ଉତ୍ତର ଦେଇପାରି ନ ଥିଲେ। ଏହାସହ ପ୍ରତି ପାଞ୍ଚବର୍ଷରେ ବୁଣାକାରଙ୍କ ଗଣନା (ସେନ୍‌ସସ୍) ହୋଇଥାଏ। ଗତ କିଛି ବର୍ଷ ହେବ ଏହା ମଧ୍ୟ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏହି ସେନ୍‌ସସ୍ ତଥ୍ୟ ପାଇଲେ ପ୍ରତି ପାଞ୍ଚବର୍ଷରେ ବୁଣାକାର ସଂଖ୍ୟାରେ ବୃଦ୍ଧି ହେଉଛି ନା ହ୍ରାସ ପାଉଛି ସେନେଇ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନିଆଯାଇପାରିବ ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି।

## ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

**ସମ୍ବଲପୁର, ୭।୮ (ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସ୍ଥିତ ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ପିଏଚ୍‌ଓ)ଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ସମ୍ବଲପୁର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏହି ବୈଠକ ହୋଇଥିଲା। 'ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' (ଏସ୍‌ଏସ୍‌ଡିଡିୱାଇ) ଆଧାରରେ ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଏସ୍‌ଇପିଏଚ୍) ୨୦୨୬-୨୭, ଆଣ୍ଟି-ମାଲେରିଆ ଏବଂ ଡେଙ୍ଗୁ ମାସ ପାଳନ ତଥା ମାଲେରିଆ ପ୍ରତିରୋଧ ଟାସ୍କଫୋର୍ସ କାର୍ଯ୍ୟକ୍ରମ ଏବଂ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ବିଷୟରେ ଆଲୋଚନା କରାଯାଇଥିଲା। ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ) ସମସ୍ତ ଛାତ୍ରଛାତ୍ରୀ ଏବଂ ଏସଏସଇପିଡି ବିଭାଗାଧୀନ ସ୍ୱତନ୍ତ୍ର ବିଦ୍ୟାଳୟର ସମସ୍ତ ପିଲା ଅନ୍ତର୍ଭୁକ୍ତ। ଗତବର୍ଷ ମୋଟ ୩୬ଟି ଶିବିର (୩୩ଟି ସାଧାରଣ ସ୍କୁଲ ଓ ୩ଟି ସ୍ୱତନ୍ତ୍ର ସ୍କୁଲ) ଜରିଆରେ ମୋଟ ୧, ୭୦୦ଟି ଚଷମା ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ମୋଟ ୧, ୩୧୨ଟି ସ୍କୁଲର ୧, ୧୮, ୧୮୨ ଜଣ ଛାତ୍ରଛାତ୍ରୀଙ୍କୁ କଭର୍ କରିବା ଏବଂ ୩୫ଟି ଭିଜନ ଚେକ୍-ଅପ୍ କ୍ୟାମ୍ପ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୧୦ ତାରିଖରେ ଜାତୀୟ କୃମିନାଶକ ଦିବସ ଏବଂ ଅଗଷ୍ଟ ୧୭ରେ ମପ୍-ଅପ୍ ଦିବସ ପାଳନ କରାଯିବ। ୧ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଏବଂ କିଶୋର/କିଶୋରୀ ଓ ୨୦ରୁ ୨୪ ବର୍ଷ ବୟସର ମହିଳା (ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉ ନ ଥିବା ମାଆ)ଙ୍କୁ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଏବଂ ଅନ୍ୱେଷା ହଷ୍ଟେଲରେ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ମିଳିତ ସହଯୋଗରେ ବଟିକା/ସିରପ୍ କେବଳ ସ୍ୱାସ୍ଥ୍ୟ କର୍ମୀଙ୍କ ତତ୍ତ୍ୱାବଧାନରେ ଖୁଆଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ମୋଟ ୨, ୪୨, ୩୮୦ ଜଣ ହିତାଧିକାରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ରେଳପଥ ମହାପ୍ରବନ୍ଧକଙ୍କ ସମ୍ବଲପୁର-ବଲାଙ୍ଗୀର ସେକ୍ସନ ନିରୀକ୍ଷଣ

**ସମ୍ବଲପୁର, ୭।୮ (ସମିସ) :** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର-ବଲାଙ୍ଗୀର ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ



ସମୟରେ ରେଳସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ, ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଆଦି ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ। ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବାଉପରେ ଗୁରୁତ୍ୱାରୋପ କରିଥିଲେ। ମହାପ୍ରବନ୍ଧକଙ୍କ ଏହି ନିରୀକ୍ଷଣ ସମୟରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୋରି ମାମଲାରେ ୨ ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୭।୮ (ସମିସ)**

ରେଙ୍ଗାଲି ଥାନା ଗଣେଶ ନଗରରେ ଦୀପକ ହରଙ୍କ ଘରେ ଚୋରି ମାଲାରେ ୨ ଜଣ ଧରା ପଡ଼ିଛନ୍ତି। ଗତ ଜୁଲାଇ ୧୯ ତାରିଖ ରାତିରେ ସେ ଘରେ ନ ଥିବା ସମୟରେ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ପଶି ଚୋରି କରିଥିଲେ। ଏହି ମାମଲାର ତଦନ୍ତ କରି ପୁଲିସ ଛତିଶଗଡ଼ର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ବ୍ୟବହାର କରୁଥିବା କାର୍ ସହ ଚୋରି ସାମଗ୍ରୀ ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ର ରାୟଗଡ଼ ଜିଲ୍ଲା ଲାଇଲୁଙ୍ଗା ଥାନା ଅନ୍ତର୍ଗତ ଝରମାର ଅନିଲ ଲାକଡା (୨୬) ଏବଂ ସେହି ଥାନା ଅଞ୍ଚଳର ବୈଶକିମୁଣ୍ଡା ଗ୍ରାମର ସୁନ୍ଦର ମିଞ୍ଜ (୨୪)। ପୁଲିସ ସେମାନଙ୍କଠାରୁ କାର୍ (ଜେଏଚ୍‌୦୧ ସିଆର୍‌୯୩୭୦) ସହ ଦୁଇଟି ନକଲି ନମ୍ବର ପ୍ଲେଟ୍ (ଓଡି୦୩ ଏସି୯୩୯୫ ଓ ଓଡି୧୬ ଏ୪୫୪୫) ଜବତ କରିଛି।



ଏହାସହ ଅଭିଯୁକ୍ତ ଅନିଲ ଲାକଡ଼ାଠାରୁ ନଗଦ ୨୦ ହଜାର ଟଙ୍କା ଏବଂ ଅଭିଯୁକ୍ତ ସୁନ୍ଦର ମିଞ୍ଜଙ୍କ



ପାଖରୁ ଘରୋଇ ସାମଗ୍ରୀ ଯଥା ୪ଟି ପିତ୍ତଳ ଗରିଆ, ଗୋଟିଏ ପିତ୍ତଳ ପରାତ, ଗୋଟିଏ ପିତ୍ତଳ ବୈଥି ଖୁରି, ଗୋଟିଏ ପିତ୍ତଳ ଗ୍ଲାସ, ୬ଟି ପିତ୍ତଳ ପୂଜା ସାମଗ୍ରୀ ଓ ୨୦ଟି ପିତ୍ତଳ ଥାଳି ଇତ୍ୟାଦି ଜବତ କରାଯାଇଛି। ଏମମାନେ ୧୯ ତାରିଖ ରାତିରେ କବାଟ ଭାଙ୍ଗିବା ସହ ବାକ୍ସ ଭାଙ୍ଗି ସୁନା କାନଫୁଲ, ୪ ହଳ ରୂପା ପାଉଁଜି, ୩୦ଟି ଥାଳି, ଗୋଟିଏ ପିତଳ ବୈଥି ଖୁରି, ଗୋଟିଏ ପିତଳ ପରାତ, ଯୁଦ୍ଧଜାହାଜ ସାମଗ୍ରୀ ଏବଂ ନଗଦ ୪୦ ହଜାର ଟଙ୍କା ଟଙ୍କା ଲୁଟି ନେଇଥିଲେ। ରେଙ୍ଗାଲି ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ, ସିସିଟିଭି ଫୁଟେଜ୍, ଗତିବିଧିର ବିଶ୍ଳେଷଣ ଏବଂ ନିରନ୍ତର ତଦନ୍ତ ଆଧାରରେ ରେଙ୍ଗାଲି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

# ଲଗାଣ ବର୍ଷାରେ ଧୋଇଗଲା ବନ୍ଧପାରି-ଲାଞ୍ଜିଗଡ଼ ରାସ୍ତାପାର୍ଶ୍ୱ

## ଯାତ୍ରୀଙ୍କ ଜୀବନ ବିପଦରେ;ମରାମତି ଦାବି



**ଲାଞ୍ଜିଗଡ଼, ୭।୮(ସମିସ):** ଲଗାଣ ବର୍ଷା ପରେ ବନ୍ଧପାରିରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱ ଧସିଯାଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ଲଗାଣବର୍ଷାରେ ରାସ୍ତା ତଳେ ଥିବା ମାଟି ଧୋଇଯାଇଥିବାରୁ କଲଭର୍ଟ ନିକଟରେ ବଡ଼ ଅଂଶରେ ଗାତ ସୃଷ୍ଟି ହୋଇଛି। ବାହାରୁ ଦେଖିଲେ ରାସ୍ତା ସାଧାରଣ ଲାଗୁଥିଲେ ମଧ୍ୟ ଭିତର ଅଂଶ ଫାଙ୍କା ହୋଇଯାଇଥିବାରୁ ଯେକୌଣସି ସମୟରେ ରାସ୍ତାର ଅବଶିଷ୍ଟ ଅଂଶ ଭୁଶୁଡ଼ି ପାରେ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ବାଇକ୍, କାର୍, ସ୍କୁଲ ଯାନ, ଆମ୍ବୁଲାନ୍ସ ଓ ଅତ୍ୟାବଶ୍ୟକ ସାମଗ୍ରୀ ବୋଝେଇ ଗାଡ଼ି ଚଳାଚଳ କରୁଛି। ବିଶେଷକରି ରାତି ସମୟରେ କିମ୍ବା ବର୍ଷା ହେଉଥିବାବେଳେ ଏହି ଗର୍ତ୍ତ ଦେଖିବା କଷ୍ଟକର ହେଉଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଇଛି। ଘଟଣା ପରେ ସ୍ଥାନୀୟ ଲୋକମାନେ ନିଜସ୍ୱ ଉଦ୍ୟମରେ ରାସ୍ତା ପାର୍ଶ୍ୱରେ ବାଡ଼ ବାନ୍ଧି ଯାତ୍ରୀଙ୍କୁ ସତର୍କ କରିବାକୁ ଚେଷ୍ଟା କରିଛନ୍ତି। ମାତ୍ର ସ୍ଥାୟୀ ମରାମତି ନିହାତି ଆବଶ୍ୟକ। ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଘଟଣାସ୍ଥଳର ତୁରନ୍ତ ପରିଦର୍ଶନ କରି କ୍ଷତିଗ୍ରସ୍ତ ଅଂଶର ମରାମତି କରିବା ସହ ସୁରକ୍ଷା ବ୍ୟାରିକେଡ୍, ସତର୍କ ସୂଚନା ବୋର୍ଡ ଓ ରାତିରେ ଦୃଶ୍ୟମାନ ହେବା ପାଇଁ ରିଫ୍ଲେକ୍ଟର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ଭାଜପା ନେତା ହତ୍ୟା ପ୍ରସଙ୍ଗ

# ବିଜେପି ସରକାରରେ ଦଳୀୟ ନେତା ବି ଅସୁରକ୍ଷିତ

**ଭବାନୀପାଟଣା, ୭।୮(ସମିସ)**

ବର୍ତ୍ତମାନ ଚାରିଆଡ଼େ ଅପରାଧପ୍ରବଣ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ହତ୍ୟାଭଳି ଜଘନ୍ୟ ଅପରାଧ ଘଟାଇବାକୁ ଅପରାଧୀ ତିଳେମାତ୍ର ଭୟ କରୁନାହାଁନ୍ତି। ବିଜେପି

### ୨୪ ଘଣ୍ଟା ମଧ୍ୟରେ ୩ ହତ୍ୟାକାରୀ ଗିରଫ

### ଗୋଡ଼େଇ ଗୋଡ଼େଇ ହାଣି ହତ୍ୟା କରିଥିଲେ ଦୁର୍ବୃତ୍ତ

ସରକାରରେ ନିଜ ଦଳୀୟନେତା ଓ କର୍ମୀ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ଗତ ଦୁଇଦିନ ପୂର୍ବେ ଜଣେ ବିଜେପି ନେତାଙ୍କୁ ଅତି ନିର୍ମମ ଭାବେ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା ଘଟଣାରୁ ଏହା ସୁସ୍ପଷ୍ଟ। ପୁଲିସ ୨୪ଘଣ୍ଟା ମଧ୍ୟରେ ୩ ଜଣ ହତ୍ୟାକାରୀଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।



କଳାହାଣ୍ଡି ଜିଲ୍ଲା ଏମ. ରାମପୁର ଥାନା ଡମ୍ କର୍ଲାଖୁଣ୍ଟାର ସରପଞ୍ଚ ସ୍ନିଗ୍ଧା ରଣାଙ୍କ ସ୍ୱାମୀ ତଥା ଭାଜପା ନେତା ଫକୀର ରଣାଙ୍କୁ ହତ୍ୟା ଘଟଣାରେ ସାମିଲ ୩ ଅଭିଯୁକ୍ତଙ୍କୁ ପୁଲିସ ୨୪ ଘଣ୍ଟା ମଧ୍ୟରେ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଡମ୍ କର୍ଲାଖୁଣ୍ଟା ଗ୍ରାମର ତୁଳସୀରାମ ସାହୁ (୪୧), ସୁରସିଂ ପାତ୍ର (୩୫) ଏବଂ ଫଟାମୁଣ୍ଡାର ବଳଦେବ ସାହୁ (୨୮)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ପି ନାଗରାଜ୍ ଦେବର କୋଣ୍ଡା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ହତ୍ୟା ପରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରି ଅଭିଯୁକ୍ତମାନଙ୍କୁ କାବୁ କରାଯାଇଥିଲା। ୩ ଅପରାଧୀଙ୍କ ମଧ୍ୟରୁ ଫଟାମୁଣ୍ଡାର ବଳଦେବକୁ



ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଅଞ୍ଚଳରୁ ଗତ ରାତିରେ ଉଠାଇଥିବା ପୁଲିସ କହିଛି।

ପ୍ରକାଶ ଯେ, ଗତ ବୁଧବାର ସନ୍ଧ୍ୟାରେ ଫକୀର ସ୍ଥାନୀୟ ବସ୍ତିରୁ ଶ୍ରମିକଙ୍କୁ ଭେଟି ବାଇକରେ ଘରକୁ ଫେରୁଥିବାବେଳେ ରାସ୍ତାରେ ପଡୁଥିବା ଏକ ପୋଲ ନିକଟରେ ପୂର୍ବରୁ ଛପି ରହିଥିବା ୩ ଅଭିଯୁକ୍ତ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ସେ ବାଇକ୍ ଛାଡ଼ି ଦୌଡ଼ି ପଳାଉଥିବାବେଳେ ପ୍ରାୟ ଶହେ ମିଟର ଯାଏ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଛୁରୀରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫକୀରଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳରେ ମୃତ ଫକୀରଙ୍କ ସ୍ତ୍ରୀ ସ୍ନିଗ୍ଧା ଏମ. ରାମପୁର ଥାନାରେ ଲିଖିତ ଅଭିଯୋଗରେ ଯେଉଁ ମାନଙ୍କ ନାଁ ଲେଖିଥିଲେ ସେମାନଙ୍କୁ ହିଁ ପୁଲିସ ଗିରଫ କରିଛି। ଏହାପରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ ସହ ଅଧିକ ତଦନ୍ତ ଚଳାଇଛି।

# ନର୍ଲା ରେଞ୍ଜରେ ହାତୀଛୁଆର ମୃତ୍ୟୁ



**ଭବାନୀପାଟଣା, ୭।୮(ସମିସ):** ନର୍ଲାରେ ଦିନକୁ ଦିନ ଗଜରାଜଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ କମେ ବିଟ୍‌ର ଜାମପଡ଼ା ଓ ଖଇରମାଳ ମଝି ଜଙ୍ଗଲରେ ପୁଣି ଏକ ଛୁଆ ହାତୀର ମୃତ୍ୟୁ ଘଟିଛି। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମାତ୍ର ଛୁଆଟିର କିପରି ମୃତ୍ୟୁ ଘଟିଲା ଜଣାପଡ଼ିନାହିଁ। ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଓ ଏନେଇ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

# ବିଶିଷ୍ଟ ସଂଗଠକ ରମେଶ ଚନ୍ଦ୍ର ଜେନାଙ୍କ ପରଲୋକ

**କେସିଙ୍ଗା, ୭।୮(ସମିସ):** କେସିଙ୍ଗାର ଜଣାଶୁଣା ବ୍ୟକ୍ତି, ସଂସ୍କୃତି ପ୍ରେମୀ ତଥା ସଂଗଠକ ରମେଶ ଚନ୍ଦ୍ର ଜେନାଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ ୨ ବର୍ଷ ହେଲା କର୍କଟରେ ପୀଡ଼ିତ ଥିଲେ। କେସିଙ୍ଗା ନଗର



ପାଳ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସମସ୍ତ ରାଜନୈତିକ ଦଳର ସଭାପତି, କେସିଙ୍ଗା ସାମ୍ବାଦିକ ମହାସଂଘର ସଭାପତି ଦୟା ସୁନାନୀ, ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିବା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାସ, ସିଟିଜନ ଫୋରମ୍‌ର ସଭାପତି ଡାକ୍ତର ହେମ ସାଗର ସାହା, ସମ୍ପାଦକ ଭି. ଚନ୍ଦ୍ର ଶେଖର ଆଚାରୀଙ୍କ ସମେତ ବିଭିନ୍ନ ସଙ୍ଗଠନର ସଭାପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବ ହାତୀଙ୍କ ଅକାଳ ବିୟୋଗ

**ସିନାପାଲି/ଖଡିଆଳ, ୭।୮(ସମିସ):** ଖଡ଼ିଆଳ, ବୋଡ଼େନ ଏବଂ ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ



କରିଥିବା ମାଧବ ହାତୀଙ୍କ ୫୩ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସେ ଦୀର୍ଘଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କ କିଡ୍‌ନୀ ପ୍ରତିରୋପଣ ହୋଇଥିଲା। ତାଙ୍କ ସ୍ତ୍ରୀ ତାଙ୍କୁ ଏକ କିଡ୍‌ନୀ ଦେଇଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ବିଶାଖାପାଟଣା ନିଆଯାଇଥିଲେ। ସେଠାରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ଖଡ଼ିଆଳ ବ୍ଲକ ରାନିମୁଣ୍ଡା ଗ୍ରାମର ନିବାସୀ ସ୍ୱର୍ଗତ ହାତୀଙ୍କୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି।

# ଜ୍ୱରରେ ଥରୁଛି ଦୁର୍ଗମ କେଲୁଆ ଗାଁ; ପହଞ୍ଚୁନି ମେଡିକାଲ୍ ଟିମ୍

**ଥୁଆମୂଳ ରାମପୁର, ୭।୮(ସମିସ):** କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ନାକୁରୁଣ୍ଡି ଗ୍ରାମ ପଞ୍ଚାୟତର ଅତି ଦୁର୍ଗମ କେଲୁଆ ଗାଁରେ ଗତ ପ୍ରାୟ ୧୫ ଦିନ ଧରି ଜ୍ୱର, ଥଣ୍ଡା ଓ କାଶ ଭଳି ରୋଗ ବ୍ୟାପିବାରେ ଲାଗିଛି। ଘରେ ଘରେ ଜ୍ୱର ଥଣ୍ଡାରେ ଲୋକେ ଅସୁସ୍ଥ ହୋଇଥିବାବେଳେ ଏଯାଏ ସ୍ୱାସ୍ଥ୍ୟଟିମ୍ ଗାଁରେ ପହଞ୍ଚିନାହିଁ। ନାକୁରୁଣ୍ଡିରେ ପ୍ରାଥମିକ-ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ସତ୍ତ୍ୱେ ଏଭଳି ଦୁର୍ଗମ ଅଞ୍ଚଳକୁ ନିୟମିତ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ପ୍ରଶାସନ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ୬୦ଟି ଆଦିବାସୀ ପରିବାର ବସବାସ କରୁଥିବା କେଲୁଆ ଗାଁ ବ୍ଲକ ସଦର ମହକୁମାଠାରୁ ପ୍ରାୟ ୬୦ କିଲୋମିଟର ଏବଂ ନାକୁରୁଣ୍ଡି ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଘନ ଜଙ୍ଗଲ ଓ ମାଳି ପର୍ବତ ମଧ୍ୟରେ ଅବସ୍ଥିତ।

ଅନ୍ୟପଟେ, କେଲୁଆ ଚାରିପାଖରେ ଥିବା ମାଳି ପର୍ବତରେ ବକ୍ସାଇଟ୍ ଖଣି ଖନନର ସମ୍ଭାବନାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ସମ୍ଭାବ୍ୟ ପ୍ରଭାବିତ ଏହି ଗାଁ ପ୍ରତି ପ୍ରଶାସନର ଉଦାସୀନତା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସ୍ୱାସ୍ଥ୍ୟ ସେବାର ଅଭାବ କାରଣରୁ ଅତୀତରେ ମଧ୍ୟ ଏଠାରେ ଅନେକ ଲୋକଙ୍କ ଜୀବନହାନି ଘଟିଛି। ଏକପଟେ ଖଣିଜ ସମ୍ପଦରେ ସମୃଦ୍ଧ ଅଞ୍ଚଳ, ଅନ୍ୟପଟେ ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ ଜନଜୀବନ କେଲୁଆ ଗାଁର ଏହି ବିପରୀତ ଚିତ୍ର ବିକାଶର ବାସ୍ତବତାକୁ ପ୍ରଶ୍ନବିଦ୍ଧ କରୁଛି।

# କଲମପୁର ସାର୍ବଜନୀନ ଦୁର୍ଗାପୂଜା ନୂତନ କମିଟି ଗଠିତ

**କଲମପୁର, ୭।୮(ସମିସ):** କଲମପୁର ଜଗନ୍ନାଥ ମନ୍ଦିର ପରିସରରେ ସାର୍ବଜନୀନ ଦୁର୍ଗାପୂଜା ନୂତନ କମିଟି ସର୍ବସମ୍ମତି କ୍ରମେ ଗଠିତ ହୋଇଛି। କମିଟିର ସଭାପତି ଭାବେ ସୁଶିଲ କୁମାର ଜୈନ, ଉପ ସଭାପତି ଭାବେ ସଞ୍ଜୟ ସାହୁ, ସାଧାରଣ ସମ୍ପାଦକ ଭାବେ ଘନଶ୍ୟାମ ନାଏକ, ଯୁଗ୍ମ ସମ୍ପାଦକ ଭାବେ ଅଜିତ କୁମାର ନିମୁଲିଆ ଓ କୋଷାଧ୍ୟକ୍ଷ ଭାବେ ସତ୍ୟ ନାରାୟଣ ସାହୁ ମନୋନୀତ ହୋଇଛନ୍ତି। ଏହି ନୂତନ କମିଟିକୁ ପୁରାତନ କମିଟି ସମସ୍ତ ନଥିପତ୍ର ହସ୍ତାନ୍ତର କରିଛି। ଉପଦେଷ୍ଟା କମିଟିରେ ଅମୀୟ ପାଣିଗ୍ରାହୀ, ମନୋଜ କୁମାର ଶର୍ମା, ଚେରୁ ନାଏକ, ନବୀନ ପଣ୍ଡା, ରାଜେଶ କୁମାର ଶର୍ମା, ସଚ୍ଚିଦାନନ୍ଦ ମିଶ୍ର, ନିକା ନାଏକ, ପ୍ରଶାନ୍ତ କଙ୍କରିଆ, ଶ୍ରୀବତ୍ସ ପଣ୍ଡା, ଶେଷଦେବ ନାଏକ ପ୍ରମୁଖ ମନୋନୀତ ହୋଇଛନ୍ତି।

# ପଲସଦା ବ୍ରିଜ୍ ସୁରକ୍ଷା ବାଡ଼ ଭାଙ୍ଗିଲା



**ଖଡ଼ିଆଳ, ୭।୮(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରୁ ବୋଡେନ୍ ବ୍ଲକକୁ ସଂଯୋଗ କରୁଥିବା ପିଡବ୍ଲ୍ୟୁଡି ରାସ୍ତାର ପଲସଦା ବ୍ରିଜ୍ ସୁରକ୍ଷା ବାଡ଼ ଭାଙ୍ଗିଯାଇଛି। ଫଳରେ ଯାତ୍ରୀ ଓ ଯାନବାହନ ଚଳାଚଳ ପାଇଁ ବିପଦ ସୃଷ୍ଟି ହୋଇଛି। ଗତ ସପ୍ତାହରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ବ୍ରିଜ ଉପରେ ୩ ଫୁଟ୍‌ରୁ ଅଧିକ ପାଣି ପ୍ରବାହିତ ହୋଇଥିଲା। ପାଣିର ସ୍ରୋତ ଏତେ ଜୋର ଥିଲା ଯେ ବ୍ରିଜର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ ୭୦ ପ୍ରତିଶତ ଭାଙ୍ଗିଯାଇଛି। ଫଳରେ ଏହି ପୋଲ ଦେଇ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ରାତି ସମୟରେ ଗାଡ଼ି ଚାଳକ ଅଧିକ ଅସୁରକ୍ଷିତ ମଣୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଭାଙ୍ଗିଥିବା ସୁରକ୍ଷା ବାଡ଼କୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

# ଡିଇଓଙ୍କ କାର୍ଯ୍ୟାଳୟ ଘେରିଲା ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି



**ସିନାପାଲି, ୭।୮(ସମିସ):** ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଆଜି ଶତାଧିକ ଶିକ୍ଷକ ଓ କର୍ମଚାରୀ ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଧାରଣାରେ ବସିଥିଲେ। ପ୍ରଥମେ ଶତାଧିକ ଶିକ୍ଷକ ଓ କର୍ମଚାରୀ ରାଲିରେ ଆସି ଡିଇଓ ଅଫିସ ସମ୍ମୁଖରେ ଜିଲ୍ଲା ସଭାପତି ବନ ବିହାରୀ ମେହେରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା କରିଥିଲେ। ଜିଲ୍ଲା ଆବାହକ ତଥା ଓଷ୍ଟା ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।। ଏହା ସହିତ ସରକାର ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ କଲେଜ୍ ପ୍ରତି ଅସୂୟା ଭାବ ପୋଷଣ କରୁଥିବା ଅଭିଯୋଗ କରିଥିଲେ। ପରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଭୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭରତ ବେହେରା, ପଞ୍ଚାନନ ମଟାରୀ, ସୁବାସ ଚନ୍ଦ୍ର ସାହୁ, ସୀମାଞ୍ଚଳ ଦାସ, ଚତୁର୍ଭୁଜ ସିଂଦେଓ, ତପନ ବହିଦାର, ମହତାବ ଗିରି, ପ୍ରଫୁଲ୍ଲ ମହାରଣା, ପାଣ୍ଡୁରମ୍ ପାଣ୍ଡେ, ଆଦାମ ପାଣ୍ଡେ, ଚିତ୍ତରଞ୍ଜନ ଦୁବେ, ପରମେଶ୍ୱର କଠାର, ରାଜ୍ କୁମାର୍ ତାଣ୍ଡି, କିଶୋର ଚନ୍ଦ୍ର ଯୋଷୀ, ଶର୍ମିଳା ଶତପଥୀ, ଅନୀମା ପଣ୍ଡା, ନବ କିଶୋର ଆଚାର୍ଯ୍ୟ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜିଲ୍ଲା ଯୋଜନା କମିଟିର ସଦସ୍ୟ ହେଲେ ଗୋପୀନାଥ



**ଧର୍ମଗଡ଼, ୭।୮(ସମିସ):** କଳାହାଣ୍ଡି ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଧର୍ମଗଡ଼ ଜୋନ ୧ ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ କଳାହାଣ୍ଡି ଜିଲ୍ଲା ଯୋଜନା କମିଟିର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ଗୋପୀନାଥ ମହାନନ୍ଦ ଜିଲ୍ଲାପରିଷଦ ସଭ୍ୟ ଭାବେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାକୁ ପଞ୍ଚାୟତ ସମିତି ବୈଠକ, ଜିଲ୍ଲାପରିଷଦ ବୈଠକ ଓ ଅଧିକାରୀ ମାନଙ୍କ ନିକଟରେ ଉଠାଇବା ସହ ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ କମିଟିରେ ଦୃଢ଼ତାର ସହ ଉପସ୍ଥାପନ କରି ତାହାର ସମାଧାନ ପାଇଁ ସର୍ବଦା ପ୍ରୟାସ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ■ ନାଳରୁ ଶବ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗରେ ଭାଇ କୋର୍ଟ ଚାଲାଣ

**ଖଡ଼ିଆଳ, ୭।୮(ସମିସ):** ବୋଡେନ ଥାନା ଅଞ୍ଚଳରେ ହତ୍ୟାକାଣ୍ଡ ଘଟଣାର ତିନି ଦିନ ପରେ ନାଳରୁ ଶବ ଉଦ୍ଧାର ଘଟଣାରେ ହତ୍ୟାକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଡ଼େନ ପୁଲିସ। ହତ୍ୟାକାରୀ ହେଲେ ମୃତକଙ୍କ ଭାଇ ରବି ପହରିଆ।



ପ୍ରକାଶ ଯେ, ବୋଡେନ ଥାନା ଅନ୍ତର୍ଗତ ଭାଇସାଦାନୀ ପଞ୍ଚାୟତ କାଠଫେର ଗ୍ରାମର ଅକାଲୁ ପହରିଆ (୬୨)ଙ୍କ ମୃତଦେହ ଜଙ୍ଗଲରେ ଥିବା ନାଳରୁ ହତ୍ୟାର ୩ ଦିନ ପରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଭାଇ ରବି ପହରିଆ (୪୫)କୁ ଶୁକ୍ରବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ସ୍ୱାଧୀନତା ଦିବସ ପ୍ରସ୍ତୁତି

**ଜୁନାଗଡ଼, ୭।୮(ସମିସ):** ଜୁନାଗଡ଼ ଠାରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସ୍ଥାନୀୟ ଏନଏସି ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ହିମାଦ୍ରୀ ନାୟକ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ, କନ୍ଦର୍ପଗୁରୁ ଓ ସମସ୍ତ ପରିଷଦ ଓ ସ୍ଥାନୀୟ ବୁଦ୍ଧିଜିବୀ ବୈଠକରେ ଯୋଗ ଦେଇଥିଲେ। ବ÷ଠକରେ ପତାକା ଉତ୍ତୋଳନ, ପ୍ୟାରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯାଇଛି।

# ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି

**କର୍ଲାମୁଣ୍ଡା, ୭।୮(ସମିସ):** କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜମି ରହିଛି ଆଣ୍ଠୁଏ ପାଣି। ଏହି ସମସ୍ୟା ପ୍ରତିବର୍ଷର ହୋଇଥିବାବେଳେ ପ୍ରସାଶନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନଥିବା ଅଭିଯୋଗ ହୋଇଛି। ଫଳରେ ଅସୁରକ୍ଷିତ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପାଠପଢ଼ା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୧୧୬ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସ୍କୁଲ ପରିସର ମଧ୍ୟରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି। ଗ୍ରାମରେ ସାମାନ୍ୟ ବର୍ଷା ହେଲେ ଡ୍ରେନର ଅଳିଆ ଆବର୍ଜନା ଅପରିଷ୍କାର ପାଣି ସମେତ ପୋଖରୀ ଓ ନିକଟସ୍ଥ କ୍ଷେତର ପାଣି ସ୍କୁଲ ସମ୍ମୁଖରେ ମାସ ମାସ ଧରି ଜମି ରହୁଛି। ସ୍କୁଲର କୋମଳମତି ଛାତ୍ରଛାତ୍ରୀ ଓ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ଶିଶୁ ସମେତ ଗର୍ବବତୀ ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ସେଠଙ୍କୁ ପଚାରିବାରୁ ବିଗତ ବର୍ଷଠାରୁ ଗ୍ରାମର ଗ୍ରାମ୍ୟ ଉନ୍ନୟନ ସମିତି, ସରପଞ୍ଚ, ସମିତି



ସଭ୍ୟ, ବ୍ଲକ ଅଧ୍ୟକ୍ଷା, ବିଡ଼ିଓଙ୍କୁ ଜଣାଇଥିବା ସେ କହିଛନ୍ତି। କିନ୍ତୁ ଏଯାଏ କୌଣସି ସୁଫଳ ମିଳିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛ। ଖବର ପାଇ ସରପଞ୍ଚ ପ୍ରମୋଦ ସୁନା ଓ ସିଆରସିସି ହେମନ୍ତ ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ବିଶମ୍ବର ଭୋଇଙ୍କ ସମେତ କମିଟି ସଭ୍ୟମାନେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ କମିଟି ପକ୍ଷରୁ ଗ୍ରାମ୍ୟ ଉନ୍ନୟନ କମିଟି ଓ ବିଡ଼ିଓଙ୍କୁ ଏହାର ସ୍ଥାୟୀ ସମାଧାନ ପାଇଁ ଲିଖିତ ନିବେଦନ କରାଯାଇଥିବା ଜଣାଯାଇଛି। ଏ ସମ୍ବନ୍ଧରେ ସ୍ଥାନିୟ ସରପଞ୍ଚ ପ୍ରମୋଦ କୁମାର ସୁନାଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ଦେଢ଼ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି, ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି।

## ନୂଆପଡ଼ାରେ ଉଠା ଜଳସେଚନ ପ୍ରକଳ୍ପର ସମୀକ୍ଷା

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସିନାପାଲି, ୭।୮(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ଉଠା ଜଳସେଚନ କର୍ପୋରେସନ (ଓଏଲଆଇସି) ଅଧୀନରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉଠା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ଉଚ୍ଚମାନରେ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ସମୀକ୍ଷା ବେଳେ ସୂଚନା ଦିଆଯାଇଥିଲା ଯେ, ୨୦୨୫-୨୬ ଆର୍ଥିକ ବର୍ଷର ୧୦୬୪ଟି ପାରମ୍ପରିକ ଗଭୀର ନଳକୂପ ପ୍ରକଳ୍ପ ମଧ୍ୟରୁ ୯୦ଟି ପାଇଁ ଟ୍ରାନ୍ସଫର୍ମର ପହଞ୍ଚିସାରିଛି ଏବଂ ଟିପିଡବ୍ଲିଓଡିଏଲ୍ କର୍ତ୍ତୃପକ୍ଷଙ୍କ ପରୀକ୍ଷଣ ପରେ ସ୍ଥାପନ କରାଯିବ। ଅନ୍ୟ ୨୧୦ଟି ପ୍ରକଳ୍ପ ପାଇଁ ଟ୍ରାନ୍ସଫର୍ମର କ୍ରୟ କରାଯାଇଥିବାବେଳେ ଚଳିତ ମାସ ଶେଷ ସୁଦ୍ଧା ସ୍ଥାପନ କରାଯିବ। ୨୨୩ଟି ପ୍ରକଳ୍ପ ପାଇଁ ୬ ପ୍ରତିଶତ ସୁପରଭିଜନ ଚାର୍ଜ ଜମା ହୋଇଥିବାବେଳେ ଅବଶିଷ୍ଟ ୧୭୭ଟି ପ୍ରକଳ୍ପ ପାଇଁ ମଧ୍ୟ ଚଳିତ ମାସ ମଧ୍ୟରେ ଜମା କରାଯିବ। ସିଏଲ୍‌ଆଇପିଏସ୍ ଯୋଜନାରେ ୨୭ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଜାରି ହୋଇଥିବାବେଳେ ୨୪ଟି ପ୍ରକଳ୍ପରେ ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୩ଟି ପ୍ରକଳ୍ପକୁ ଟିପିଡବ୍ଲିଓଡିଏଲ୍‌ର ସହଯୋଗରେ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୬୬ଟି ଏବଂ ପୁରୁଣା କାର୍ଯ୍ୟକ୍ଷମ ପ୍ରକଳ୍ପର ସୁଦୃଢ଼ୀକରଣ ପାଇଁ ୯୩ଟି ପ୍ରକଳ୍ପକୁ ଓଏଲଆଇସି ମୁଖ୍ୟାଳୟରୁ ଅନୁମତି ମିଳିଛି। ଆର୍‌ଆଇଡିଏଫ୍ ଯୋଜନାରେ ୨୦୨୬-୨୭ ବର୍ଷ ପାଇଁ ୧୨୬ଟି ନୂତନ ନଦୀଭିତ୍ତିକ ଉଠା ଜଳସେଚନ ପ୍ରକଳ୍ପର ଡିପିଆର୍ ଓଏଲଆଇସି ମୁଖ୍ୟାଳୟକୁ ପଠାଯାଇଥିବାବେଳେ ଅନୁମୋଦନ ଅପେକ୍ଷାରେ ରହିଛି। ସେହିପରି ୪୭୬ଟି କ୍ଲଷ୍ଟର ଗଭୀର ନଳକୂପ ଓ ୩୦୫ଟି ସୌରଚାଳିତ ଗଭୀର ନଳକୂପ ପାଇଁ ଡିପିଆର୍ ମଧ୍ୟ ମୁଖ୍ୟାଳୟକୁ ପଠାଯାଇଛି ଏବଂ ଟେଣ୍ଡର ପ୍ରକ୍ରିୟା ଅପେକ୍ଷାରେ ରହିଛି।

ବୈଠକରେ ଓଏଲଆଇସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ, ଟିପିଡବ୍ଲିଓ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଖ୍ୟାତ ଦେବ ପରିଡ଼ା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ବୁଡ଼ାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜୁନିଅର ଆଥଲେଟିକ୍ସରେ ବିମଳାଙ୍କୁ ରୌପ୍ୟ

**ମ.ରାମପୁର, ୭।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଆୟୋଜିତ ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ୍ସ ଚାମ୍ପିୟନସିପ୍-୨୦୨୬ର ଅଣ୍ଡର-୧୬ ବାଳିକା ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ମ. ରାମପୁର ଦୁର୍ଗା ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ବିମଳା ପାଲ ରୌପ୍ୟ ପଦକ ପାଇ ବିଦ୍ୟାଳୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।




ବିମଳା ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ନିତେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ନିୟମିତ ପ୍ରଶିକ୍ଷଣରେ ଏହି ସଫଳତା ମିଳିଛି। ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଆଚାରୀ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀ କୃତୀ ଛାତ୍ରୀ ଏବଂ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

THE SAKALA

## ବିବଶ ବାର୍ଦ୍ଧକ୍ୟ

ସବୁବେଳେ ସମସ୍ତଙ୍କ ପାଇଁ ବାର୍ଦ୍ଧକ୍ୟ ଅବାଞ୍ଛିତ। କିନ୍ତୁ ଜୀବନଚକ୍ରର ଏହି ସ୍ୱାଭାବିକ ନିଷ୍ଠୁର ପ୍ରକ୍ରିୟାକୁ ଏଡ଼ାଇ ଯିବା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଶତସଚେତନ ଥାଇ ମଧ୍ୟ ଯୌବନର ଉଦ୍ଦାମତାରେ ବାର୍ଦ୍ଧକ୍ୟକୁ ଅବହେଳା କରିବାର ମାନସିକତା ଆମ ସମାଜରେ ବଢ଼ିବାରେ ଲାଗିଛି। ଏହି କଲୁଷିତ ଧାରାଟି ବିଦେଶୀ ସଂସ୍କୃତିରୁ ଉତ୍ପନ୍ନ ହୋଇ କ୍ରମଶଃ ଭାରତୀୟ ଜନମାନସକୁ ଆଚ୍ଛନ୍ନ କରିଚାଲିଛି। ତେଣୁ ଏହାର ପରିମାଣ ମଧ୍ୟ ଅତୀବ ଭୟଙ୍କର ହେବାକୁ ଯାଉଛି।

ଆଜିର ଏକକ ପରିବାର ମାନସିକତାରେ ପରିବାରର ବୟୋଜ୍ୟେଷ୍ଠମାନେ କ୍ରମଶଃ ଅଲୋଡ଼ା ଓ ଅବହେଳିତ ହୋଇଯାଉଥିବା ସାଧାରଣ ଘଟଣା ହୋଇସାରିଲାଣି। ଏଥିପାଇଁ ବୃଦ୍ଧାଶ୍ରମ/ଜରାଶ୍ରମମାନଙ୍କର ସଂଖ୍ୟା ବଢ଼ିଚାଲିଲାଣି। ଆଜିକାଲି ଅର୍ଥାଗମ ସୁଗମ ହୋଇଛି। ତେଣୁ ପରିବାରର ବୋଝ ମନେ ହେଉଥିବା ବୁଢ଼ାବୁଢ଼ୀମାନଙ୍କୁ ମୋଟା ଅଙ୍କର ଅର୍ଥଦାନ ବଦଳରେ ଜରାଶ୍ରମମାନଙ୍କରେ ଥଇଥାନ କରିଦିଆଯାଉଛି। ଆଉ କେତେକ କ୍ଷେତ୍ରରେ ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ବୁଢ଼ାବୁଢ଼ୀମାନେ ନିଜେ ନିଜେ ଜରାଶ୍ରମକୁ ବରଣ କରି ନେଉଛନ୍ତି। ପୁଣି ଯେଉଁ ବାପାମାଆମାନେ ଏକଦା ପୁଅଝିଅଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ବିଦେଶରେ ଚାକିରି କରିବାକୁ ପଠାଇଥିଲେ ସେମାନେ ଆଜି ସବୁଥାଇ ମଧ୍ୟ ନିଃସ୍ୱ। ସେମାନଙ୍କର ସ୍ଥାୟୀ ଠିକଣା ଏବେ ଜରାଶ୍ରମ।

ସେଠାରେ ତ ସେମାନେ ଆଉ ପରିବାର ଉପରେ ବୋଝ ନୁହନ୍ତି; କେବଳ ଲୋଡ଼ନ୍ତି ପୁଅଝିଅ ନାତିନାତୁଣୀଙ୍କ ସହିତ ଟିକେ ଭାବ ବିନିମୟ। ଏବେ ଆଉ ଚିଠି ଲେଖାର ପରମ୍ପରା ନାହିଁ। ଚାହିଁବାମାତ୍ରେ ନିମିଷକେ ବାର୍ତ୍ତାଳାପ ଏପରିକି ଭିଡିଓ କଲିଂରେ ଯିଏ ଯେଉଁଠି ଥାଉ ନା କାହିଁକି ପ୍ରତ୍ୟକ୍ଷ ଦେଖାସାକ୍ଷାତ ସମ୍ଭବ ହୋଇପାରୁଛି। ତଥାପି ପୁଅଝିଅଙ୍କ ପାଖରେ ସେତିକି ସମୟ ନାହିଁ। ଆହୁରି ବିଡ଼ମ୍ବନା ହେଲା ଯେଉଁମାନେ ଦିନେ ଅଳି ଅର୍ଦ୍ଦଳି ସହି ପିଲାମାନଙ୍କୁ ମଣିଷ କରିଛନ୍ତି ସେମାନଙ୍କ ଶେଷସମୟ କିମ୍ବା ଅନ୍ତ୍ୟେଷ୍ଟିକ୍ରିୟାରେ ମଧ୍ୟ ଯୋଗ ଦେବାକୁ ପିଲାମାନଙ୍କର ପାଖରେ ସମୟ ନାହିଁ। କେବଳ ଟଙ୍କା ପଠେଇ ଦେଇ ପୁଅଝିଅମାନେ ନିଜ ଦାୟିତ୍ୱ ସରିଗଲା ବୋଲି ଭାବି ନେଉଛନ୍ତି। ଏଭଳି ଏକ ଘଟଣା ଏବେ ଜାତୀୟସ୍ତରର ଗଣମାଧ୍ୟମମାନଙ୍କରେ ଚର୍ଚ୍ଚିତ ହୋଇଛି। ଏଭଳି ସନ୍ତାନମାନେ ଦାୟିତ୍ୱ ସମ୍ପାଦନ କରୁନାହାନ୍ତି, ବରଂ ବୋଝ ହାଲ୍‌କା ହେଲା, ଅଡୁଆ ତୁଟିଲା ବୋଲି ଆଶ୍ୱସ୍ତ ହେଉଛନ୍ତି। ଦୃଷ୍ଟି ଆଢୁଆଳରେ ଆମ ସମାଜରେ ଏଭଳି ଆହୁରି ଅନେକ ଘଟଣା ଅହରହ ଘଟିଚାଲିଛି।

ଲୋକକଥା ଅନୁଯାୟୀ ଯିଏ ଯେମିତି ମଞ୍ଜି ପୋତିଥିବ ସିଏ ସେମିତି ଫଳ ତୋଳିବ। ଆଜି ଯେଉଁମାନଙ୍କ ପାଖରେ ସେମାନଙ୍କ ବୃଦ୍ଧ ପିତାମାତା ଏପରିକି ଜରାଶ୍ରମରେ କିମ୍ବା ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ୍ ହେବା ପାଇଁ ମଧ୍ୟ ସମୟ ନାହିଁ ସେମାନେ ବାର୍ଦ୍ଧକ୍ୟରେ ସମଦଶା ଭୋଗିବାକୁ ବାଧ୍ୟ। ସମସ୍ତେ ଯେ ବାର୍ଦ୍ଧକ୍ୟର ବିବଶତା ଦେଇ ଗତି କରିବେ ତାହା ବୋଧହୁଏ ଦାମ୍ଭିକମାନେ ପାସୋରି ଯାଉଛନ୍ତି। ଭାଗ୍ୟବଳରେ ଯଦି ବା ସେମାନେ ଜରାଶ୍ରମର ଅନୁଭୂତିକୁ ଏଡ଼ାଇ ଯାଆନ୍ତି ତଥାପି ଜୀବନର ଶେଷ ଠିକଣାରେ ପହଞ୍ଚିବା ଅବଧାର୍ଯ୍ୟ। ସେତେବେଳେ ସେମାନେ ଉତ୍ତରପିଢ଼ିଠାରୁ କୌଣସି ଔପଚାରିକତା ଆଉ ଅନୁଗ୍ରହ ଆଶା କରିବା ଅନୁଚିତ।

## ନକଲି ସୁନା

'ଅଲ୍ ଦାଟ୍ ଗ୍ଲିଟରସ ଇଜ୍ ନଟ୍ ଗୋଲ୍ଡ।' ଇଂରାଜୀ ଭାଷାରେ ବହୁଳ ବ୍ୟବହୃତ ଏହି ପ୍ରବାଦର ଓଡ଼ିଆ ମର୍ମାନ୍ତର ହେଉଛି - 'ଝଟକୁ ଥିବା ସବୁ ଜିନିଷ ସୁନା ନୁହେଁ।' ଅର୍ଥାତ୍ ବାହାରକୁ ଯାହା ଦେଖାଯାଏ ଅସଲରେ ତାହା ସେପରି ହେବ ବୋଲି କୌଣସି ନିଶ୍ଚିତତା ନାହିଁ। ଏ କଥା ଅନେ୍କବହୁତ ଜାଣି ମଧ୍ୟ ଆମେମାନେ ବିଭିନ୍ନ ଉତ୍ପାଦର ଲୋଭନୀୟ ବିଜ୍ଞାପନରେ ଆକୃଷ୍ଟ ହୋଇ କିଣି ନେଉଛୁ ବା ଜୀବନଚର୍ଯ୍ୟାରେ ସାମିଲ୍ କରି ନେଉଛୁ। ଏପରିକି 'ଅତିବିଶ୍ୱସନୀୟ' ଭାବେ ଧାରଣା ସୃଷ୍ଟି କରିସାରିଥିବା କମ୍ପାନୀମାନେ ମଧ୍ୟ ଉପଭୋକ୍ତାମାନଙ୍କର ଏହି ସରଳତା ଓ ମାନସିକ ଦୁର୍ବଳତାର ସୁଯୋଗ ନେଇ ବିପୁଳ ପରିମାଣର ଲାଭ କରିଚାଲୁଛନ୍ତି। ଏଭଳି ଏକ ଉଦାହରଣ ପୁଣି ଥରେ ଗଣମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଛି।

ଆୟୁର୍ବେଦ କମ୍ପାନୀ ଡାବର ଦ୍ୱାରା ବଜାରରେ ବିକ୍ରି ହେଉଥିବା ମହୁ, ନଡ଼ିଆ ଖିର ଓ ଗାଈ ଘିଅରେ ବ୍ୟବହୃତ 'ଶତପ୍ରତିଶତ' ଶବ୍ଦକୁ ହଟାଇ ଦେବା ପାଇଁ ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ(ଏଫ୍‌ଏସ୍‌ଏସ୍‌ଏଆଇ) ନିର୍ଦ୍ଦେଶ ଦେଇଛି। ୨୦୨୫ ମେ'ମାସରେ ମଧ୍ୟ ଏଫ୍‌ଏସ୍‌ଏସ୍‌ଏଆଇ ଅନୁରୂପ ନିର୍ଦ୍ଦେଶନାମା ଜାରି କରି କହିଥିଲା ଯେ କୌଣସି ଉତ୍ପାଦକୁ ଶତପ୍ରତିଶତ ବିଶୁଦ୍ଧ, ଶତପ୍ରତିଶତ ଜୈବିକ, ଶତପ୍ରତିଶତ ପ୍ରାକୃତିକ ବୋଲି ଲେଖାଯାଇପାରିବ ନାହିଁ। ଏହା ଖାଦ୍ୟ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରୁନାହିଁ, ବରଂ ଗ୍ରାହକଙ୍କୁ ଅନୈତିକ ଭାବରେ ପ୍ରଲୁବ୍ଧ କରୁଛି। କୌଣସି ଉତ୍ପାଦକୁ ବିଶ୍ୱର କୌଣସି ଅନୁଷ୍ଠାନ ଶତପ୍ରତିଶତ ବୋଲି ଦାବି କରିପାରିବେ ନାହିଁ। କାରଣ ଉତ୍ପାଦନରେ ଯେତେ ବିଶୁଦ୍ଧତା ଅବଲମ୍ବନ କରାଯାଇଥିଲେ ମଧ୍ୟ ତାହା ବଜାରକୁ ଆସିବା ପୂର୍ବରୁ ବହୁ ପ୍ରକ୍ରିୟା ଓ ସୋପାନ ଦେଇ ଗତି କରିବାକୁ ହୋଇଥାଏ। ଫଳରେ ଉତ୍ପାଦ ତାହାର ଶତପ୍ରତିଶତ ମୌଳିକତା ହରାଇଥାଏ। ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ବଜାରରେ ବିକ୍ରି ହେଉଥିବା ପ୍ରକ୍ରିୟାକୃତ ଆହାର ଗୁଣାତ୍ମକ ଦୃଷ୍ଟିରୁ ଶତ ପ୍ରତିଶତ ଆଦୌ ହୋଇପାରିବ ନାହିଁ। ସେହିପରି ଯାହା ଶତପ୍ରତିଶତ ପ୍ରାକୃତିକ ତାହା ସ୍ୱାସ୍ଥ୍ୟ ପକ୍ଷେ ଶତପ୍ରତିଶତ ହିତକର ନୁହେଁ। ଏପରିକି ସୁନା ଶତପ୍ରତିଶତ ଖାଣ୍ଟି ହେଲେ ମଧ୍ୟ ସେଥିରେ ଗହଣା ନିର୍ମାଣ ହୋଇପାରୁ ନଥିବାରୁ ଖାଦ ମିଶାଇବାକୁ ପଡ଼େ।

ବସ୍ତୁତଃ ଆଜିକାଲି ଏଭଳି କୌଣସି ସାମଗ୍ରୀ ନାହିଁ, ଯାହା ମଣିଷର ଶରୀରରେ ବିଷକ୍ରିୟା ସୃଷ୍ଟି କରୁନାହିଁ। ଯେଉଁଠି ମାଟି ପାଣି ପବନ ବିଷାକ୍ତ ହୋଇସାରିଲାଣି ଆମେ ଶତପ୍ରତିଶତ ବିଶୁଦ୍ଧତା ପାଇବା କେଉଁଠୁ? ଏପରିକି ପାଣିକୁ ଆମେ ଯେତେ ଛାଣି ପିଇଲେ ମଧ୍ୟ ଯୋଗାଣ ପାଇପ୍‌ରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ଆମ ଶରୀର ଭିତରକୁ ପ୍ରବେଶ କରୁଛି। ତେଣୁ କମ୍ପାନୀମାନେ ସେମାନଙ୍କ ଉତ୍ପାଦକୁ ଗୁଣାତ୍ମକ ମାନରେ ଶତପ୍ରତିଶତ ପ୍ରମାଣପତ୍ର ଦେବେ କିଭଳି? ଆଜିର ଦୁନିଆରେ ମାନବିକତା ମରିସାରିଥିବାରୁ ଜୀବନରକ୍ଷାକାରୀ ଔଷଧ ମଧ୍ୟ ଭେଜାଲ୍ ହେଉଛି। କିନ୍ତୁ ଶକ୍ତ ଆଇନ ନଥିବାରୁ ଭେଜାଲ୍‌କାରୀମାନେ ଅପରାଧ ଭିଆଇ ମୁକ୍ତ ଆକାଶ ତଳେ ବିଚରଣ କରୁଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ କେବଳ ନିର୍ଦ୍ଦେଶନାମା, ମାର୍ଗଦର୍ଶିକା, ପରାମର୍ଶ ଜାରି କରିବା ବଦଳରେ ଏ ଦିଗରେ ଶକ୍ତ ଆଇନ ପ୍ରଣୟନ କରିବା ଦିଗରେ ସରକାରଙ୍କୁ ସୁପାରିସ କଲେ ଚକ୍ ଚକ୍ କରୁଥିବା ସୁନା ନକଲି ନ ହୋଇ ଅସଲି ହୋଇପାରନ୍ତା।

# ନୋବେଲରେ ଭାରତ ପଛୁଆ କାହିଁକି

ଶ୍ରୀବତ୍ସ ନାୟକ

ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଦିଆଯାଉଥିବା ପୁରସ୍କାର ମଧ୍ୟରୁ 'ନୋବେଲ' ପୁରସ୍କାର ସବୁଠାରୁ ମର୍ଯ୍ୟାଦାଜନକ ତଥା ସର୍ବଶ୍ରେଷ୍ଠ। ସୁଇସ୍ ବୈଜ୍ଞାନିକ ତଥା ଡିନାମାଇଟର ଉଦ୍ଭାବକ ଆଲଫ୍ରେଡ ନୋବେଲଙ୍କ ଦ୍ୱାରା ପ୍ରତିଷ୍ଠିତ 'ନୋବେଲ ଫାଉଣ୍ଡେସନ' ତରଫରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ, ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଶାନ୍ତି, ଭେଷଜ, ସାହିତ୍ୟ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ନୋବେଲ ପୁରସ୍କାର ମୁଖ୍ୟତଃ ଜିଜ୍ଞାସା, ସୃଜନଶୀଳତା ଓ ମୌଳିକତାରୁ ପ୍ରେରିତ କାର୍ଯ୍ୟ ଏବଂ ଗବେଷଣାକୁ ମାନ୍ୟତା ଦେଇଥାଏ।

୧୯୦୧ ମସିହାରୁ ପ୍ରଚଳିତ ନୋବେଲ ପୁରସ୍କାର ୨୦୨୫ ମସିହା ସୁଦ୍ଧା ଅର୍ଥାତ୍ ୧୨୪ ବର୍ଷ ମଧ୍ୟରେ ୧୦୨୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ପଦାର୍ଥ ବିଜ୍ଞାନରେ ୨୩୦ ଜଣ, ରସାୟନ ବିଜ୍ଞାନରେ ୨୦୦ ଜଣ, ଭେଷଜରେ ୨୩୨ ଜଣ, ସାହିତ୍ୟରେ ୧୨୨ ଜଣ, ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ୧୪୩ ଜଣ ଏବଂ ଅର୍ଥନୀତି କ୍ଷେତ୍ରରେ ୯ ୯ ଜଣ ବିଦ୍ୱାନ ବ୍ୟକ୍ତି ଏହି ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ୪୨୮ ନୋବେଲ ବିଜେତାଙ୍କ ସହିତ ତାଲିକାର ଶୀର୍ଷରେ ଆମେରିକା ରହିଥିବା ବେଳେ ୧୪୪ ନୋବେଲ ବିଜେତାଙ୍କ ସହ ୟୁକେ ଏବଂ ୧୧୬ ନୋବେଲ ବିଜେତାଙ୍କ ସହିତ ଜର୍ମାନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ସ୍ୱିଡେନ ଭଳି ଏକ କ୍ଷୁଦ୍ର ରାଷ୍ଟ୍ର ୩୫ ଜଣ ନୋବେଲ ବିଜେତା ପ୍ରାପ୍ତ ହୋଇଥିବା ବେଳେ ତାଲିକାରେ ୧୦ ବିଜେତାଙ୍କ ସହ ଭାରତ ୧୯ତମ ସ୍ଥାନରେ ରହିଛି। ବହୁସଂଖ୍ୟକ ବୈଜ୍ଞାନିକ, ସୃଜନ, ଅର୍ଥନୀତିଜ୍ଞ ସହିତ ସର୍ବାଧିକ ଜନବହୁଳ ଦେଶ ହେବା ସତ୍ତ୍ୱେ ନୋବେଲରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ। ବିଶେଷକରି ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖୁଥିବା ଏବଂ ୨୦୫୦ ମସିହା ବେଳକୁ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବା ଭାରତ ବିଗତ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ନୋବେଲ ନପାଇବା ଦେଶର ବୈଜ୍ଞାନିକ ସୃଜନଶୀଳତା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାରତୀୟ ଶିକ୍ଷାରୁ ନବସୃଜନ କାହିଁକି ହଜିଯାଉଛି, ନୋବେଲ ପୁରସ୍କାର ଦୌଡ଼ରେ ଭାରତ କାହିଁକି ପଛରେ ଅଛି ତାହା ଏବେ ଆଲୋଚ୍ୟର ପ୍ରସଙ୍ଗ।

ଭାରତୀୟ ବୈଜ୍ଞାନିକମାନେ ନୋବେଲ ଭଳି ସମ୍ମାନଜନକ ପୁରସ୍କାର ନପାଇବାର ଯେଉଁସବୁ କାରଣ ରହିଛି ତନ୍ମଧ୍ୟରୁ ଗବେଷଣା କ୍ଷେତ୍ରରେ ପର୍ଯ୍ୟାପ୍ତ ସମ୍ବଳ ବିନିଯୋଗ ନ ହେବା ପ୍ରମୁଖ କାରଣ। ଏ କ୍ଷେତ୍ରରେ ଇସ୍ରାଏଲ ଘରୋଇ ଉତ୍ପାଦ (ଜିଡିପି) ର ୬.୩ ପ୍ରତିଶତ, ତାଇୱାନ ୪.୯ ପ୍ରତିଶତ, ଦକ୍ଷିଣ କୋରିଆ ୪.୫ ପ୍ରତିଶତ, ଆମେରିକା ୩.୪ ପ୍ରତିଶତ, ଜାପାନ ୩.୪ ପ୍ରତିଶତ, ଅଷ୍ଟ୍ରିଆ ୩.୩ ପ୍ରତିଶତ, ଜର୍ମାନ୍ ୩.୧ ପ୍ରତିଶତ ଓ ଚୀନ ୨.୪ ପ୍ରତିଶତ ଅର୍ଥ ବିନିଯୋଗ କରୁଥିବାବେଳେ ଭାରତର ବିନିଯୋଗ ମାତ୍ର ୦.୭ ପ୍ରତିଶତ। ୨୦୧୦-୧୧ ଆର୍ଥିକ ବର୍ଷରେ ଭାରତରେ ଗବେଷଣା ପାଇଁ ୬୦, ୧୯୬.୭୫ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ୨୦୨୦-୨୧ରେ ୧, ୨୭, ୩୮୦.୯୬ କୋଟି ଟଙ୍କା ବିନିଯୋଗ ହୋଇଥିଲା। ନିବେଶ ପରିମାଣ ଏକ ଦଶନ୍ଧିରେ ଦ୍ୱିଗୁଣିତ ହୋଇଥିଲା ସତ; ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ।

ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଭାରତୀୟ ବୈଜ୍ଞାନିକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ୨୦୨୪ ମସିହାରେ ପ୍ରାୟ ୫, ୩୦୦ ଭାରତୀୟ ବୈଜ୍ଞାନିକ ଏଥିରେ ସ୍ଥାନ ପାଇଥିଲେ, ଯାହା ପ୍ରକୃତରେ ଗର୍ବର ବିଷୟ। ଏତେସଂଖ୍ୟକ ବୈଜ୍ଞାନିକ ଥିବା ସତ୍ତ୍ୱେ ଭାରତ ବିଜ୍ଞାନ କ୍ଷେତ୍ରରେ ନୋବେଲସ୍ତରୀୟ ସଫଳତା ହାସଲ ନ କରିବା ପ୍ରମାଣ କରୁଛି ଯେ ଗବେଷଣା ଗୁଣାତ୍ମକ ନହୋଇ ପରିମାଣାତ୍ମକ ହୋଇଯାଇଛି। ଗବେଷଣାର ମୌଳିକତା ଯଥେଷ୍ଟ ହ୍ରାସ ପାଇଛି। ଉଚ୍ଚ ଗୁଣବତ୍ତା ଅନୁସନ୍ଧାନ ହେଉନାହିଁ। ଅଧିକ ଉଦ୍ଧୃତ ଓ ପେଟେଣ୍ଟ ଦାଖଲ ଉପରେ ଧ୍ୟାନ ଦିଆଯାଉଛି। ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅନେକ ଦୁର୍ବଳତା ମଧ୍ୟ ଏଥିନିମନ୍ତେ କେତେକାଂଶରେ ଦାୟୀ। ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଏମ୍ଆଇଟି ଓ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ତୁଳନାରେ ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷାବ୍ୟବସ୍ଥା ବହୁ ପଛରେ। ଭାରତରେ ଗବେଷଣା ବଦଳରେ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଏ। ଭାରତର ଯେଉଁମାନେ ଗବେଷଣା କ୍ଷେତ୍ରରେ ଉଣାଅଧିକେ ଦକ୍ଷ, ସେମାନେ ବିଦେଶରେ ରହି ଅନେକ ଗୁଣାତ୍ମକ ଗବେଷଣା କରୁଛନ୍ତି। ଭାରତ ଜନ୍ମିତ ବିଦେଶରେ ନାଗରିକତ୍ୱ ଗ୍ରହଣ କରି ଅନେକ୍ ବିଦ୍ୱାନ ନୋବେଲପ୍ରାପ୍ତ ହୋଇଛନ୍ତି। ଏ କ୍ଷେତ୍ରରେ ହରଗୋବିନ୍ଦ ଖୁରାନା, ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର, ରାମକୃଷ୍ଣନ ପ୍ରମୁଖ ରହିଛନ୍ତି।

ଏତଦବ୍ୟତୀତ ଭାରତରେ ଦୀର୍ଘକାଳୀନ ଦୂରଦୃଷ୍ଟି ସମ୍ପନ୍ନ ନୀତି ନିର୍ଦ୍ଧାରଣର ଅଭାବ ରହୁଛି। ଚୀନ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶରେ ୨୦-୩୦ ବର୍ଷର ଦୀର୍ଘକାଳୀନ ଯୋଜନା ରହିଥିବା ବେଳେ ଭାରତର ଯୋଜନାର ସର୍ବକାଳୀନ ଅବଧି ହେଉଛି ପାଞ୍ଚ ବର୍ଷ। ବୈଜ୍ଞାନିକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା, ସରକାରୀ ଚାପ, ଅର୍ଥନୈତିକ ପୃଷ୍ଠପୋଷକତା ମାତ୍ରାଧିକ ପ୍ରାଶାସନିକ ହସ୍ତକ୍ଷେପ ମଧ୍ୟ ଏ କ୍ଷେତ୍ରରେ କେତେକାଂଶରେ ଦାୟୀ। ଉପଯୁକ୍ତ ମେଧାବୀ ଚିହ୍ନିବାରେ ଅସମର୍ଥ ଯୋଗୁଁ ଯେଉଁକିଛି ଗବେଷଣା ହେଉଛି ସେଗୁଡ଼ିକ ପାରମ୍ପରିକ ଏବଂ ପୂର୍ବଲିଖିତ ଧାରାର ଏକ ପୁନରାବୃତ୍ତି ମାତ୍ର। ଉପଯୁକ୍ତ ଯୋଗ୍ୟତା, ଗବେଷଣା ଦକ୍ଷତା ଓ ଉଚ୍ଚକୋଟୀର ଅନୁସନ୍ଧାନ ଥାଇ ମଧ୍ୟ ଭାରତର ପ୍ରାଶାସନିକ ନିୟମ ଅନୁସାରେ ପଦୋନ୍ନତି ନିମନ୍ତେ ବିଜ୍ଞ ଅପେକ୍ଷା ଅଭିଜ୍ଞଙ୍କୁ ଗୁରୁତ୍ୱ ଦିଆଯାଉଛି। କୌଣସି ମେଧାବୀ ତଥା ଯୁବ ବୈଜ୍ଞାନିକ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ ଗବେଷଣା କରିବାର ସୁଯୋଗ ପାଉଥିଲେ ମଧ୍ୟ ରାଜନୈତିକ ଚାପ ତଥା ଉପଯୁକ୍ତ ସରଞ୍ଜାମ ଅଭାବରୁ ଗବେଷଣା ବାଧାପ୍ରାପ୍ତ ହୋଇଥାଏ। ଏହିଭଳି ଏକ ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକର ସ୍ୱପ୍ନ ମରିଯାଏ ଓ ପ୍ରେରଣା ହଜିଯାଏ। ପ୍ରକାଶନ ଓ ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୁଏ। ଥରେ ଚିନ୍ତା କରନ୍ତୁ ତ! ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଅବଦୁଲ କଲାମଙ୍କୁ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳି ନଥିଲା କିନ୍ତୁ ପରବର୍ତ୍ତୀ ସମୟରେ ସେ ଭାରତର 'ମିଶାଇଲ ମ୍ୟାନ' ଭାବରେ ପ୍ରତିଷ୍ଠିତ ହୋଇଥିଲେ।

ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବାକୁ ହେଲେ ଜିଜ୍ଞାସାକୁ ଦମନ କରିବା ପରିବର୍ତ୍ତେ ଉତ୍ସାହିତ କରିବା ଉଚିତ। ଏଥିପାଇଁ ଶିକ୍ଷାରେ ସଂସ୍କାର ଆଣିବା ଦରକାର। ଭାରତୀୟ ସମ୍ବିଧାନ ଅନୁଯାୟୀ, ବୈଜ୍ଞାନିକ ମନୋଭାବ ବିକଶିତ କରିବା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ, ଯାହା ୧୯୭୬ ମସିହା ୪୨ତମ ସଂଶୋଧନର ଧାରା ୫୧ଇ(ଏଚ୍) ମାଧ୍ୟମରେ ସାମିଲ କରାଯାଇଛି। ଏହି ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କୁ ପ୍ରଶ୍ନ କରିବା ମନୋଭାବ, ମାନବବାଦ ଓ ସଂସ୍କାରର ମନୋଭାବ ବିକଶିତ କରିବାକୁ ଆହ୍ୱାନ କରେ। ଏହା ଆମକୁ ମନେ ପକାଇଦିଏ ଯେ ବୈଜ୍ଞାନିକ ପଦ୍ଧତିର ଲକ୍ଷ୍ୟ ହେଉଛି ମାନବ କଲ୍ୟାଣ। ତେଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା ଓ ସୃଜନଶୀଳତାକୁ ପ୍ରଭାବଶାଳୀ ଭାବରେ ବିକଶିତ କରିବା ଉଚିତ୍। ଅନ୍ୟପକ୍ଷରେ ଦେଖିଲେ 'ଧର୍ମ ଓ ଅନେକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଭାରତ ବିଜ୍ଞାନ କ୍ଷେତ୍ରରେ ବହୁତ ପଛରେ ରହିଯାଇଛି। ସରକାର ଏ ସବୁ ଉପରେ ଯତ୍ନବାନ୍ ହେବା ନିହାତି ଜରୁରୀ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

# ଜନମଙ୍ଗଳ ଯୋଜନା ଓ ସରକାରଙ୍କ ଉତ୍ତରଦାୟିତ୍ୱ

ଡା. ରାଜାରାମ ଷଡ଼ଙ୍ଗୀ

ଯୋଜନା ଅଛି, ବ୍ୟବସ୍ଥା ଅଛି, ବଜେଟ୍ ଅଛି; କିନ୍ତୁ ଯଦି ଲାଭ ପାଇବାକୁ ଥିବା ହିତାଧିକାରୀଟିଏ ଏ ଦୁଆରରୁ ସେ ଦୁଆର ଧାଇଁ ଧାଇଁ ନିଜ ଅଧିକାର ପାଇପାରୁନାହିଁ, ତେବେ ପ୍ରଶ୍ନ କେବଳ ବ୍ୟବସ୍ଥାର ନୁହେଁ। ପ୍ରଶ୍ନ ହେଉଛି ଶାସନର ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱର। ସରକାରୀ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ସବୁଠାରୁ ଦୁର୍ବଳ, ଅସହାୟ ଓ ବଞ୍ଚିତ ଲୋକଙ୍କ ଜୀବନରେ ସୁରକ୍ଷା ଓ ସ୍ୱାଭିମାନର ଆଶ୍ୱାସନା ଆଣିବା। ଜଣେ ବୃଦ୍ଧଙ୍କ ହାତରେ ଭତ୍ତା, ଜଣେ ଦିବ୍ୟାଙ୍ଗଙ୍କ ହାତରେ ସାମାଜିକ ସୁରକ୍ଷାର ସହାୟତା, ଜଣେ ଗରିବ ପରିବାରର ମୁଣ୍ଡ ଉପରେ ଛାତ - ଏ ସବୁ କେବଳ ସରକାରୀ ଅନୁଦାନ ନୁହେଁ; ଏହା ହେଉଛି ରାଜ୍ୟର ସାମାଜିକ ଦାୟିତ୍ୱର ପ୍ରତିଫଳନ। କିନ୍ତୁ ଯେତେବେଳେ ସେହି ସହାୟତା ପାଇବା ପାଇଁ ଜଣେ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳାଙ୍କୁ ବାୟୋମେଟ୍ରିକ, କେୱାଇସି ଓ ଅନ୍ୟାନ୍ୟ ପ୍ରକ୍ରିୟାର ଜଟିଳତାରେ ଅଟକି ରହିବାକୁ ପଡ଼େ, ସେତେବେଳେ ଆମକୁ ଭାବିବାକୁ ହେବ ବ୍ୟବସ୍ଥା ମଣିଷ ପାଇଁ ନା ମଣିଷ ବ୍ୟବସ୍ଥା ପାଇଁ?

ଉଦାହରଣ ସ୍ୱରୂପ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର କଦଳୀଗଡ଼ ଗ୍ରାମର ଶତପ୍ରତିଶତ ଦିବ୍ୟାଙ୍ଗ ଯଶୋମତି କଅଁର ନିଜେ ଚାଲିପାରୁନାହାନ୍ତି। ବାପା-ମା' ନାହାନ୍ତି। ଅତ୍ୟନ୍ତ ଦୁର୍ବଳ ଆର୍ଥିକ ପରିବେଶରେ ଭାଇଙ୍କ ଆଶ୍ରୟରେ ଜୀବନ କାଟୁଛନ୍ତି। ଯେଉଁ ଘର ତାଙ୍କୁ ଆଶ୍ରୟ ଦେଉଛି, ସେଠାରେ ମଧ୍ୟ ଦାରିଦ୍ର୍ୟର ଚିହ୍ନ ଜଳ ଜଳ ଦେଖାଯାଉଛି। ପୂର୍ବରୁ ହାତକୁ ହାତ ମିଳୁଥିବା ଯଶୋମତିଙ୍କ ଭତ୍ତା ଏବେ ପ୍ରଶାସନ ପାଖରେ ଅଟକି ଯାଇଛି। ବ୍ୟାଙ୍କ ମାଧ୍ୟମରେ ଟଙ୍କା ପାଇବା ବ୍ୟବସ୍ଥା ଆରମ୍ଭ ହେବା ପରେ ଏଭଳି ଅବସ୍ଥା। ନଗଦରୁ ବ୍ୟାଙ୍କ ଭଳି ସେବା ପାଇଁ ଯଦି ସମସ୍ୟା ସୃଷ୍ଟି ହୋଇଛି, ତେବେ ଏହାର ସମାଧାନ କରିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଫିଙ୍ଗର ପ୍ରିଣ୍ଟ ମେଳ ନ ଖାଇବା, ବାୟୋମେଟ୍ରିକ ଚିହ୍ନଟ ନ ହେବା କିମ୍ବା ଆଖି ସ୍କାନ୍ ସମ୍ଭବ ନହେବା ଏସବୁ ଯଶୋମତିଙ୍କ ଦୋଷ ନୁହେଁ। ତେଣୁ ଏଭଳି ସମସ୍ୟାରେ ତାଙ୍କର ଅଧିକାର ଅଟକାଇବାର କୌଣସି କାରଣ ରହିବ ଏହା ଉଚିତ ନୁହେଁ।

ଡିଜିଟାଲ ପ୍ରଶାସନ, ଆଧାର ଆଧାରିତ ପ୍ରମାଣୀକରଣ ଓ ବାୟୋମେଟ୍ରିକ ବ୍ୟବସ୍ଥା ଦୁର୍ନୀତି ହ୍ରାସ, ସ୍ୱଚ୍ଛତା ଓ ଶୀଘ୍ର ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରଯୁକ୍ତି କେବେ ମଣିଷର ଅଧିକାର ପାଇବାରେ ବାଧା ହେବା ଉଚିତ ନୁହେଁ। ବିଶେଷକରି ଦିବ୍ୟାଙ୍ଗ, ବୃଦ୍ଧ, ଶଯ୍ୟାଶାୟୀ ଓ ଅତ୍ୟନ୍ତ ଅସହାୟ ବ୍ୟକ୍ତିଙ୍କ କ୍ଷେତ୍ରରେ 'ବିକଳ୍ପ ବ୍ୟବସ୍ଥା' ହିଁ ପ୍ରଶାସନର ପ୍ରଥମ ଚିନ୍ତା ହେବା ଦରକାର। ଯଦି ଏକ ମେସିନ୍ ଜଣେ ନାଗରିକଙ୍କୁ ଚିହ୍ନଟ କରିପାରୁନାହିଁ, ତେବେ ନାଗରିକଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଦିଆଯାଇପାରିବ ନାହିଁ। ଯଦି କେହି ଅସହାୟ ହିତାଧିକାରୀ ବ୍ୟାଙ୍କକୁ ଆସନ୍ତି ଏବଂ ବାୟୋମେଟ୍ରିକ ବିଫଳ ହୁଏ, ତେବେ କେବଳ 'କେୱାଇସି ହେଉନି' କହି ତାଙ୍କୁ ଫେରାଇଦେବା ପ୍ରଶାସନିକ ଦୃଷ୍ଟିରୁ ଗୁରୁତର ଚିନ୍ତାର ବିଷୟ। ଯଦି କେୱାଇସି ନାମରେ କାହାର ଅଧିକାର ଛଡ଼ାଇ ନିଆଯାଏ ତେବେ ବ୍ୟବସ୍ଥା ଉପରେ ଏହା ସରକାରୀ ବିଫଳତା ଭାବେ ପ୍ରତୀୟମାନ ହେବ।

ଜଣେ ସାଧାରଣ ନାଗରିକ ହୁଏତ ଏକାଧିକ ଥର ବ୍ୟାଙ୍କକୁ ଯାଇପାରିବେ। କିନ୍ତୁ ଯେଉଁ ମହିଳା ନିଜେ ଚାଲିପାରୁନାହାନ୍ତି, ତାଙ୍କୁ ପ୍ରତିଥର ଭାଇ କିମ୍ବା ପରିବାରର ସହାୟତାରେ ନେଇଯିବାକୁ ପଡୁଛି, ପ୍ରତ୍ୟେକ ଯାତ୍ରା ତାଙ୍କ ପାଇଁ ଏକ ଯନ୍ତ୍ରଣା। ତେଣୁ ଏଭଳି ମାମଲାରେ ଅଧିକାରୀଙ୍କ ଭୂମିକା କେବଳ ନିୟମ ଦେଖାଇବାରେ ସୀମିତ ନରଖି ସମାଧାନ ଖୋଜିବାର ପନ୍ଥା ଖୋଜିବା ଆବଶ୍ୟକ। ଏଠାରେ ସ୍ପଷ୍ଟ ହେବା ଉଚିତ ଯେ ଯୋଜନାର ସଫଳତା କାଗଜରେ ନୁହେଁ, ହିତାଧିକାରୀଙ୍କ ହାତରେ ରହିଥାଏ। ସରକାର ଯେତେ ଯୋଜନା ଘୋଷଣା କରନ୍ତୁ, ଯେତେ ବଡ଼ ବଜେଟ୍ ବ୍ୟବସ୍ଥା କରନ୍ତୁ, ତାହାର ସଫଳତାର ପ୍ରକୃତ ମାପଦଣ୍ଡ ହେଉଛି ଶେଷଧାଡ଼ିରେ ଥିବା ମଣିଷଟିଏ ତାହାର ଲାଭ ପାଇଲା କି ନାହିଁ।

ଯଶୋମତିଙ୍କ ଭଳି ଲୋକଙ୍କ ପାଖରେ ଯୋଜନା ପହଞ୍ଚି ନ ଥିଲେ ଯୋଜନାର ଉଦ୍ଦେଶ୍ୟ ଅଧାରେ ରହିଯାଏ। କାଗଜରେ ହିତାଧିକାରୀଙ୍କ ନାମ ଥିବା ଏବଂ ବାସ୍ତବରେ ତାଙ୍କ ହାତକୁ ଟଙ୍କା ପହଞ୍ଚିବା ଏହି ଦୁଇଟି ଏକ ନୁହେଁ। ଏହି ଘଟଣା କେବଳ ଜଣେ ଯଶୋମତିଙ୍କ କାହାଣୀ ନୁହେଁ। ରାଜ୍ୟର ଅନେକ ଗାଁରେ ଏଭଳି ଅନେକ ହିତାଧିକାରୀ ଥାଇପାରନ୍ତି, ଯେଉଁମାନେ କାଗଜରେ ଯୋଜନାର ହିତାଧିକାରୀ, କିନ୍ତୁ ବାସ୍ତବରେ ଲାଭ ପାଇବାରୁ ବଞ୍ଚିତ। କାହାର ଆଧାର ସମସ୍ୟା, କାହାର ବ୍ୟାଙ୍କ ସମସ୍ୟା, କାହାର ବାୟୋମେଟ୍ରିକ ସମସ୍ୟା, ଆଉ କାହାର ଦସ୍ତାବିଜ ସମସ୍ୟା। ଏଭଳି କ୍ଷେତ୍ରରେ ପ୍ରଶାସନକୁ ହିଁ ଖୋଜିବାକୁ ପଡ଼ିବ ସମାଧାନର ପନ୍ଥା। 'ହିତାଧିକାରୀ କାହିଁକି ପାଇଲେ ନାହିଁ' ଅପେକ୍ଷା 'କେମିତି ତାଙ୍କୁ ପହଞ୍ଚାଇବା' ତାହା ପ୍ରଶାସନର ଚିନ୍ତା ହେବା ଆବଶ୍ୟକ।

ଯଶୋମତିଙ୍କ ଘଟଣାରେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବା ଆବଶ୍ୟକ। କେଉଁଠି ସମସ୍ୟା ହେଉଛି, କାହିଁକି ହେଉଛି ଏବଂ ଏତେଦିନ ଧରି ଅଭିଯୋଗ ହେବା ସତ୍ତ୍ୱେ ଏହାର ସମାଧାନ କାହିଁକି ହୋଇନାହିଁ? ଏହା ହିଁ ଏକ ସ୍ୱଚ୍ଛ ସରକାରଙ୍କ ପାଇଁ ପ୍ରଶାସନର ମୂଳ ଦାୟିତ୍ୱ। କେବଳ ଯଶୋମତିଙ୍କ ଭତ୍ତା ଚାଲୁ କରିଦେଲେ ଦାୟିତ୍ୱ ଶେଷ ହେବ ନାହିଁ। ତାଙ୍କ ବକେୟା ଭତ୍ତା, ଆବାସ ଯୋଜନାର ଲାଭ ଏବଂ ଭବିଷ୍ୟତରେ ଯେପରି ଏଭଳି ସମସ୍ୟା ପୁଣି ନହୁଏ, ସେଥିପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ଆବଶ୍ୟକ। ସରକାର ଲୋକଙ୍କ ପାଇଁ। ପ୍ରଶାସନ ଲୋକଙ୍କ ସେବା ପାଇଁ। ଯୋଜନା ମଧ୍ୟ ଲୋକଙ୍କ କଲ୍ୟାଣ ପାଇଁ। ତେଣୁ ଜଣେ ଅସହାୟ ଦିବ୍ୟାଙ୍ଗ ମହିଳା ନିଜ ପ୍ରାପ୍ୟ ପାଇଁ ବ୍ଲକ, ପଞ୍ଚାୟତ ଓ ବ୍ୟାଙ୍କ ଦୁଆରରେ ଧାଇଁ ଧାଇଁ ନିରାଶ ହେବା ନିଶ୍ଚିତ ଭାବେ ଏକ ବ୍ୟବସ୍ଥାଗତ ପ୍ରଶ୍ନ ଉଠାଏ। ଯୋଜନାର ଲାଭ ପାଇବା ଜଣେ ହିତାଧିକାରୀଙ୍କ ଦୟା ନୁହେଁ, ତାଙ୍କ ଅଧିକାର। ସେହି ଅଧିକାର ପାଇଁ ଯଦି ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଅସହାୟ ଭାବେ ଦପ୍ତରରୁ ଦପ୍ତର ଧାଇଁବାକୁ ପଡ଼େ, ତେବେ ସେଠାରେ ଆମ ଜନମଙ୍ଗଳ ବ୍ୟବସ୍ଥାର ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠେ।

ଏବେ ଆବଶ୍ୟକ ଆଉ ଏକ ପ୍ରତିଶ୍ରୁତି ନୁହେଁ, ତୁରନ୍ତ ହସ୍ତକ୍ଷେପ, ଦାୟିତ୍ୱ ନିର୍ଦ୍ଧାରଣ ଓ ସମାଧାନ। କାରଣ ଜନମଙ୍ଗଳ ଯୋଜନାର ସଫଳତାର ପ୍ରକୃତ ପ୍ରମାଣ ସରକାରୀ ଫାଇଲ୍‌ରେ ନୁହେଁ, ଯଶୋମତିଙ୍କ ଭଳି ଶେଷଧାଡ଼ିର ମଣିଷଙ୍କ ମୁହଁରେ ସ୍ପଷ୍ଟ ବାରିହେଉଥିବା ହସ।

ପଡ଼ିଆବାହାଲ(ସମ୍ବଲପୁର),
ମୋ: ୯୪୩୭୪୦୫୪୫୫

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ନଂ ୧୩- ତ୍ରୟୋଦଶ ଶିଳାଲେଖ ହେଉଛି ଏହି ଶୃଙ୍ଖଳାର ସବୁଠାରୁ ଲମ୍ବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କଳିଙ୍ଗ ସଂସ୍କରଣରେ ଏହା ବାଦ୍ ପଡ଼ିବା ବାରମ୍ବାର ଲକ୍ଷ୍ୟ କରାଯାଉଛି ଏବଂ ଏଥିପାଇଁ ଦିଆଯାଇଥିବା କାରଣଗୁଡ଼ିକ ପ୍ରାୟ ସର୍ବସମ୍ମତ ଜଣାପଡ଼େ।

ଶିଳାଲେଖର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶଟି ହେଉଛି କଳିଙ୍ଗ ଯୁଦ୍ଧ ଏବଂ ଏହାଦ୍ୱାରା ଘଟିଥିବା ମାନବିକ ଦୁଃଖକଷ୍ଟ ପାଇଁ ଅଶୋକଙ୍କ ଅନୁତାପକୁ ବର୍ଣ୍ଣନା କରୁଥିବା ଉକ୍ତି। ଯେଉଁ ଲୋକମାନେ ପରାଜିତ ହୋଇଥିଲେ ସେମାନେ ନିଶ୍ଚିତ ଭାବେ ନିଜର କ୍ଷୟକ୍ଷତିକୁ ମନେ ପକାଇବାକୁ ଚାହିଁବେ ନାହିଁ। ଘଟଣାକ୍ରମେ ଅଶୋକ ଏହି କ୍ଷୟକ୍ଷତିକୁ ବଢ଼ାଇ ଅତ୍ୟୁକ୍ତି କରି କହିଥାଇ ପାରନ୍ତି, ଯେପରିକି ସେ ପ୍ରଥମ ଶିଳାଲେଖରେ ତାଙ୍କ ରାଜପ୍ରସାଦରେ ରୋଷଇ ଘରେ ପ୍ରତିଦିନ ହତ୍ୟା କରାଯାଉଥିବା ପଶୁଙ୍କ ସଂଖ୍ୟାକୁ ନିଶ୍ଚିତ ଭାବେ ଅତ୍ୟୁକ୍ତି କରିଥିଲେ। ଅଶୋକଙ୍କ ଅନୁତାପ ତାଙ୍କ ବିଜୟ ଲାଭ କରିଥିବା ଅଞ୍ଚଳରେ ଅଧିକ ପ୍ରଚାରିତ ହେଲେ ନିଶ୍ଚିତ ଭାବରେ ଏକ ଅଡୁଆ ପ୍ରଶ୍ନ ସୃଷ୍ଟି କରିଥା'ନ୍ତା। ଯଦି ତାଙ୍କର ଅନୁତାପ ପ୍ରକୃତ ଥିଲା ତେବେ ସେ କଳିଙ୍ଗକୁ ସ୍ୱାଧୀନତା କାହିଁକି ଫେରାଇ ଦେଲେ ନାହିଁ? ସେହି ଆଦେଶକୁ ଏହା ସହିତ ଦୁର୍ବଳତାର ଏକ ସଙ୍କେତ ଭାବରେ ମଧ୍ୟ ବିବେଚନା କରାଯାଇପାରିବ ଏବଂ ଏହା ଦର୍ଶାଇବ ଯେ ବିଦ୍ରୋହ ଅଥବା ବିପ୍ଳବ କିମ୍ବା ଅବାଧ୍ୟତାକୁ ଦୃଢ଼ ଭାବରେ ଦମନ କରାଯିବ।



ଓଡ଼ିଶାର ବୌଦ୍ଧ ପରମ୍ପରା

ଉପରେ ଦର୍ଶାଯାଇଥିବା ଉଦ୍ଧୃତିର ପରବର୍ତ୍ତୀ ଅଂଶଟି ସେହି ଧର୍ମ ବିଜୟ ବିଷୟରେ ସୂଚିତ କରିଥାଏ, ଯାହା ଅଶୋକ ନିଜ ସାମ୍ରାଜ୍ୟର ସୀମା ଭିତରେ ଏବଂ ସୀମା ବାହାରେ ଉଭୟ ସ୍ଥାନରେ ହାସଲ କରିଥିଲେ। ଯଦି ଅଶୋକ ତାଙ୍କ ନିଜର ଶିଳାଲେଖ ମାଧ୍ୟମରେ ତାଙ୍କର ଧର୍ମ, ନୀତି, ଅହିଂସା ଓ କଳିଙ୍ଗ ଯୁଦ୍ଧ ପାଇଁ ଅନୁତାପ କରିଥିବା କଥା କଳିଙ୍ଗର ଲୋକମାନଙ୍କୁ ଜଣାଇଥା'ନ୍ତେ ତେବେ ଏହା ତାଙ୍କ ସାମ୍ରାଜ୍ୟ ପାଇଁ ରାଜନୈତିକ ସ୍ତରରେ ଅନୁଚିତ ତଥା ବିପଜ୍ଜନକ ହୋଇଥା'ନ୍ତା। କାରଣ ଏହା ସ୍ଥାନୀୟ ଲୋକଙ୍କ ମନରେ ଏହି ପ୍ରଶ୍ନ ଆସିଥା'ନ୍ତା କି ଯଦି ଅଶୋକ ପ୍ରକୃତରେ ଧର୍ମ ମାଧ୍ୟମରେ ବିଜୟ ଉପରେ ବିଶ୍ୱାସ କରୁଥିଲେ ତେବେ ସେ କାହିଁକି ଏହି ଅଞ୍ଚଳରୁ ନିଜ ସେନାଙ୍କୁ ପ୍ରତ୍ୟାହାର କଲେ ନାହିଁ ଏବଂ ଏହିପରି ଭାବରେ ପୁଣି ଏକ ବିଜୟ ହାସଲ କଲେ?

ତ୍ରୟୋଦଶ ଶିଳାନୁଶାସନରେ ଶେଷ କେତୋଟି ଧାଡ଼ିରେ ଅଶୋକ ତାଙ୍କର ଉତ୍ତରାଧିକାରୀମାନଙ୍କୁ ଆଉ ନୂତନ ଯୁଦ୍ଧ କିମ୍ବା ବିଜୟ ବିଷୟରେ ଚିନ୍ତା ନ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ବଦଳରେ ସେମାନଙ୍କୁ ତାଙ୍କ ନିଜ ଭଳି ଧର୍ମ ଏବଂ ଅହିଂସାର ଶାନ୍ତିପୂର୍ଣ୍ଣ ବିଜୟ ଅଥବା ଧର୍ମବିଜୟ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଯଦି ଏହି ଲେଖାଟି କଳିଙ୍ଗରେ ପ୍ରକାଶ ପାଇଥା'ନ୍ତା ତେବେ ସ୍ଥାନୀୟ ଦେଶପ୍ରେମୀମାନଙ୍କୁ ନୈତିକ ଶକ୍ତି ତଥା ପ୍ରେରଣା ଦେଇଥା'ନ୍ତା, ଯାହାଦ୍ୱାରା ସେମାନେ ଅଶୋକଙ୍କ ମୃତ୍ୟୁ ପରେ ନିଜ ଅଧିକାର ପାଇଁ ଲଢ଼ି ପାରିଥା'ନ୍ତେ, ଯଦି ମୌର୍ଯ୍ୟ ବଂଶୀୟ ରାଜାମାନେ କଳିଙ୍ଗ ଉପରେ ନିଜ ଶାସନ ବଜାୟ ରଖିଥା'ନ୍ତେ। କିନ୍ତୁ ବାସ୍ତବରେ ସେପରି ଘଟି ନ ଥିଲା। ଅଶୋକଙ୍କ ମୃତ୍ୟୁ ପରେ ମୌର୍ଯ୍ୟ ସାମ୍ରାଜ୍ୟ ଦୁର୍ବଳ ହୋଇଯାଇଥିଲା ଏବଂ କଳିଙ୍ଗ ତାଙ୍କ କବ୍‌ଜାରେ ନଥିଲା।

ତେଣୁ ଆମେ ଏହି ନିଷ୍କର୍ଷରେ ପହଞ୍ଚି ପାରିବା ଯେ କଳିଙ୍ଗ ସଂସ୍କରଣରୁ ଦ୍ୱାଦଶ ଏବଂ ତ୍ରୟୋଦଶ ଶିଳାଲେଖଗୁଡ଼ିକୁ ମୁଖ୍ୟତଃ ସାମ୍ରାଜ୍ୟବାଦୀ ରାଜନୀତିକ କାରଣରୁ ବାଦ ଦିଆଯାଇଥିଲା। କଳିଙ୍ଗରେ ଏଗୁଡ଼ିକୁ ପ୍ରକାଶ କରାଯାଇଥିଲେ ତାହା ନିଶ୍ଚିତ ଭାବେ ରାଜଦ୍ରୋହକୁ ପ୍ରୋତ୍ସାହିତ କରିଥା'ନ୍ତା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୪୦ ବର୍ଷ ପରେ...

ନଥିଲା । ଲାଞ୍ଚ ଟଙ୍କା କାହା ପାଖକୁ ଯାଇଥିଲା, ତାହାର କୌଣସି ସ୍ପଷ୍ଟ ସୂଚନା ସିବିଆଇ ପାଇନଥିଲା । ତଦନ୍ତରେ ଅତ୍ୟଧିକ ବିଳମ୍ବ ଯୋଗୁଁ ଅନେକ ପ୍ରମୁଖ ସାକ୍ଷୀ ଓ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା । ଏହି ମାମଲାର ତଦନ୍ତ ପାଇଁ ସିବିଆଇ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କୌଣସି ଦୃଢ଼ ପ୍ରମାଣ ପାଇପାରି ନଥିଲା । ୨୦୧୮ ରେ ସୁପ୍ରିମକୋର୍ଟ ମଧ୍ୟ ଆବେଦନ କରିବାରେ ୧୨ ବର୍ଷର ବିଳମ୍ବକୁ ନେଇ ସିବିଆଇକୁ କଡ଼ା ସମାଲୋଚନା କରିଥିଲେ । ୨୦୨୫ରେ ଆମେରିକୀୟ ତଦନ୍ତକାରୀ ମାଇକେଲ ହର୍ସମ୍ୟାନଙ୍କ ଦାବି ଆଧାରରେ ଶେଷ ଉଦ୍ୟମ କରାଯାଇଥିଲେ ବି କୌଣସି ନୂତନ ତଥ୍ୟ ସାମ୍ନାକୁ ଆସିନଥିଲା । ଶେଷରେ ଦୀର୍ଘ ୪୦ ବର୍ଷର ଆଇନଗତ ଲଢେଇ ପରେ, କାହାକୁ ବି ଦୋଷୀ ସାବ୍ୟସ୍ତ ନକରି ଏହି ଚର୍ଚ୍ଚିତ ମାମଲା ସମ୍ପୂର୍ଣ୍ଣ ବନ୍ଦ ହୋଇଛି ।

## ଥାଇଲ୍ୟାଣ୍ଡ ବିଦ୍ୟାଳୟରେ...

ହୋଇ ଦୌଡ଼ି ପଳାଉଥିବା ସମୟରେ କିଛି ଛାତ୍ରଛାତ୍ରୀ ଆହାତ ହୋଇଥିବା ଜଣାପଡ଼ିଛି । ପୁଲିସ ଅଫିସର ଦେଚରାପି କୋଙ୍ଗଡିଙ୍କ ଅନୁସାରେ, ଏହି ନୃଶଂସ କାଣ୍ଡ ପଛର ମୂଳ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ତଦନ୍ତ ପରେ ଖୁବ ଶୀଘ୍ର କାରଣ ନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି । ସୂଚନାଯୋଗ୍ୟ, ଥାଇଲ୍ୟାଣ୍ଡରେ ବେଆଇନ ବନ୍ଧୁକ ବ୍ୟବହାର ଓ ହିଂସାତ୍ମକ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଏହା ସ୍ଥାନୀୟ ପ୍ରଶାସନ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି ।

## ଏନ୍‌ଟିଏ ବିଶେଷଜ୍ଞ...

ଚେକ୍ ଯାଦବଙ୍କ ସହଯୋଗୀଙ୍କୁ ଦେଇଥିଲେ । ଖୈରନାର ଏହି ପ୍ରଶ୍ନପତ୍ର ପାଇଁ ଧନଞ୍ଜୟ ଲୋଖଣ୍ଡେଙ୍କୁ ୨୫ ଲକ୍ଷ ଟଙ୍କା ଦେଇଥିବା ସ୍ୱୀକାର କରିଛନ୍ତି । ଲୋଖଣ୍ଡେଙ୍କୁ ମନୀଷା ସଞ୍ଜୟ ୱାଘମାରେଙ୍କ ଜରିଆରେ ପ୍ରଶ୍ନପତ୍ର ମିଳିଥିଲା, ଯିଏ ଏନ୍‌ଟିଏ ରସାୟନ ବିଜ୍ଞାନ ବିଶେଷଜ୍ଞ ପ୍ରହ୍ଲାଦ କୁଲକର୍ଣ୍ଣୀଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ । ୱାଘମାରେଙ୍କ ଘରୁ ଜବତ ମୋବାଇଲ୍‌ରୁ 'ନିଟ୍ ୨୦୨୬' ନାମକ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ମିଳିଛି । ସିବିଆଇ ଦ୍ୱାରା ରେକର୍ଡ କରାଯାଇଥିବା ଜଣେ ପରୀକ୍ଷାର୍ଥୀଙ୍କ ବୟାନ ଅନୁସାରେ, ୪ ଲକ୍ଷ ଟଙ୍କା ବଦଳରେ ପ୍ରଶ୍ନପତ୍ର ସହ ଏନ୍‌ଟିଏ ବିଶେଷଜ୍ଞଙ୍କ ଦ୍ୱାରା କୋଚିଂ ଓ ଅଫଲାଇନ୍ ସଂଶୋଧନ କ୍ଲାସ୍ ଯୋଗାଇଦେବାକୁ ପ୍ରସ୍ତାବ ଦିଆଯାଇଥିଲା । ଡିଜିଟାଲ ପ୍ରମାଣ, ବ୍ୟାଙ୍କ କାରବାର ଏବଂ ସାକ୍ଷୀମାନଙ୍କ ବୟାନ ଆଧାରରେ ସିବିଆଇ ଏହି ବଡ଼ ଧରଣର ସରକାରୀ ପଦବୀର ଅପବ୍ୟବହାର ଓ ସଂଘବଦ୍ଧ ଅପରାଧିକ ଷଡ଼ଯନ୍ତ୍ରର ପୂର୍ଣ୍ଣାଙ୍ଗ ତଥ୍ୟ ଅଦାଲତରେ ଉପସ୍ଥାପନ କରିଛି ।

## ଆମେରିକା ଚାପରେ...

ଏବଂ ସେବା ପ୍ରଦାନକାରୀ (ପେଟିଏମ୍, ଫୋନ୍ ପେ' ଏବଂ ଗୁଗଲ୍ ପେ') ଭଳି ପେମେଣ୍ଟ ପ୍ଲାଟ୍‌ଫର୍ମଙ୍କୁ ଶୁଳ୍କ ଦେବାକୁ ପଡିବ । ଯଦିବା ବର୍ତ୍ତମାନର ନିୟମ ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସିଷ୍ଟମ୍ ପ୍ରଦାନକାରୀମାନେ ୟୁପିଆଇ କିମ୍ବା ରୂପେ ଡେବିଟ୍ କାର୍ଡ ପେମେଣ୍ଟ ପାଇଁ ଉପଭୋକ୍ତା କିମ୍ବା ବ୍ୟବସାୟୀଙ୍କଠାରୁ କୌଣସି ଶୁଳ୍କ (ଏମ୍‌ଡିଆର୍) ଆଦାୟ କରିପାରିବେ ନାହିଁ । ପ୍ରଚଳିତ ନିୟମରେ ଏଭଳି ଶୂନ୍ୟ-ଫି ମଡେଲ୍ ଛୋଟ ଦୋକାନୀ, ରାସ୍ତା ବିକ୍ରେତା ଏବଂ ସାଧାରଣ ଗ୍ରାହକଙ୍କ ମଧ୍ୟରେ ଡିଜିଟାଲ୍ ପେମେଣ୍ଟର ଦ୍ରୁତ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍)ଙ୍କ 'ଜାତୀୟ ବାଣିଜ୍ୟ ଆକଳନ ରିପୋର୍ଟ ୨୦୨୬' ଭାରତର ୟୁପିଆଇ, ରୂପେ ଏବଂ ବ୍ରାଜିଲର ପିକ୍ସ ସିଷ୍ଟମକୁ ସମାଲୋଚନା କରିଛି । ଜିଟିଆର୍‌ଆଇର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ଭାରତ ଭିସା ଏବଂ ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏହାର ନିୟମ ପରିବର୍ତ୍ତନ କରିବା ଉଚିତ ନୁହେଁ । ଥିଙ୍କ ଟ୍ୟାଙ୍କ ଦେଶ ମଧ୍ୟରେ ପେମେଣ୍ଟ ତଥ୍ୟ ରଖିବା ପାଇଁ ଭାରତର ନିୟମ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛି । ଦେଶ ମଧ୍ୟରେ ସମ୍ବେଦନଶୀଳ ଆର୍ଥିକ ତଥ୍ୟକୁ ସୁରକ୍ଷିତ ରଖିବା ସର୍ବଦା ଠକେଇ ତଦନ୍ତ, ସାଇବର ସୁରକ୍ଷା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିଥାଏ ବୋଲି ସଂସ୍ଥା କହିଛି । ବିଚାରାଧୀନ ପ୍ରସ୍ତାବ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ୦.୩%ରୁ ୦.୫% ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରାଯାଇପାରିବ । ଆଶ୍ୱସ୍ତିକର କଥା ହେଉଛି ଯେ ଏହି ନିୟମ କେବଳ ୧.୫ କୋଟି ଟଙ୍କା ଅଧିକ ବାର୍ଷିକ କାରବାର କରୁଥିବା ବଡ଼ ବ୍ୟବସାୟୀ/ଦୋକାନୀଙ୍କ ପାଇଁ ଲାଗୁ କରିବାକୁ ଯୋଜନା କରାଯାଇଛି । ଛୋଟ ବ୍ୟବସାୟୀ ଏବଂ କିରାଣା ବିକ୍ରେତା ଏହାର ପରିସର ବାହାରେ ରହିବେ । ଅପରପକ୍ଷେ ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ପରିସ୍ଥିତି ସ୍ପଷ୍ଟ କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ ସାଧାରଣ ଗ୍ରାହକଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ; ୟୁପିଆଇ ସେମାନଙ୍କ ପାଇଁ ମାଗଣା ରହିବ ।

## ଛାଡ଼ିବନି ବର୍ଷା...

ପ୍ରବଳ ବର୍ଷା ହୋଇପାରେ । ଏଣୁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିରରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

ସମ୍ଭାବ୍ୟ ଭାରି ବର୍ଷା ଓ କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା ପରେ ସ୍କୁଲ ବନ୍ଦ କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଭୀଷଣ ବର୍ଷା ସହ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ଆଶଙ୍କା ରହିଛି । ଏଥିସହ ଜିଲ୍ଲାବ୍ୟାପୀ ଘଡ଼ଘଡ଼ି, ବିଜୁଳି ଓ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହି ଘୂର୍ଣ୍ଣିବଳୟ ଆସନ୍ତା ୨୪ରୁ ୪୮ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବାକୁ ଥିବାରୁ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବର୍ଷାର ପ୍ରଭାବ ବଜାୟ ରହିବ । ବର୍ଷାଜନିତ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଶନିବାର ପାଇଁ କୌଣସି ସୂଚନା ନ ଥିବାରୁ ସ୍କୁଲ ସ୍ୱାଭାବିକ କାର୍ଯ୍ୟ କରିବ । ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି ଓ ଆସନ୍ତାକାଲି ଶିମିଳିପାଳ, ପାର୍ଶ୍ୱବର୍ତ୍ତୀ ବ୍ଲକ ଅଞ୍ଚଳରେ ଭାରି ବୃଷ୍ଟିପାତ ସମ୍ଭାବନା ରହିଛି । ସନ୍ଧ୍ୟା ସୁଦ୍ଧା ମିଳିଥିବା ବୃଷ୍ଟିପାତ ସୂଚନା ଅନୁସାରେ ଶିମିଳିପାଳର ସାତକୋଶିଆ ଓ ଭଞ୍ଜବସାରେ ଅଧିକ ବୃଷ୍ଟି ହୋଇଛି । ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସାତକୋଶିଆରେ ୫୭.୧୫ ମିଲିମିଟର ଓ ଭଞ୍ଜବସାରେ ୫୧.୫୬୨ ମିଲିମିଟର ହୋଇଛି । ସେହିପରି ପୋଡ଼ାଡ଼ିହାରେ ୨୫.୬୫୪ ମିମି, କୁଳିପାଳରେ ୧୮.୨୮ ମିମି, କେନ୍ଦୁମୁଣ୍ଡିରେ ୧୬.୫୧ ମିମି, ରାମତୀର୍ଥରେ ୧୪.୭୩୨ ମିମି, ୟୁବିକେରେ ୧୩.୪ ମିମି, ଠାକୁରମୁଣ୍ଡାରେ ୧୨.୭ ମିମି, ଜେନାବିଲରେ ୯.୧୪୪ ମିମି ବର୍ଷା ହୋଇଛି ।

ଅନ୍ୟପଟେ ଆସନ୍ତା ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ୧୨ ତାରିଖରେ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଏହା ପ୍ରଭାବରେ ୧୪ ବେଳକୁ ପୁଣି ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି । ଏହା ପ୍ରଭାବରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି ।

## ବିଧାୟକଙ୍କ କ୍ଷମା...

ପାଇଁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ, ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ରେଭେନ୍ସା ଶିକ୍ଷକ ସଂଘ ଏବଂ ସମ୍ପୃକ୍ତ ବିଧାୟକଙ୍କ ସହ ଆଲୋଚନା ଆରମ୍ଭ ହୋଇଥିବା କୁଳପତି ସୂଚନା ଦେଇଛନ୍ତି । କୁଳପତି ଏବଂ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସିଧାସଳଖ ହଷ୍ଟେଲ ପରିଚାଳନା ତଦାରଖ କରୁଛନ୍ତି । ଜରୁରୀ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ଚାରି ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଅନ୍ୟପକ୍ଷରେ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା ସହ ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ରେଭେନ୍ସାର ପୁରାତନ ଛାତ୍ରନେତା ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭରେ ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସଭାପତି ଗଣେଶ ତ୍ରିପାଠୀ, ଶିବାଶିଷ ପ୍ରହରାଜ ଓ ହରିଶଙ୍କର ରାଉତ, ଛାତ୍ରନେତା ନନ୍ଦଲାଲ ସିଂ, ବବି ବଳବନ୍ତରାୟ, ଛାତ୍ର ସଂସଦର ପୂର୍ବତନ ସହସମ୍ପାଦକ ଭାଗ୍ୟରବି ଦାସ, ପୂର୍ବତନ ଉପସଭାପତି ଶିବାନୀ ସାହୁ ଛାତ୍ରନେତା ବିନୋଦ ସେଠୀ, ଅଶୋକ ତାଣ୍ଡି, ଇଶା ଧର, ତରୁଣସେନ ନାୟକ, ଦୀପକ ଗୁରୁ, ଆଦିଲ ରାଜା, ଋତ୍ୱିକ ମହାପାତ୍ର, ସୁରେନ୍ଦ୍ର ଜେନା, ହେମନ୍ତ ଦାଶ, ଶୁଭସ୍ମିତା ସାହୁ, ଦିବ୍ୟରଞ୍ଜନ ବେହେରା ଓ ସୌମ୍ୟରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଯେ ଅଗଷ୍ଟ ୩ ତାରିଖରେ ଇଷ୍ଟ ହଷ୍ଟେଲରେ ରହଣିଜନିତ ସମସ୍ୟାକୁ ନେଇ ଛାତ୍ର ଆନ୍ଦୋଳନ ଚାଲିଥିବା ସମୟରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଧାୟକ ରାଜନୈତିକ ହସ୍ତକ୍ଷେପ କରିବା ସହ ଚିଫ୍ ୱାର୍ଡେନ୍ ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ରୁଟା ଅଭିଯୋଗ କରିଥିଲା । ଏହି ଘଟଣାରେ ୨୯ ଜଣ ହଷ୍ଟେଲ ୱାର୍ଡେନ୍ ଓ ଡେପୁଟି ୱାର୍ଡେନଗଣ ଇସ୍ତଫା ଦେଇଥିଲେ ।

## ୨୭ ବୁଝାମଣା...

ନିବେଶ ଇଚ୍ଛାପତ୍ର ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୮,୦୬୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସମୁଦାୟଆଜି ଗସ୍ତର ପ୍ରଥମ ଦିନରେ ଓଡ଼ିଶା ସରକାର ମୋଟ ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି, ଯାହା ଦ୍ୱାରା ୪୩,୩୧୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଶିଳ୍ପପତି ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବରେ ଦେଖୁନାହିଁ, ବରଂ ଏହାକୁ ଏକ ଅର୍ଥନୈତିକ ରୂପାନ୍ତର ଭାବରେ ଦେଖୁଛି । ଓଡ଼ିଶାରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଏବଂ ସାମୁଦ୍ରିକ ସାମଗ୍ରୀ ଯେପରି ରାଜ୍ୟ ଭିତରେ ଅଧିକରୁ ଅଧିକ ପ୍ରକ୍ରିୟାକରଣ ହେବା ଆବଶ୍ୟକ । ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଉତ୍ପାଦକମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିବା ସହିତ ଯୁବବର୍ଗଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ପାଞ୍ଚଟି ଷ୍ଟ୍ରାଟେଜିକ୍ ପିଲାର୍ ସମ୍ପର୍କିତ ଏକ ଦୀର୍ଘମିଆଦୀ ରୋଡମ୍ୟାପ ମଧ୍ୟ ଉନ୍ମୋଚନ କରିଛନ୍ତି । ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ସମନ୍ୱିତ କୋଲ୍ଡ-ଚେନ୍ ଏବଂ ୱେରହାଉସିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଖାଦ୍ୟର ଗୁଣବତ୍ତା ଏବଂ ପ୍ରମାଣପତ୍ର ପ୍ରଣାଳୀକୁ ସୁଦୃଢ଼ କରିବା, ସଂଗଠିତ ଶିଳ୍ପ ସହିତ କୃଷକ ଉତ୍ପାଦକ ସଂଗଠନ, ଏମ୍‌ଏସ୍‌ଏମ୍‌ଇ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ଯୋଡ଼ିବା ହେଉଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଏହାଦ୍ୱାରା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷ ୱାର୍କଫୋର୍ସର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି ।

ସମାରୋହକୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆମର ଦୃଷ୍ଟିଭଙ୍ଗୀ ହେଉଛି ଆମର କୃଷି ଏବଂ ସାମୁଦ୍ରିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ଓଡ଼ିଶାକୁ ମୂଲ୍ୟବର୍ଦ୍ଧିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ରରେ ରୂପାନ୍ତରିତ କରିବା । ଏହି ଫୁଡ୍-ପ୍ରୋ ଇଭେଣ୍ଟ ପରେ ମୁଖ୍ୟମନ୍ତ୍ରୀ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଅଗ୍ରଣୀ ଶିଳ୍ପପତିଙ୍କ ସହିତ ଏକାଧିକ ବୈଠକ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀବୃନ୍ଦ, ଏସୋଚାମ୍‌ର ପ୍ରତିନିଧି ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଘ, ଉଦ୍ୟୋଗୀ, ନିବେଶକ ଏବଂ ବ୍ୟବସାୟୀ ପ୍ରତିନିଧିମାନେ ଯୋଗଦେଇଥିଲେ ।

## ରାଜଧାନୀରେ ଗର୍ଜିଲେ...

ସର୍ବଭାରତୀୟ ଅଭିଭାବକ ସଙ୍ଘ ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକ, ଶିକ୍ଷା ବଞ୍ଚାଓ ଆନ୍ଦୋଳନର ରାଜେନ୍ଦ୍ର ବର୍ମା, ସୁବାସ ନାୟକ, ଛାତ୍ର ନେତା ଚନ୍ଦନ ସାହୁ, କାହ୍ନୁ ଚାରଣ ପଣ୍ଡା, ନସୀମ ସରକାର ପ୍ରମୁଖ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ତୀବ୍ର ଭର୍ତ୍ସନା କରିଛନ୍ତି । ବିଭାଗର ଅପାରଗତା ଓ ପିଲାଙ୍କୁ ମୂର୍ଖ କରିବାକୁ ଷଡ଼ଯନ୍ତ୍ର କରୁଥିବା ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

## ଧାନକିଣାରୁ ବାଦ୍...

ବିରୋଧୀ ଦଳ ଦାବି କରିଛି । ତେବେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ସେ କହିଛନ୍ତି ଯେ ଗତବର୍ଷ ଧାନ ସଂଗ୍ରହ ସମୟରେ ଦେଖାଦେଇଥିବା ବିଭିନ୍ନ ତ୍ରୁଟିକୁ ସୁଧାରିବା ପାଇଁ ପଞ୍ଜୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି । ପ୍ରକୃତ ଚାଷୀଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ଏବଂ ସମସ୍ତ ଯୋଗ୍ୟ କୃଷକ ଯେପରି ଇନପୁଟ ସବସିଡି ପାଇପାରିବେ, ସେଥିପାଇଁ ସରକାର ଏହି ପଦକ୍ଷେପ ନେଇଥିବା ସେ କହିଛନ୍ତି ।


### AFFIDAVIT

By virtue of an affidavit no. 1024 before the Executive Magistrate, Rairakhol, dtd.04.08.2026, I, Manju Mirdha, W/o Late Kamal Mirdha, resident of Village Jharamunda, P.O. Badabahal, P.S. Rairakhol, Dist. Sambalpur-768106, hereby declare that my minor daughter's name has been changed from TENKEL MIRDHA to TWINKLE MIRDHA. Both names refer to one and the same person. Henceforth, my daughter shall be known as **TWINKLE MIRDHA** for all purposes.
**Manju Mirdha**

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ETELCONBBST-386E

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଏବଂ ସମ୍ବଲପୁର ମଣ୍ଡଳରେ NI ପୂର୍ବରୁ / NI ସମୟରେ ଅସ୍ଥାୟୀ ଆଲୋକୀକରଣ ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 63,25,400.01, EMD (ଟଙ୍କାରେ) : ₹1,26,500/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.14.08.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.08.2026 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-164/CJ/26-27

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELS-ANGL-OT-26-27-06

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ସଫେଇ କାର୍ଯ୍ୟକଳାପ ସମୂହ ।

ବିଜ୍ଞାପିତ ମୂଲ୍ୟ (₹): 62,31,699.20, EMD (₹): 1,24,600.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.08.2026 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ
PR-348/R/26-27

### AFFIDAVIT

I Sk Manwar Hussain S/o Late Sk Arju Hosssin residence of At- Patthan Mohalla Banka Bazar, Po/Ps- Purana Bazar, Dist- Bhadrak, Odisha, Pin-756100, declare by this affidavit No-1180, date- 02/07/2026, that now onwards I shall be known as **SHAIK MANWAR HOSSAIN** for all future purposes.

### AFFIDAVIT

I, Benugopal Krishna Maddi, aged about 69 years, S/o- Narasimhula, resident of At- Bell Road, Near S.B.I, Bank, Ps- Jeypore Town, Dist- Koraput, Odisha, Pin- 764001, do hereby declare by this affidavit No. 1564, dtd- 07/08/2026, that now onwards I shall be known as **VENUGOPAL KRISHNA MADDI** for all future purposes.

### AFFIDAVIT

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, KUJANGA, I SLAGNA SWAIN, D/O DHANESWAR SWAIN, PERMANENT RESIDENT OF VILLAGE-PATANA, P.O.- DHINKIA, P.S.- JAGATSINGHPUR, PIN-754141, ODISHA, DECLARE BY THIS AFFIDAVIT NO - 503, DATED- 28/01/2026, THAT NOW ONWORDS I SHALL BE KNOWN AS **SULAGNA SWAIN** FOR ALL FUTURE PURPOSES.

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 838, dated 30-07-2026, I, BHAGAT AMANATYA, permanent resident of Village - Disariguda, PO - Aunli, PS - Borigumma, Dist - Koraput, Odisha, Pin - 764063, declare that I have changed the name of my Son from ANANDH AMANATYA to ANANDA AMANATYA. Henceforth, he shall be known as **ANANDA AMANATYA** for all purposes.
**Sd/- Bhagat Amanatya**

### AFFIDAVIT

By virtue of an affidavit sworn before Executive Magistrate, Nabarangpur dtd. 06th August 2026, I Sri Bhaktacharan Nayak, permanent resident of village/Po. Badaguda, Ps. Kosagumuda, in the district of Nabarangpur, Odisha, Pin No. 764061 declare that I have changed my son's name from AOJET NAYAK (Old Name) to AJAY NAYAK (New Name). Henceforth, He shall be known as **AJAY NAYAK** (New Name) for all purposes.
**Bhaktacharan Nayak**

### AFFIDAVIT

By virtue of an affidavit no. 20 before the Executive Magistrate, Puri, dtd.05.08.2026, I, Jyotshnarani Sahoo, W/o Umakanta Swain, resident of Vill/PO-Olla, P.S. Chandanpur, Dist.- Puri- 752014, hereby declare that my minor son's name has been changed from SAAYAN SAMBIT SWAIN to RUDRANSH SWAIN. Both names refer to one and the same person. Henceforth, my son shall be known as **RUDRANSH SWAIN** for all purposes.
**Jyotshnarani Sahoo**

### AFFIDAVIT

Notice By virtue of an affidavit no - 1343 sworn before Executive Magistrate Sundargarh dated- 07/08/2026, I Lalaprasad Sahoo, S/o. Laxmidhar Sahoo, aged about 24 years, residing At- Manjuripada, po- Pingua, Ps- Nihalprasad, Block- Gondia, Dist-Dhenkanal, Pin- 759016 Odisha declare that, I have changed my name from **Lalaprasad Sahoo** to **Prasad Sahoo.** Henceforth I Shall be known as **Prasad Sahoo** for all future purposes.
**(PRASAD SAHOO)**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 893, dated 06.08.2026, I, SOBHASING KALAR, Son of- Narsingh Kalar, permanent resident of Village- Khutuguda, PO - Borigam, PS - Dabugam, Dist- Nabarangpur, Odisha, Pin - 764072, declare that I have changed my name from SOBHA KALAR to SOBHASING KALAR. Henceforth, I shall be known as **SOBHASING KALAR** for all purposes.
**Sd/- Sobhasing Kalar**

### AFFIDAVIT

By Virtue of an affidavit sworn before Executive Magistrate Bhograi, no- 5015, dated 06.08.2026, I, S/o Parimal Sahoo, At- Upla, Po -Dubsahi, PS- Kamarda, District-Balsore, Odisha, Pin-756035 declare that, I have changed my name from Uttam Parimal Sahoo to Uttam Sahoo. Henceforth, I shall be known as **Uttam Sahoo** for all future purpose.

### AFFIDAVIT

By virtue of an affidavit before Executive Magistrate, Bhubaneswar, I, Niroda Kumar Dehury, retired Naib-Subedar in Indian Army, S/o- Sadhu Charan Dehury residing At/Po.- Ranjagol, Ps.- Balimi, Dist.- Dhenkanal, Odisha, Pin- 759020 declare that, my wife's actual and real name is **Biswamaitri Pradhan** but her name wrongly written as Biswamaitree Pradhan in my service document vide PPO no. 91046039/2010 (now SPARSH PPO NO. 232201102178). Henceforth **BISWAMAITRI PRADHAN** and **Biswamaitree Pradhan** is one and same lady who is my legal married wife.

### For Sale

1 Number of Tractor – Tafe MF 254 Dyna Track 4WD, Registration No.- OD-01- BB-5099, Model- 2025, ENGINE NO – SJ327B96360, CHASSIS NO-MEA7D6BFBS2584298, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE, 756001, PH. NO- 06782-266658

### AFFIDAVIT

By virtue of an affidavit before the Court of Executive Magistrate, Baripada, Mayurbhanj, I, Amrapalli Rout W/o- Puneet Gaba, D/o- Sushanta Rout, At-Purunahatasahi, Ward No. 6, PO/PS-Baripada, Dist-Mayurbhanj, Odisha–757001, declare that my name has been changed from Amrapalli Patra to Amrapalli Rout. In R.C. Book No. OD11/9683, my name is recorded as Amrapalli Patra, W/o- Guru Prasad Patra. I have applied to RTA, Baripada for correction as Amrapalli Rout, W/o Puneet Gaba. This name shall be used for all future purposes.

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 823, dated 28-07-2026, I, ABHIMANYU JANI, S/o - Sagnu Jani, permanent resident of Village - Maniaguda, PO - Chacharaguda, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Son from BHAGAT JANI to BHARAT JANI. Henceforth, he shall be known as **BHARAT JANI** for all purposes.
**Sd/- Abhimanyu Jani**

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT86 ତା.01.08.2026ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଜରପଡ଼ା-କେରେଜାଙ୍ଗ-ଅନୁଗୁଳ ସେକ୍ସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଅନୁଗୁଳ (ANGL), କେରେଜାଙ୍ଗ (KPJG) ଏବଂ ଜରପଡ଼ା (JRPD) ଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ସିଙ୍ଗଲ DP ଯୁକ୍ତ ମଲ୍ଟି ସେକ୍ସନ ଡିଜିଟାଲ୍ ଏକ୍ସଲ କାଉଣ୍ଟର (MSDAC) ସହିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ ।"

ଆନୁମାନିକ ମୂଲ୍ୟ (ଟଙ୍କାରେ) : 67,42,67,109/-, EMD (ଟଙ୍କାରେ) : 1,34,85,400/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ: ତା.24.08.2026 ରିଖ 1100 ଘଟିକାରେ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ । ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର
PR-163/CJ/26-27

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 875, dated: 05-08-2026, I, MOUSUMI SETHIA, W/o - Laxman Harijan, permanent resident of - R. K Colony, Nabarangpur, PO/PS/Dist - Nabarangpur, Odisha, Pin - 764059, declare that my son's name has been wrongly recorded as "KUMAR SWASTIK" instead of "SWASTIK BIDWAN KUMAR" in the Birth Registration Certificate Vide Registration No. 1473/2026, dated 09.04.2026. Henceforth, the correct name of my son shall be known as **"SWASTIK BIDWAN KUMAR"** for all purposes.
**Sd/- Mousumi Sethia**

### AFFIDAVIT

By virtue of an affidavit no. 3086 before Notary Public, Dharamgarh, dtd.07.08.2026, I, SRIDEVI MAHANAND, W/o Hara Mahanand, Vill- Kashibahal, P.O. Dharamgarh, P.S. Dharamgarh, Dist. Kalahandi-766015, hereby declare that I have changed my name from HARIPRIYA MAHANAND to SRIDEVI MAHANAND. Both names refer to one and the same person. Henceforth, I shall be known as **SRIDEVI MAHANAND** for all purposes.
**SRIDEVI MAHANAND**

### AFFIDAVIT

By virtue of an affidavit sworn before the notary public Cuttack,dated 29.05.26, I Sailendra Kumar Sahu of chhatia PO- chhatia,PS-Badachana ,Dist - Jajpur,pin code - 754023 , declare that I have changed my minor daughter name Soumya Subhalipsa Sahu to Somya Subhalipsa Sahu. Henceforth she will be known as Somya **Subhalipsa Sahu** for all purposes.

### AFFIDAVIT

I Atya Asfia Khan S/o- Gulam Rasul, resident of Padampur, Vill: Padampur, PO: Rajborasambar, PS: Padampur, Dist: Baragarh, Odisha, PIN-768036 declare by this affidavit No- CF No.04, dated- 03.08.2026 that now onwards I shall be known as **ATAYE ASFIYA KHAN** for all future purposes.

### AFFIDAVIT

By virtue of an affidavit (CF No. 03, dtd- 10.03.2026) sworn before The Executive Magistrate, Padampur. I, **Nepal Bariha** (new name), S/o Dasharathi Bariha, permanent resident of AT- Majhipali, PO-Bhengarajpur, PS: Paikmal, Dist: Bargarh, State: Odisha, PIN: 768039 declare that I have changed my name from **Gopal Bariha** (old name) to **Nepal Bariha** (new name). Henceforth, I shall be known as **Nepal Bariha** (new name) for all purposes.
**Nepal Bariha**

### GOVERNMENT OF ODISHA

34001/601/2627
E-mail.eekalahandi@gmail.com
FAX No.06670-230512

OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA

*E-Procurement Notice*
*Bid Identification No. BC KLD-02/2026-2027*

No. **6432** Dated. **06.08.2026**

| | | | |
|---|---|---|---|
| 1 | No. of the work: | : | 01 (One) Civil works |
| 2 | Estimated cost | : | Rs 5.008 Lakhs |
| 3. | Period of completion: | : | 03 (Three) days |
| 4. | Date and time of availability of bid document in the portal: | : | 11.00 hrs of 07.08.2026 to 11.00 hrs of 12.08.2026 |
| 5 | Last date/Time for receipt of bid in the portal: | : | 11.00hour of 12.08.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single Cover Bid / Technical Bid of double cover. | : | On 12.08.2026 at 12.00 PM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division
OIPR-34001/34017/1/26-27/0002

### OFFICE OF THE PANCHAYAT SAMITI, PAIKMAL

AT/PO/PS:- Paikmal, Dist:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in
19001/181/2627

No. **1829** Dt. **03.08.2026**

**"e"-procurement Notice**

**Bid Identification No. BDO/Paikmal/04/2026-27**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

| | | | |
|---|---|---|---|
| 1. | Nature of work | : | Civil work |
| 2. | No. of works | : | 5 |
| 3. | Estimated cost | : | as per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 07.08.2026 11.00 AM to 14.08.2026 5.00 PM |
| 6. | Last date/time for receipt of Bids in the portal. | : | Dt. 14.08.2026 up to 5.00 PM |
| 7. | Bids received online shall be opened on | : | Dt. 17.08.2026 at 11 AM |
| 8. | Name and address of the Officer inviting Bid. | : | Block Development Officer, Paikmal |

Further, the details can be seen from the procurement Portal www.tendersodisha.gov.in

Block Development Officer
Paikmal
OIPR-19001/19175/1/26-27/0004

### OFFICE OF THE EXECUTIVE ENGINEER

32001/657/2627

GROUND WATER DEVELOPMENT DIVISION-1 HP BUILDING, UNIT-8, DELTA SQUARE, BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com

**"e" Procurement Notice No. 92H1 2026-27 Dt. 06.08.2026**

Bid Identification No. GWD DIV-1BBSR-06/26-27

Executive Engineer, GWD Division-I, Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1. | Nature of the Work | Civil Work |
| 2. | Name of the Work : | Construction of 2nos of Rooftop rainwater Harvesting Structures at Old Classroom (+2),Sri Jagannath College, Kaipadar of Khordha district for the FY - 2026-27. |
| 3. | Approximate amount put to tender | Rs.5.18 Lakh |
| 4. | Period of Completion | 1 (One) Calendar Month |
| 5. | Class of Contractor | "C" & "D" Class Contractor |
| 6. | Date & time of Availability of Bid document in the portal | Dt. 13.08.2026 at 11.00 AM to 24.08.2026 up to 11.00 AM |
| 7. | Last date & time of receipt of Bids in the Portal | Dt. 24.08.2026 up to 11.00 AM |
| 8. | Date, time & place of opening of Technical/ Financial Bid/s | Dt. 24.08.2026 at 11.30 AM in O/o the EE GWD Divn-1 |
| 9. | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING, UNIT-8, DELTA SQUARE, BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Executive Engineer
GWD Division I
OIPR-32001/32331/1/26-27/0001

### Sambalpur Municipal Corporation
### Sambalpur

13001/1453/2627
Email Id: sambalpurm.hud@nic.in

Notice No. 11230 /SMC/Eng. Dt. 06.08.2026

"e" Procurement Notice.
*Bid Identification No. 24/SMC.SBP/2026-27*
Tender ID No. 2026_ORULB_138060

The Municipal Commissioner on behalf of Municipal Corporation, Sambalpur invites tenders in double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. https://tendersodisha.gov.in

1. Number of Civil works: **1 (One) number**
2. Estimated Costs: **84.67 Lakhs**
3. Period of completion: As per NIT
4. Date and time of availability of the bid documents in the portal:
   **From 11 A.M. of 07.08.2026 to 05.00 PM of 24.08.2026**
5. Last Date/Time for receipt of bids in the portal: **05.00 PM of 24.08.2026**
6. Bids will be opened on: **11.00 AM of Dt. 25.08.2026**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur**

Commissioner
Sambalpur Municipal Corporation
OIPR-13001/13122/1/26-27/0019

# ଏ-୧ ମେଧାବୀଙ୍କୁ ସଫଳତାର ମନ୍ତ୍ର









ବୌଦ୍ଧ/ମନମୁଣ୍ଡା,୭ ।୮ (ସମିସ)

ବାଉଁଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୫ ଜଣ ଏ-୧' ମେଧାବୀଙ୍କୁ ସଫଳତାର ମନ୍ତ୍ର ଦିଆଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର ରଥ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଖଗେଶ୍ୱର ମେହେର ସଭା ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଦେବବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଆମ୍ବଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡା ସଭାପତିତ୍ୱ କରିଥିଲେ। କଣ୍ଟାମାଲ ବ୍ଲକ ଶିକ୍ଷା ଅଧିକାରୀ ଆଶୋଭ ରଞ୍ଜନ ମାଳି ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୩ ଜଣ ଏ-୧ଗ୍ରେଡ ଆଶାୟୀ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ସମ୍ବିତ୍ ମିଶ୍ର, ଶିକ୍ଷୟିତ୍ରୀ ମମତା ନାୟକ, ଶିକ୍ଷକ କଷ୍ଟେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରଗାଁ ସ୍କୁଲର ଶିକ୍ଷକ ବାନ୍ଧବ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସରପଞ୍ଚଙ୍କ ନାଁର ଦୁର୍ନୀତି ଅଭିଯୋଗ

କଣ୍ଟାମାଲ,୭ ।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ମନମୁଣ୍ଡା ପଞ୍ଚାୟତ ଅଧୀନ ସରସ୍ୱତୀପୁର ଗ୍ରାମରେ "ମୋ ଗାଇ ଗୁହାଳ' ଯୋଜନାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଯୋଜନାରେ ଗୁହାଳ ନିର୍ମାଣ କରିଥିଲେ ମଧ ବିଲ୍ ମିଳି ନ ଥିବା ହିତାଧିକାରୀ ମକରନ୍ଦ ଡାଙ୍ଗ ଅଭିଯୋଗ କରିଛନ୍ତି। ଏହା ସହ ବିଲ୍ ପାଇଁ ସରପଞ୍ଚ ଟଙ୍କା ଦାବି କରିଥିବା ନେଇ ମଧ ସେ ଗୁରୁତର ଅଭିଯୋଗ ଆଣିଛନ୍ତି। ୨୦୨୩-୨୪ ବର୍ଷରେ "ମୋ ଗାଇ ଗୁହାଳ' ଯୋଜନାରେ ସେ କାର୍ଯ୍ୟାଦେଶ ପାଇଥିଲେ। ୨୦୨୪ ଜୁନ୍ ୨୪ରେ ଗୁହାଳ ନିର୍ମାଣ କାମ ଆରମ୍ଭ କରିଥିଲେ। ପ୍ରାୟ ୬ ମାସ ପୂର୍ବରୁ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଲ୍ ପ୍ରଦାନ କରାଯାଇନାହିଁ। ମକରନ୍ଦଙ୍କ ଅଭିଯୋଗ ଅନୁସାରେ, ବିଲ୍ ପାଇଁ ସେ ବାରମ୍ବାର ସରପଞ୍ଚଙ୍କୁ ଅନୁରୋଧ କରିଥିଲେ; କିନ୍ତୁ କୌଣସି ସୁଫଳ ମିଳିନାହିଁ। ଏପରିକି ବିଲ୍ କରାଇ ଦେବା ପାଇଁ ସରପଞ୍ଚ ୧୦ ହଜାର ଟଙ୍କା ଦାବି କରି ୫ ହଜାର ଟଙ୍କା ନେଇଛନ୍ତି। ଅନ୍ୟପକ୍ଷରେ କରଜ କରି ଗୁହାଳ ନିର୍ମାଣ କରିଥିବା ସତ୍ତ୍ୱେ ବିଲ୍ ନ ମିଳିବାରୁ ସେ ଆର୍ଥିକ ସମସ୍ୟାରେ ପଡ଼ିଥିବା କହିଛନ୍ତି।

# ଶ୍ରୀମାଳରେ ୭୦ ବର୍ଷର ପୁରୁଣା ସ୍କୁଲ ଘର ଭଙ୍ଗାଗଲା

କଣ୍ଟାମାଲ,୭ ।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ଶ୍ରୀମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୭୦ ବର୍ଷ ପୁରୁଣା ସ୍କୁଲ ଘର ଭୁଶୁଡ଼ି ପଡ଼ିଛି। ୧୯୫୪ ମସିହାରେ ନିର୍ମିତ ଏହି ପୁରୁଣା କୋଠାଟି ଦୀର୍ଘ ଦିନ ଧରି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ବର୍ତ୍ତମାନ ଏହାର କାନ୍ଥ, ଆଜବେଷ୍ଟ ଏବଂ ବିଦ୍ୟାଳୟର ପାଚେରୀ କାନ୍ଥ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୨ ବର୍ଷ ହେବ ସ୍କୁଲ ଘରକୁ ଶିକ୍ଷା ବିଭାଗ ଦ୍ୱାରା ବ୍ୟାନ୍ କରାଯାଇଥିଲେ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ ଭଙ୍ଗା ଯାଇ ନ ଥିଲା। କେବଳ ଚତୁର୍ପାଶ୍ୱରେ ନାମକୁ ମାତ୍ର ନାଲି ଫିତା ବାନ୍ଧି ସତର୍କତା ଅବଲମ୍ବନ କରାଯାଇଥିଲା। ଏହାଫଳରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ବିପଦସଙ୍କୁଳ ଘରଟି ଅତ୍ୟଧିକ ବର୍ଷା ଯୋଗୁଁ ଭୁଶୁଡି ପଡିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳର ୯୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସରରେ ଏଭଳି ଭଙ୍ଗାରୁଜା ଓ ବିପଜ୍ଜନକ ସ୍ଥିତି ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଭୟ ସୃଷ୍ଟି ହୋଇଥିଲା। ଏହାକୁ ନେଇ କୋମଳମତି ଶିଶୁଙ୍କ ସୁରକ୍ଷା ପାଇଁ ଅଭିଭାବକ, ଗ୍ରାମବାସୀ ଏବଂ ସ୍କୁଲ ପରିଚାଳନା କମିଟି ମଧ୍ୟରେ ଗଭୀର ଆତଙ୍କ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଦ୍ୟାଳୟରେ ମୋଟ ୪ଟି ଶ୍ରେଣୀଗୃହ ରହିଥିବା ବେଳେ ଅନ୍ୟ ଦୁଇଟି ଗୃହ ମଧ ବ୍ୟବହାର ଅନୁପଯୁକ୍ତ ହୋଇପଡିଛି। ଏଣୁ ଛାତ୍ରଛାତ୍ରୀଙ୍କ ଜୀବନ ସୁରକ୍ଷା ଓ ଶିକ୍ଷାଦାନର ସୁବିଧା ପାଇଁ ତୁରନ୍ତ ନୂତନ କୋଠା ନିର୍ମାଣ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଶେଷରେ ବିପଜ୍ଜନକ ଅବସ୍ଥାରେ ଥିବା ପୁରୁଣା ଘରକୁ ଭଙ୍ଗା ଯାଇଛି।



# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଇବଥର୍ମାଲ,୭ ।୮ (ସମିସ): ୪୯ ନମ୍ବର ଜାତୀୟ ରାଜପଥ ତଥା ରେଙ୍ଗାଲି ଥାନା ଅଧୀନ କଦମଡିହିରେ ଅଜଣା ଗାଡ଼ି ଧକ୍କାରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ କଦମଡିହି ଗ୍ରାମର କ୍ଷୀତେଶ୍ୱର ବିଶ୍ୱାଳ (୭୫)। କ୍ଷୀତେଶ୍ୱର ଆଜି ଭୋରରେ ପ୍ରାତଃ ଭ୍ରମଣ ସକାଶେ ଯାଇଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଏହା ଫଳରେ କ୍ଷୀତେଶ୍ୱର ଘଟଣାସ୍ଥଳରେ ପଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ରେଙ୍ଗାଲି ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲା। କ୍ଷୀତେଶ୍ୱରଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବାପରେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ରେଙ୍ଗାଲି ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଯୌତୁକ ନିଷେଧ ଆଇନ ପ୍ରଶିକ୍ଷଣ ଶିବିର

ଦେବଗଡ଼,୭ ।୮ (ସମିସ): ଦେବଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ନିଷେଧ ଆଇନ-୧୯୬୧ ଏକ ଜିଲ୍ଲାସ୍ତରୀୟ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ଜିଲ୍ଲା ଉପନିବନ୍ଧକ ପ୍ରଦ୍ୟୁମ୍ନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମହିଳାମାନଙ୍କୁ କିପରି ଯୌତୁକ ନିର୍ଯାତନାରୁ ରୋକାଯାଇ ପାରିବ ଏବଂ ଏ ଦିଗରେ କିପରି ସରକାରଙ୍କର ଯୌତୁକ ନିରୋଧ ଆଇନ-୧୯୬୧ ବିଷୟରେ ବିଭିନ୍ନ ଆଇନଗତ ସହାୟତା ଯୋଗାଇ ଦିଆଯାଇପାରିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରରେ ପ୍ରଶିକ୍ଷକ ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ରଞ୍ଜନ ସାହୁ ଓ ଡିଏପି ପ୍ରତିଭା ମାଝି ଯୋଗଦେଇ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସଚେତନତା ସଭା

ଦେବଗଡ଼,୭ ।୮ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଆପ୍ରାଇଜ ନର୍ସିଂ କଲେଜ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଙ୍ଘମିତ୍ରା ପଣ୍ଡା, ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଓ ଆପ୍ରାଇଜ ନର୍ସିଂ କଲେଜ ଅଧ୍ୟକ୍ଷ ଶରତ ବେହେରା ପ୍ରମୁଖ ମଞ୍ଚାସୀନ ରହି ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସଚେତନ କରିଥିଲେ। ସେହିପରି ସ୍ତନ୍ୟପାନ କରାଇବାର ଉପକାରିତା ଓ ସ୍ତନ୍ୟପାନ ମା ଓ ଶିଶୁଙ୍କୁ କିଭଳି ବିଭିନ୍ନ ଦୁରାରୋଗ୍ୟରୁ କବଚ ସଦୃଶ୍ୟ ସୁରକ୍ଷା ଦେଇଥାଏ ସେ ସମ୍ପର୍କରେ ଉପସ୍ଥିତ ନର୍ସିଂ ଛାତ୍ରୀ ଓ କଲେଜ କର୍ମଚାରୀଙ୍କୁ ସଚେତନ କରିଥିଲେ।

# ସଚିବାଳୟର ୩୭ ଅଧିକାରୀଙ୍କ ଦେବଗଡ଼ ଗସ୍ତ

ଦେବଗଡ଼,୭ ।୮ (ସମିସ): ସଚିବାଳୟର ୩୭ ସହାୟକ ସେକ୍ସନ୍ ଅଧିକାରୀ ଦେବଗଡ଼ ଗସ୍ତ କରିଛନ୍ତି। ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଏହି ସେକ୍ସନ୍ ଅଧିକାରୀମାନଙ୍କୁ ନେଇ ବୈଠକ ବସିଥିଲା। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗୃହ ବିଭାଗ ଯୁଗ୍ମ ଶାସନ ସଚିବ ତରୁଣ ବିଶ୍ୱାଳ, ଉପ ଶାସନ ସଚିବ ରବି ନାରାୟଣ ବାରିକ, ଦେବଗଡ଼ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ଓ ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲେରୋ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ଦେବଗଡ଼, ୭ ।୮ (ସମିସ): ଦେବଗଡ ଥାନା ଅଧୀନ କଣ୍ଢେଇ ଗ୍ରାମ ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଆଜି ଏକ ବୋଲେରୋ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଟସିଂ ଗ୍ରାମର ଜିତେନ୍ଦ୍ର ଧଳ। ସେ ଗୌଡ଼ସୁଗୁଡା ନୋଡାଲ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ବାଇକ୍ ଯୋଗେ କଣ୍ଢେଇ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ; ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରୁ ସୂଚନା ପାଇ ଦେବଗଡ ଥାନା ପୁଲିସ ପହଞ୍ଚି ଥିଲା। ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

**● ଷଷ୍ଠ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ୍ ଚାମ୍ପିୟନସିପ୍ ଉଦ୍‌ଘାଟିତ**

# ୨୨ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ୩୫୦ରୁ ଅଧିକ ପ୍ରତିଯୋଗୀ



ଝାରସୁଗୁଡ଼ା,୭ ।୮ (ସମିସ): ଝାରସୁଗୁଡ଼ା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ମଙ୍ଗଳ ବଜାରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୬ଷ୍ଠ ଝାରସୁଗୁଡ଼ା ଜିଲ୍ଲା ବ୍ୟାଡମିଣ୍ଟନ୍ ଚାମ୍ପିୟନସିପ୍-ଆରମ୍ଭ ହୋଇଛି। ଏହି ଆଞ୍ଚଳିକ କ୍ରୀଡ଼ା ମହୋତ୍ସବର ଉଦଘାଟନୀ ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ ଦିନିଆ ଚାମ୍ପିୟନସିପ୍‌ରେ ୯ ବର୍ଷରୁ କମ୍ ବୟସ୍କ ଶିଶୁଙ୍କଠାରୁ ଆରମ୍ଭ କରି ୬୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗୀମାନେ ଭାଗ ନେଇଛନ୍ତି। ଚଳିତ ବର୍ଷ ମୋଟ ୨୨ଟି ଭିନ୍ନ ଭିନ୍ନ ଇଭେଣ୍ଟରେ ୩୫୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ଜିଲ୍ଲା ବିଜେପିର ମାସିକ ସାଙ୍ଗଠନିକ ବୈଠକ

ବୌଦ୍ଧ,୭ ।୮ (ସମିସ): ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାର ମାସିକ ସାଙ୍ଗଠନିକ ବୈଠକ ହୋଇଯାଇଚି। ଏଥିରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ରାଜ୍ୟ ଉପ-ସଭାପତି ଯତୀନ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ରଚରଣ ମହାନ୍ତି ଏବଂ ସଂଯୁକ୍ତା ନାଏକ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ରାଜକୁମାର ମେହେର ବୈଠକ ପରିଚାଳନା କରିଥିଲେ।

**● ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରୁ ବୁଲା ଗୋରୁ ଗୋଶାଳାକୁ ସ୍ଥାନାନ୍ତର**

# ନିୟମ ଉଲ୍ଲଂଘନ କଲେ ୧୦ ଟଙ୍କା ଜରିମାନା

ଝାରସୁଗୁଡ଼ା,୭ ।୮ (ସମିସ): ଝାରସୁଗୁଡ଼ା ସହରର ରାସ୍ତାଘାଟରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ନିୟମିତ ଟ୍ରାଫିକ ସମସ୍ୟା, ରାସ୍ତା ଅବରୋଧ ଏବଂ ସଡ଼କ ଦୁର୍ଘଟଣା ଭଳି ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି ହେଉଛି। ଏହି କାରଣରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ବୁଲୁଥିବା ଗୋରୁଗାଈଙ୍କୁ ଶ୍ରୀ କୃଷ୍ଣ ଗୋଶାଳା ଏବଂ ଏହାର ସଂଲଗ୍ନ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଉଛି। ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସୂଚନା ଅନୁଯାୟୀ ପ୍ରାୟ ୫୦ଟି ଗୋରୁଙ୍କୁ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି। ଏହା ପୂର୍ବରୁ ପୌରପାଳିକା ତରଫରୁ ସହରସାରା ମାଇକ୍ ଦ୍ୱାରା ସଚେତନତା ନିମନ୍ତେ ଘୋଷଣା ମଧ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଡ଼ା ନିୟମ ଲାଗୁ କରାଯାଇଛି ଯେ, ଯଦି କୌଣସି ଗୋ-ପାଳକ ବା ମାଲିକ ନିଜ ଗୋରୁଙ୍କୁ ନେବା ପାଇଁ ଦାବି କରନ୍ତି ତେବେ ତାଙ୍କୁ ଗୋରୁ ପିଛା ୧୦,୦୦୦ ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ଏଥିସହିତ ଭବିଷ୍ୟତରେ ଗୋରୁଙ୍କୁ ରାସ୍ତାରେ ଖୋଲା ଛାଡ଼ିବେ ନାହିଁ ବୋଲି ଚୁକ୍ତିପତ୍ର ମଧ ଦେବାକୁ ହେବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ପୌରପାଳିକା, ପ୍ରାଣୀସମ୍ପଦ ବିଭାଗ, ଶ୍ରୀ କୃଷ୍ଣ ଗୋଶାଳା ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କୁ ନେଇ ଏକ ମନିଟରିଂ କମିଟି ଗଠନ କରାଯାଇଛି। ସୂଚନା ଅନୁଯାୟୀ, ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ଗୋରୁଙ୍କ ସୁରକ୍ଷିତ ଆଶ୍ରୟ, ଆହାର, ଚିକିତ୍ସା ଓ ପୁନର୍ବାସ ପାଇଁ ୮ ଜଣିଆ ସଦସ୍ୟବିଶିଷ୍ଟ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ସହକାରୀ ନିର୍ଦ୍ଦେଶକ ଡ ସୁଧାଂଶୁ ଶେଖର ଦାସ, ଉପ-ଖଣ୍ଡୀୟ ପ୍ରାଣୀସମ୍ପଦ ଅଧିକାରୀ ଡ ଭଗବତୀ ପ୍ରସାଦ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷ ପ୍ରଧାନ, କନିଷ୍ଠ ପରିମଳ ବିଶେଷଜ୍ଞ ଆଲୋକ ରଞ୍ଜନ ଜଗତ, କୃଷ୍ଣ ଗୋଶାଳାର ସଦସ୍ୟ ଅନିଲ ଅଗ୍ରୱାଲ ଭୁୱାନିଆ, ଗୋପାଳ କେଡ଼ିଆ, ବଜରଙ୍ଗ ଦଳର ସଦସ୍ୟ ରବି ଗିଡ଼ୱାନୀ ଓ ୱିନୟ ରଜାକଙ୍କୁ ସାମିଲ କରାଯାଇଛି। ଏହି କମିଟି ସହରରେ ବୁଲା ଗୋରୁଙ୍କ ଗତିବିଧି ଉପରେ ନଜର ରଖିବ। ସେମାନଙ୍କ ସୁରକ୍ଷିତ ସ୍ଥାନାନ୍ତର, ଉଚିତ ଆହାର, ଚିକିତ୍ସା ଓ ଟ୍ୟାଗିଂ କାର୍ଯ୍ୟର ତଦାରଖ କରିବ। ନିୟମିତ ଭାବେ ଏହାର ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବ।

# ଘରେ ଘରେ ତ୍ରିରଙ୍ଗା ଓ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଇଁ ପ୍ରସ୍ତୁତି

ଦେବଗଡ଼,୭ ।୮ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ଆସନ୍ତା ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମା, ବ୍ଲକ୍ ଓ ପ୍ରତି ପଞ୍ଚାୟତ ରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ବିକାଶ ଭବନଠାରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ଅଗଷ୍ଟ ୧୦ ତାରିଖରୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ତ୍ରିରଙ୍ଗା ଏବଂ ବନ୍ଦେ ମାତରଂ ସମବେତ ଗାୟନ, ଦେଶାତ୍ମବୋଧକ ସଙ୍ଗୀତ ଗାନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ ଲାଇନ ଜଣା ଅଜଣା ପ୍ରତିଯୋଗିତା, ମୋଟର ସାଇକେଲ ରାଲି, ତ୍ରିରଙ୍ଗା ଆଲୋକ ସଜ୍ଜା, ରଙ୍ଗୋଲି ପ୍ରଦର୍ଶନୀ, ତ୍ରିରଙ୍ଗା ରାଲି ଶୋଭାଯାତ୍ରା ଏବଂ ଅଗଷ୍ଟ ୧୪ ବିଭାଜନ ବିଭୀଷିକା ସ୍ମୃତି ଦିବସ ଉପରେ ପର୍ଯ୍ୟବେକ୍ଷିତ ପ୍ରଦର୍ଶନ, ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା ପାଇଁ ସ୍ଥିର କରାଯାଇଛି। ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶିଶିର ଷଡଙ୍ଗୀଙ୍କ ସହଯୋଗିତାରେ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଜାତୀୟ ପତାକା ପ୍ରସ୍ତୁତ କରାଯାଇଛି। ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ସମସ୍ତ ତହସିଲଦାର, ବିଭିନ୍ନ ବିଭଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ସମୀକ୍ଷା

ଝାରସୁଗୁଡ଼ା,୭ ।୮ (ସମିସ): ଝାରସୁଗୁଡ଼ା ସହରର ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପରିବେଶ ସନ୍ତୁଳନକୁ ପ୍ରାଥମିକତା ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ପ୍ରମୁଖ ସୌନ୍ଦର୍ଯ୍ୟକରଣ ଏବଂ ଜନହିତକର ଯୋଜନାଗୁଡ଼ିକର ପ୍ରସ୍ତାବିତ ଡିଜାଇନ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ସହରର ଗମନାଗମନ ଏବଂ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ କିଷାନ ଛକରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ସିଟି ବିୟୁଟିଫିକେସନ୍ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପର ଠିକ୍ ଆକଳନ, ରାସ୍ତା ଓ ପାର୍ଶ୍ୱବର୍ତ୍ତୀ ସ୍ଥାନର ପରିମାପ ଏବଂ ବ୍ୟବସାୟିକ ସୁଗମତାକୁ ନଜରରେ ରଖି ସମ୍ପୂର୍ଣ୍ଣ ଅଞ୍ଚଳର ଡ୍ରୋନ୍ ସର୍ଭେ କରିବାକୁ ଜିଲ୍ଲାପାଳ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିବା ସହ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହର ମଧ୍ୟରେ ଥିବା ବେହେରାପାଟ ଜଳାଶୟର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି। ଜଳାଶୟର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ସହ ଏଠାରେ ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କ ପାଇଁ ଏକ ଫ୍ଲୋଟିଂ ଭିୟୁ ପଏଣ୍ଟ, ୱାକ-ୱେ ଏବଂ ଆଲୋକୀକରଣ କରାଯିବ। ଝାରସୁଗୁଡ଼ା ଜିଲ୍ଲା ଗ୍ରୀଷ୍ମ ପ୍ରବାହପ୍ରବଣ ଅଞ୍ଚଳ ହୋଇଥିବାରୁ ଆଗାମୀ ଦିନରେ ପ୍ରବଳ ତାତିରୁ ମୁକ୍ତି ଏବଂ ପଥଚାରୀଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏକ ଅଭିନବ ପଦକ୍ଷେପ ନିଆଯାଇଛି। ସହରର ଅଧିକ ଟ୍ରାଫିକ ଥିବା ପ୍ରମୁଖ ରାସ୍ତା ଗୁଡ଼ିକରେ ମିଷ୍ଟ ଗନ୍ ଏବଂ ୱାଟର ସ୍ପ୍ରିଙ୍କଲର ଖଞ୍ଜାଯିବ। ଏହାଦ୍ୱାରା ଧୂଳିମଳି ନିୟନ୍ତ୍ରଣ ହେବା ସହ ଗ୍ରୀଷ୍ମଦିନେ ତାପମାତ୍ରା କମ୍ ରହିପାରିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଡିଏମଏଫ୍ କର୍ମଚାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିୟାରସିଂହଙ୍କ ସମେତ ବିଭିନ୍ନ ବିଭାଗ ଓ ପିଏସୟୁର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ଖରିଫ କୃଷି ରଣନୀତି କମିଟି ବୈଠକ




ବୌଦ୍ଧ,୭ ।୮ (ସମିସ): ବୌଦ୍ଧ ଜିଲ୍ଲାରେ ଖରିଫ-୨୦୨୬ ଋତୁ ପାଇଁ ଜିଲ୍ଲା କୃଷି ରଣନୀତି କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର କୃଷି ବିକାଶ ରଣନୀତିର ସମୀକ୍ଷା କରାଯାଇଥିଲା। ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସମନ୍ୱିତ କୃଷି ପ୍ରଣାଳୀ, ଫସଲ ବିବିଧକରଣ ଏବଂ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ମାଧ୍ୟମରେ ମୂଲ୍ୟ ସଂଯୋଜନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ହିତାଧିକାରୀ ଓ ସ୍ଥାନ ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଯୋଗ୍ୟ ପ୍ରତ୍ୟେକ ଚାଷୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାରେ ମୋଟ ୩୫,୮୭୬ ଜଣ ଚଷୀଙ୍କ ମଧ୍ୟରୁ ୨୦,୭୭୬ ଜଣଙ୍କୁ ଏପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ କରାଯାଇଛି। ଅବଶିଷ୍ଟ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଆସନ୍ତା ୧୫ ସୁଦ୍ଧା ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଜିଲ୍ଲା ଡାକ୍ତରଖାନାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଦାରଖ

ବୌଦ୍ଧ,୭ ।୮ (ସମିସ): ଦୀର୍ଘଦିନ ଧରି ନିର୍ମାଣ ଓ ଉଦ୍‌ଘାଟନ ସରିଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ବୌଦ୍ଧର ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ଡାକ୍ତରଖାନାକୁ ନେଇ ଆଶାର କିରଣ ଦେଖାଦେଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଡାକ୍ତରଖାନାରେ ସ୍ଥାପିତ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତଦାରଖ କରାଯାଇଛି। ନବନିର୍ମିତ ଜିଲ୍ଲା ଡାକ୍ତରଖାନା ଉଦ୍‌ଘାଟିତ ହୋଇସାରିଥିଲେ ମଧ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମିଳି ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଅଭିଯୋଗ ହୋଇଆସୁଥିଲା। ଡାକ୍ତରଖାନାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଦାବିରେ ବୌଦ୍ଧର ନାଗରିକମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶେଷରେ ଅଗ୍ନିଶମ ଅଧିକାରୀ ଓ ତାଙ୍କ କର୍ମଚାରୀମାନେ ଡାକ୍ତରଖାନାରେ ପହଞ୍ଚି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବିଭିନ୍ନ ଦିଗ ଯାଞ୍ଚ କରିଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଭଞ୍ଜକିଶୋର ରାମଚନ୍ଦ୍ର ଦେଓହେମ୍ବ୍ରମ, ଡିପିଏମ ଗିରିଜା ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ତଦାରଖ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକଙ୍କ ପରଲୋକ


ବୌଦ୍ଧ,୭ ।୮ (ସମିସ): ବୌଦ୍ଧ ସହରରେ ବିରାଜିତ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସୁରମଣୀ ପଣ୍ଡାଙ୍କ ୯୮ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ



ଚିକିତ୍ସିତ ହେଉଥିଲେ। ବୌଦ୍ଧ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ନାତି ପ୍ରିୟବ୍ରତ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ଏସ୍‌ଆଇଆର କାର୍ଯ୍ୟର ସମୀକ୍ଷା କଲେ କମିଶନର

ତରଭା,୭ ।୮ (ସମିସ)



ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର କାର୍ଯ୍ୟର ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଶନର ବି. ପରମେଶ୍ୱରନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲାରେ ଚାଲିଥିବା ଏସଆଇଆର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ପ୍ରଥମେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ଏସଆଇଆର କାର୍ଯ୍ୟର ଅଗ୍ରଗତି ବିଷୟରେ ଉପଜିଲ୍ଲାପାଳ ଡ. ସୌମ୍ୟରୁପା ରଥ ସୂଚନା ପ୍ରଦାନ କରିଥିଲେ। ମ୍ୟାପିଂ ସମ୍ପର୍କିତ ସମସ୍ୟା ଏବଂ ନୂତନ ବୁଥ୍ ଲେଭଲ୍ ଅଫିସର ମାନଙ୍କ ପ୍ରଶିକ୍ଷଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଖସଡ଼ା ଭୋଟର ତାଲିକା ହିସାବରେ ମୋଟ ୨,୫୩,୭୨୪ ଜଣ ଭୋଟର ଥିବାବେଳେ ଏହା ଅଧୀନେର ୪ଟି ବ୍ଲକ/ତହସିଲ, ୭ ଜଣ ଏଇଆରଓ, ୩୫୫ ଜଣ ବିଏଲଓ ଏବଂ ୩୬ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ଏହାପରେ ବୀରମହାରାଜପୁର ଉପଖଣ୍ଡରେ ଚାଲିଥିବା ଏସଆଇଆର କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଥିଲା। ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଉପସ୍ଥାପନ କରିଥିଲେ। ବୀରମହାରାଜପୁର ଉପଖଣ୍ଡର ଡ୍ରାଫ୍ଟ ଭୋଟର ତାଲିକା ଅନୁଯାୟୀ ମୋଟ ୨,୦୬,୨୫୧ ଜଣ ଭୋଟର ରହିଛନ୍ତି। ଏହି ଉପଖଣ୍ଡରେ ୩ଟି ବ୍ଲକ/ତହସିଲ, ୯ ଜଣ ଏଇଆରଓ ଏବଂ ୩୦୭ ଜଣ ବିଏଲଓ ନିୟୋଜିତ ଅଛନ୍ତି। ଏହି ବିଏଲଓମାନଙ୍କ ମଧ୍ୟରେ ୨୨୩ ଜଣ ଶିକ୍ଷକ ଏବଂ ୮୪ ଜଣ ଅଙ୍ଗନବାଡ଼ି କର୍ମୀ ରହିଛନ୍ତି। ଏହାସହିତ ୩୧ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ସମଗ୍ର ଜିଲ୍ଲା ପାଇଁ ନିର୍ବାଚନୀ ତାଲିକା ସଂଶୋଧନ ପ୍ରକ୍ରିୟାରେ ଦାବି ଓ ଆପତ୍ତି ଦାଖଲ ପାଇଁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ନୋଟିସ୍ ପର୍ଯ୍ୟାୟ ଏବଂ ଦାବି ଓ ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଚାଲିବ। ଚୂଡ଼ାନ୍ତ ନିର୍ବାଚନୀ ତାଲିକା ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇବ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ବୁଥ୍ ଲେଭଲ୍ ଏଜେଣ୍ଟମାନେ ମଧ୍ୟ ଯୋଗ ଦେଇଥିଲେ। ସେମାନେ ନିର୍ବାଚନୀ ତାଲିକା ପ୍ରସ୍ତୁତି ଏବଂ ଏସଆଇଆର କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନାରେ ଭାଗ ନେଇ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଏସଆଇଆର କାର୍ଯ୍ୟକୁ ସୂଚାରୁ ଓ ସଫଳତାର ସହ ସମ୍ପାଦନ କରିବା, ମ୍ୟାପିଂ ଓ ନିର୍ବାଚନୀ ତାଲିକା ପ୍ରସ୍ତୁତି ସମ୍ପର୍କିତ ସମସ୍ୟାର ସମାଧାନ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମାପ୍ତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକ ପରେ ରାଜ୍ୟ ପର୍ଯବେକ୍ଷକ ସୋନପୁର ବିଧାନସଭା ମଣ୍ଡଳୀର ଏସଆଇଆର କାର୍ଯକ୍ରମର ଅଗ୍ରଗତି ନିରୀକ୍ଷଣ ନିମନ୍ତେ ସୋନପୁର ଉପଜିଲ୍ଲାପାଳ କାର୍ଯାଳୟ ଏବଂ ସୋନପୁର ତହସିଲଦାର କାର୍ଯାଳୟ ପରିଦର୍ଶନ କରିଥିଲେ।

## 'ନିଜେ ନିଜର ରକ୍ତଚାପ ଜାଣନ୍ତୁ' ଅଭିଯାନ ଆରମ୍ଭ

# ରକ୍ତଚାପ ମାପକ ଯନ୍ତ୍ର ବାଣ୍ଟିଲେ ଡାକ୍ତର ଶଙ୍କର ରାମଚନ୍ଦାନୀ

**ପଦ୍ମପୁର, ୭।୮ (ସମିସ):** ଲାଜବନ୍ତି ଏକ ଟଙ୍କିଆ କ୍ଲିନିକ, ପଦ୍ମପୁର ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ 'ନିଜେ ନିଜର ରକ୍ତଚାପ ଜାଣନ୍ତୁ' ଆରମ୍ଭ ହୋଇଛି। ଦୈନନ୍ଦିନ ଜୀବନରେ ରକ୍ତଚାପ ନିୟମିତ ମାପିବା ଏବଂ ଉଚ୍ଚ ରକ୍ତଚାପ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅବସରରେ ଡଃ ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି, ଜୟ ନାରାୟଣ ତ୍ରିପାଠୀ ବିଶିଷ୍ଟ ଅତିଥି ଏବଂ ପୃଥ୍ୱୀରାଜ ସାହୁ, ଜନକ ମେହେର, ଶାନ୍ତନୁ ପାଣିଗ୍ରାହୀ ଓ ବିଜୟ ରାମଚନ୍ଦାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଏକ ଟଙ୍କିଆ କ୍ଲିନିକର ପ୍ରତିଷ୍ଠାତା ତଥା ଭୀମସାର, ବୁର୍ଲାର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ ଦୈନନ୍ଦିନ ଜୀବନରେ କିପରି ନିଜର ରକ୍ତଚାପ ମାପିବେ ଏବଂ ରକ୍ତଚାପ ମାପିବା ଯନ୍ତ୍ରର ସଠିକ୍ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ପରେ ମୁଖ୍ୟ ଅତିଥି ଡକ୍ଟର ବାଞ୍ଛାନିଧି ପଣ୍ଡାଙ୍କ କରକମଳରେ ବରିକେଲ, ଲୁହାରପାଲି, ଟେମରି, ବୁକୁରମୁଣ୍ଡା, କନସିଂହା, ପୁରେନା, ସତୀଭଟା, ଜଗଦଲପୁର, ଲଖମରା ଓ ଭେଡ଼ଉଁରିଆ ଆଦି ପଞ୍ଚାୟତରୁ ଆସିଥିବା ସଂଯୋଜକମାନଙ୍କୁ ନିଶୁଳ୍କ ରକ୍ତଚାପ ମାପିବା ଯନ୍ତ୍ର ବଣ୍ଟନ କରାଯାଇଥିଲା।

## ଜାତୀୟ ହସ୍ତତନ୍ତ ଦିବସରେ ବରଗଡ଼ର ସଫଳତା

# ପୁରସ୍କାର ହାତେଇଲେ ୯ ବୁଣାକାର

**ବରଗଡ଼, ୭।୮ (ସମିସ)**

୧୨ତମ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ବରଗଡ଼ ଜିଲ୍ଲା ପୁଣିଥରେ ରାଜ୍ୟର ହସ୍ତତନ୍ତ ଜନନୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟକୁ ସୁଦୃଢ଼ କରିଛି। ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ଘୋଷିତ ୧୦ଟି ରାଜ୍ୟସ୍ତରୀୟ ହସ୍ତତନ୍ତ ପୁରସ୍କାର ମଧ୍ୟରୁ ୯ଟି ପୁରସ୍କାର ବରଗଡ଼ ଜିଲ୍ଲା ହାସଲ କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛି। ଭୁବନେଶ୍ୱର ସ୍ଥିତ ଆଇଇସି ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ବରଗଡ଼ ଜିଲ୍ଲା ବରପାଲି ନିବାସୀ ଡ. ସୁରେନ୍ଦ୍ର ମେହେର ସଫଳ ବୁଣାକାର ଭାବେ ଲାଇଫ ଟାଇମ ଏଚିଭମେଣ୍ଟ ଆୱାର୍ଡ ପାଇଥିବା ବେଳେ ବେଡେନ ବ୍ଲକ କପାବରୀ ଗ୍ରାମର ମିତା ମେହେରଙ୍କ ସମେତ ଅତାବିରା ବ୍ଲକ ବନହରର ହରିଶଙ୍କର ମେହେର, ବରପାଲିର ବାସୁଦେବ ମେହେର, ବରପାଲି ବ୍ଲକ ମହାକାଳପଡ଼ାର ବବିତା ମେହେର, ବିଜେପୁର ବ୍ଲକ ଏମ୍ ଶ୍ରୀଗିଡ଼ାର ବାସୁଦେବ ମେହେର ଏବଂ ବରଗଡ଼ ବ୍ଲକ ଭାରତୀ ନଗରର ତପସ୍ୱିନୀ ମେହେରଙ୍କୁ ଟାଇ ଆଣ୍ଡ ଡାଏ, ବୟନ ଏବଂ ଡିଜାଇନିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଭେଡେନ ବ୍ଲକ ତଲମେଣ୍ଡା ଗ୍ରାମର ଘାସିରାମ ମେହେର ଏବଂ ବନପଡ଼ାର ଅଲେଖ ମେହେରଙ୍କୁ ଅନନ୍ୟ କାରିଗରୀ ଦକ୍ଷତା ପାଇଁ ତନ୍ତକୃତି ପୁରସ୍କାର ସହ ସମସ୍ତ ବୁଣାକାର ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କର ରାଶି ଗ୍ରହଣ କରିଛନ୍ତି।

ଏହି ଅବସରରେ ବରଗଡ଼ସ୍ଥିତ ଉପ-ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ପରିସରରେ



ବୃକ୍ଷରୋପଣ ଓ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଗ୍ୟାଲେରୀର ଉଦ୍‌ଘାଟନ କରିବା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ସୁରକ୍ଷା, ରୋଜଗାର ସୃଷ୍ଟି ଏବଂ ଗ୍ରାମୀଣ ଜୀବିକା ବିକାଶରେ ହସ୍ତତନ୍ତ କ୍ଷେତ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ପୁରସ୍କାର ବିଜେତା ବୟନଶିଳ୍ପୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପ-ବୟନଶିଳ୍ପ ନିର୍ଦ୍ଦେଶକ ତଥା ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ସନ୍ଥ କବୀର ଓ ଜାତୀୟ ପୁରସ୍କାରପ୍ରାପ୍ତ ରାମକୃଷ୍ଣ ମେହେର, କେଏସିସିଏମ୍‌ର ଅଧ୍ୟକ୍ଷ ସୁଜିତ ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇ ଥିବା ୧୦୦ରୁ ଅଧିକ ବୟନଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟାଳୟ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ବିଜେପୁର, ୭।୮ (ସମିସ):** ବିଜେପୁର ସ୍ଥିତ ଶଙ୍କର୍ଷଣ ଉଚ୍ଚ ବିଦ୍ୟାଳୟରେ ନବନିର୍ମିତ ଶ୍ରେଣୀଗୃହକୁ ବିଧାୟକ ସନତ କୁମାର ଗଡ଼ତିଆ ଲୋକାର୍ପଣ କରିଛନ୍ତି। ପଣ୍ଡିତ ପ୍ରଦୀପ ପାଣିଗ୍ରାହୀ ବେଦମନ୍ତ୍ର ପାଠ କରିଥିଲେ। ସହକାରୀ ଶିକ୍ଷକ ବିଡିଓ ସାହୁ ସ୍ୱାଗତ ଭାଷଣ ଓ ସୁମନ୍ତ ଗଡ଼ତିଆ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ନିର୍ମଳ ରଞ୍ଜନ ମେହେର ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଶିକ୍ଷକ ମୀନକେତନ ପ୍ରଧାନ ବିଗତ ଦିନର ସ୍ମୃତି ଚାରଣ କରିଥିଲେ।

## ତବଡ଼ା କୃଷି ସମବାୟ ସମିତି ଉଦ୍‌ଘାଟିତ

**ବିଜେପୁର/ଘେଁସ, ୭।୮ (ସମିସ):** ସୋହେଲା ବ୍ଲକ ତବଡ଼ାଠାରେ କୃଷି ସମବାୟ ସମିତିର ଉଦଘାଟନ ପର୍ବ ଭଟଲି ବିଧାୟକ ଇରାଶିଶ ଆଚାର୍ଯ୍ୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପଡ଼ିଆ ଠାରେ ପଙ୍କଜ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ବିଧାୟକ ଆଚାର୍ଯ୍ୟଙ୍କ ସହିତ ଡିଆରସିଏସ ଯୁଗଳ କିଶୋର ଦାସ, ଏଆରସିଏସ ବାଦଲ ସାହାଣୀ ପ୍ରମୁଖ ଯୋଗଦାନ କରିଥିଲେ। ତବଡ଼ା ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବରେ ଉନ୍ନୀତ କରିଥିବାରୁ ଏବଂ ସମବାୟ ସମିତି ପ୍ରତିଷ୍ଠା କରିଥିବାରୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଭଟଲି ବିଧାୟକ ଇରାଶିଶ ଆଚାର୍ଯ୍ୟଙ୍କୁ ଗ୍ରାମବାସୀ କୃତଜ୍ଞତା ଜ୍ଞାପନ କରିଥିଲେ।

## ଝାରବନ୍ଧରେ ଚାରାରୋପଣ କାର୍ଯ୍ୟକ୍ରମ

**ଝାରବନ୍ଧ, ୭।୮ (ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଲିଢିପା ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, କୋତନା ପକ୍ଷରୁ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଇଓ ଶୁଭମ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ବେହେରା ଓ ସିଆରସିସି ଗୋପାଳ ଚନ୍ଦ୍ର ହରିଜନ, ସାମ୍ବାଦିକ ମୋତିଲାଲ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ, ଶିକ୍ଷକ ବିଜୟ କୁମାର ଦାନୀ, ବିମଳେଶ୍ୱର ଭୁଏ, ଜୟଚନ୍ଦ୍ର ସାହୁଙ୍କ ସମେତ ଛାତ୍ରଛାତ୍ରୀଙ୍କ ସହଭାଗିତାରେ ୫୦ଟି ଚାରା ରୋପଣ କରାଯାଇଥିଲା। ସେହିପରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କୋତନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି ମୁଖ୍ୟ ଅତିଥି, ସ୍କୁଲ ଚେୟାରମ୍ୟାନ ସନ୍ତୋଷିନୀ ସେଠ ଓ ସିଆରସିସି ଗୋପାଳ ଚନ୍ଦ୍ର ହରିଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାହ୍ନବୀ ସେଠ, ଶିକ୍ଷକ ଲକ୍ଷ୍ମୀଚନ୍ଦ ସିଦାର, ରାଜେଶ ସୁନା, ଶିକ୍ଷୟତ୍ରୀ ଶାନ୍ତି ଲାକ୍ରା, ୱାଡେନ ଲତା କୁମାରୀ ସାହୁ ସମେତ ଛାତ୍ରୀମାନଙ୍କ ସହଭାଗିତାରେ ଆଉ ୫୦ଟି ଚାରାରୋପଣ କରାଯାଇଥିଲା।

## ଓକିଲ ସଂଘ ସଭାପତିଙ୍କ ଉପରେ ଆକ୍ରମଣ ଘଟଣା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ସୋହେଲା ଓକିଲ ସଂଘ

**ସୋହେଲା, ୭।୮ (ସମିସ):** ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ସୋହେଲା ଓକିଲ ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ସୋହେଲା ଓକିଲ ସଂଘର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଏନେଇ ଆଲୋଚନା ହୋଇଥିଲା। ଦିନ ଦ୍ୱିପ୍ରହରରେ ଜଣେ ଓକିଲଙ୍କୁ ବିଅର ବୋତଲରେ ମୁଣ୍ଡକୁ ଆକ୍ରମଣ କରିବା ବରଗଡ଼ର ଆଇନ ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



ଏନେଇ ପୋଲିସ ପ୍ରଶାସନ ଦୋଷୀ ମାନଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ସଭାରେ ସମ୍ପାଦକ ବିକ୍ରମ କେଶରୀ ପଧାନ, ମିର୍ଜା ଆକବର ବେଗ, ପ୍ରଫୁଲ୍ଲ କୁମାର ମିଶ୍ର, ରୋହିତ ଦେବତା, ସୁନୀଲ କୁମାର ଅଗ୍ରୱାଲ, ଜୟନ୍ତ ପାତ୍ର, କ୍ଷମାନିଧି ନାୟକ ପ୍ରମୁଖ ଗଭୀର ଉଦବେଗ ପ୍ରକାଶ କରିଥିଲେ। ବରଗଡ଼ ଜିଲ୍ଲା ପ୍ରଶାସନ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଧ୍ୟାନରେ ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି।

## କେନ୍ଦୁପତ୍ର ଶ୍ରମିକଙ୍କୁ ବୋନସ ନିଷ୍ପତ୍ତି

## ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ବରଗଡ଼ ସାଂସଦ

**ବରଗଡ଼, ୭।୮ (ସମିସ):** ଓଡ଼ିଶାରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ୧୨ଲକ୍ଷ କେନ୍ଦୁପତ୍ର ଶ୍ରମିକ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ଓଡ଼ିଶା ସରକାର ଯଥାକ୍ରମେ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୨୫% ଓ ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ୫% ବୋନସ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନୂଆଦିଲ୍ଲୀ ଗସ୍ତ ସମୟରେ ବରଗଡ଼ ଲୋକସଭା ସଦସ୍ୟ ତଥା କେନ୍ଦୁପତ୍ର ଶ୍ରମିକ ନେତା ପ୍ରଦୀପ ପୁରୋହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କେନ୍ଦୁପତ୍ର ଶ୍ରମିକ ମାନଙ୍କ ଆଉ କିଛି ମହତ୍ତ୍ୱପୂର୍ଣ୍ଣ ଦାବି ବିଷୟରେ ସାଂସଦ ଶ୍ରୀ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲେ।



## ପଦୋନ୍ନତି ତାଲିକାରେ ତ୍ରୁଟି ଅଭିଯୋଗ

### ନୂତନ ଗ୍ରେଡେସନ୍ ଲିଷ୍ଟ ପ୍ରକାଶ ପାଇଁ ଦାବି



**ଝାରବନ୍ଧ, ୭।୮ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକର ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ପକ୍ଷରୁ ଲେବଲ-୫(ବି) କାଟାଗୋରି-୨କୁ ପଦୋନ୍ନତି ପାଇଁ ପ୍ରକାଶିତ ପ୍ରୋଭିଜନାଲ୍ ଗ୍ରେଡେସନ୍ ଲିଷ୍ଟରେ ସିନିଅରିଟି ସମ୍ବନ୍ଧୀୟ ତ୍ରୁଟି ଥିବା ଅଭିଯୋଗ କରାଯାଇଛି। ଏହି ନେଇ ସଂଘ ପକ୍ଷରୁ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତିଙ୍କ ଜରିଆରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୋଇଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଦ ଏହି ଅବସରରେ ସଂଘର ସଦସ୍ୟ କିଷନ ନାୟକ, ଜଗନ୍ନାଥ ପଧାନ, ଚତୁର୍ଭୁଜ ଦୀପ, ଦିବସ କୁମାର ସାହୁ, ଜଗନ୍ନାଥ ସିଦାର, ଲଳିତ କୁମାର ପ୍ରଧାନ, ନିରାକାର ପଟେଲ, ହୃଷିକେଶ ସାହୁ, ରାଜେଶ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତ ଗ୍ରାମବାସୀଙ୍କୁ ଚାଷ ଉପକରଣ ବଣ୍ଟନ



**ଅମ୍ବାଭୋନା, ୭।୮ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବିସ୍ଥାପିତ ଅଞ୍ଚଳ ଭାବେ ପରିଚିତ ନୂଆ କୁରୁମକେଲ, ଭୁତୁଲି ଓ ରେଙ୍ଗାଲି ଗ୍ରାମବାସୀଙ୍କ ପାଇଁ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜୀବିକା ଓ ସ୍ୱାବଲମ୍ବନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଚାଷ ଓ ରୋଜଗାର ଉପଯୋଗୀ ସାମଗ୍ରୀ ବଣ୍ଟନ କରାଯାଇଛି। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଉପସ୍ଥିତ ରହି ଏହି ସମସ୍ତ ସାମଗ୍ରୀ ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଗୋଟିଏ ଟ୍ରାକ୍ଟର, ଗୋଟିଏ ରୋଟାଭେଟର, ଗୋଟିଏ କଲଟିଭେଟର, ଗୋଟିଏ ଫସଲ କାଟିବା ମେସିନ, ଦୁଇଟି ୱିଡର, ୧୫ଟି ସ୍ପ୍ରେୟାର ମେସିନ, ୧୫ଟି ସିଲେଇ ମେସିନ ସହ ସିଲେଇ କାର୍ଯ୍ୟ ପାଇଁ ଆବଶ୍ୟକ ଉପକରଣ ଏବଂ ଖଲି-ଦନା ତିଆରି ମେସିନ ସହ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ପରେ ବିଧାୟକ ଲଖନପୁର ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଶିକାର ବିହୀନ ଛାଉଣୀର ଶୁଭ ଉଦ୍‌ଘାଟନ କରିଥିଲେ। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞ୍ୟା ଦାସ, ସହକାରୀ ବନ ସଂରକ୍ଷକ ତଥା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ଧଳ ଉପସ୍ଥିତ ଥିଲେ।ଲଖନପୁର ବନପାଳ ସଞ୍ଜୀବ କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆମ୍ବ ବଗିଚାରୁ ସୋଲାର ପ୍ୟାନେଲ ଚୋରି

**ଭେଡେନ, ୭।୮ (ସମିସ):** ଭେଡେନ ବ୍ଲକ ଅଇଲାପାଲି ପଞ୍ଚାୟତ ସ୍ଥିତ କେନପାଲି ଗ୍ରାମ ସ୍ଥିତ ଆମ୍ବ ବଗିଚାରେ ୫୦୦ଟି ଚାରା ଲଗାଯାଇଥିବାବେଳେ ପାଣି ମଡ଼ାଇବାକୁ ଗ୍ରାମପଞ୍ଚାୟତ ତରଫରୁ ନାଳକୂଅ ଖୋଳିବା ସହିତ ସୋଲାର ପ୍ୟାନେଲ ଲଗାଯାଇଥିଲା। ହେଲେ ଗତ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସେଠାରେ ଲାଗିଥିବା ସୋଲାର ପ୍ୟାନେଲ ଗୁଡ଼ିକ ଚୋରି କରି ନେଇଥିବା ସରପଞ୍ଚ ଡମ୍ବରୁଧର ପାଣ୍ଡେ ଭେଡେନ ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ବାଳକ ଉଚ୍ଚ ବିଦ୍ୟାଳୟରେ ଏସ୍‌ଆଇଓଏସ୍ ଯୋଜନା କାର୍ଯ୍ୟକ୍ଷମ

**ବରପାଲି, ୭।୮ (ସମିସ):** ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଏସଆଇଓଏସ କେନ୍ଦ୍ର ଯୋଜନା କାର୍ଯ୍ୟକ୍ଷମ ହୋଇଯାଇଛି। ପୂର୍ବରୁ ପାଠ ଅଧାରୁ ଛାଡି ଦେଇଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଯୋଜନା ସୁବିଧାସୁଯୋଗ ଆଣିଛି। ବର୍ତ୍ତମାନ ଶିକ୍ଷାର ମହତ୍ୱକୁ ଗୁରୁତ୍ୱ ଦେଇ ଶିକ୍ଷାର୍ଥି ମାନେ ଏସଆଇଓଏସ କେନ୍ଦ୍ର ଯୋଜନାରେ ସାମିଲ ହୋଇ ନିଜର ନାମ ଲେଖାଇ ଆଗ୍ରହ ଦେଖାଇଛନ୍ତି। ଗତ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ମଧ୍ୟରେ ସମୁଦାୟ ୧୮ ଜଣ ନାମ ଲେଖାଇ ସାରିଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ୨ଜଣ ରହିଛନ୍ତି। ଏହି ଉପଲବ୍ଧି ପାଇଁ ବରପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପଧାନ ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ତଥା ସିଆରସିସିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୭ ବର୍ଷର ସଗୁନ

**ବରଗଡ଼, ୭।୮ (ସମିସ):** ବରଗଡ଼ ଜିଲ୍ଲାର ପୁଷ୍ପକ ନାୟକ ଓ କୁନ୍ତୀଲତା ନାୟକଙ୍କ ୭ବର୍ଷର ଝିଅ ସଗୁନ ନାୟକ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସଗୁନ ବିଭିନ୍ନ ଦେଶର ଜାତୀୟ ପତାକାକୁ ସଠିକ ଭାବେ ଚିହ୍ନଟ କରିବା, ଭାରତର ସମସ୍ତ ରାଜ୍ୟ ଓ ସେମାନଙ୍କର ରାଜଧାନୀର ନାମ କହିବା, ମାନବ ଏବଂ ପଶୁପକ୍ଷୀଙ୍କ ଶରୀରର ବିଭିନ୍ନ ଅଙ୍ଗ ସମ୍ବନ୍ଧୀୟ ଡାକ୍ତରଙ୍କ ବୃତ୍ତିଗତ ନାମ ଉଲ୍ଲେଖ କରିବା ସହ ସାଧାରଣ ଜ୍ଞାନ ସମ୍ପର୍କିତ ଅନେକ ପ୍ରଶ୍ନର ସଠିକ ଉତ୍ତର ଦେଇଥିଲେ। ଏହା ସହିତ ସେ ୮ଟି ସଂସ୍କୃତ ଶ୍ଳୋକକୁ ସ୍ପଷ୍ଟ ଓ ସୁନ୍ଦର ଭାବରେ ଉଚ୍ଚାରଣ କରି ନିଜର ଅଦ୍ଭୁତ ସ୍ମରଣଶକ୍ତି ଓ ବୁଦ୍ଧିମତ୍ତାର ପରିଚୟ ଦେଇଥିଲେ। ବର୍ତ୍ତମାନ ସଗୁନ ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନେସନାଲ ସ୍କୁଲରେ ଅଧ୍ୟୟନରତ।




## କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ନିଲମ୍ବିତ

**ବରଗଡ଼, ୭।୮ (ସମିସ):** ଝାରବନ୍ଧ ବ୍ଲକ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜ ଝାରବନ୍ଧର ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଆଦେଶକୁ ଆଧାର କରି ପଞ୍ଚାୟତସମିତି ଯୁକ୍ତ ଦୁଇ କଲେଜ ଝାରବନ୍ଧର ଗଭର୍ଣ୍ଣିଂ ବଡ଼ି ସଭାପତି ତଥା ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଅର୍ଥନୀତି ବିଭାଗର ରିଡର ତଥା ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କୁ ନିଲମ୍ବନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଏବଂ ଲାଇବ୍ରେରିଆନ ଚିନ୍ତାମଣି ମିଶ୍ରଙ୍କ ବିରୋଧରେ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ଦୁର୍ନୀତି ଅଭିଯୋଗ ହୋଇଆସୁଥିଲା। ସେହିପରି ଅଧ୍ୟକ୍ଷ ସାହୁ, ଲାଇବ୍ରେରିଆନ ମିଶ୍ର, ଇତିହାସ ଅଧ୍ୟାପକ ଟିକେଶ୍ୱର ଭୋଇ ଦୁଇଜଣ ଅଧ୍ୟାପିକାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଝାରବନ୍ଧ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ କେତେକ କର୍ମଚାରୀଙ୍କ ଦରମା ଅଧ୍ୟକ୍ଷ ବନ୍ଦ ରଖିବା ନେଇ ମଧ୍ୟ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଅଭିଯୋଗ ହୋଇଥିଲା। ଅଧ୍ୟାପିକାଙ୍କ ଅଭିଯୋଗ ଆଧାରରେ ଝାରବନ୍ଧ ଥାନାରେ ମାମଲା ରୁଜୁ ହୋଇ ଅଧ୍ୟକ୍ଷ ଜେଲ ହାଜତରେ ମଧ୍ୟ ରହିଥିବା ସୂଚନା ମିଳିଛି। ପରବର୍ତ୍ତୀ ସମୟରେ ଝାରବନ୍ଧ ଗ୍ରାମ କମିଟି ପକ୍ଷରୁ ଅଧ୍ୟକ୍ଷ ସାହୁ ଏବଂ ତାଙ୍କ ସହଯୋଗୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ଦାଖଲ କରାଯାଇଥିଲା। ଏହାପରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ କଲେଜକୁ ଯାଇ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲା। ଏହି ତଦନ୍ତ ରିପୋର୍ଟ ଓ ସରକାରୀ ଆଦେଶ ଅନୁଯାୟୀ ଅଧ୍ୟକ୍ଷ ସାହୁଙ୍କ ନିଲମ୍ବନ ଆଦେଶ ଜାରି ହୋଇଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି ପ୍ରଶାସନିକ ପଦକ୍ଷେପ ନିଆଯାଇଛି କି ନାହିଁ, ସେନେଇ ଏପର୍ଯ୍ୟନ୍ତ ସରକାରୀ ସ୍ତରରୁ ସ୍ପଷ୍ଟ ସୂଚନା ମିଳିନାହିଁ।

# ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବରଗଡ଼, ୭।୮ (ସମିସ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବରଗଡ଼ ଜିଲ୍ଲା ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ନେଇଥିବା କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ସହ ସରକାରୀକରଣ, ଅବସର ବୟସ ସୀମା ୬୦ ରୁ ୬୨କୁ ବୃଦ୍ଧି ଆଦି ଦାବି ନେଇ ସମଗ୍ର ରାଜ୍ୟର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସଭାରେ ସଭାପତିତ୍ୱ କରିଥିଲେ ଜଗନ୍ନାଥ ମିଶ୍ର। ରାଜ୍ୟ ଓଷ୍ଟା କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ରାଜ୍ୟ ଓଷ୍ଟା ସହ ସମ୍ପାଦକ ଆଶୁତୋଷ ରଥ, ପୂର୍ବତନ ଜିଲ୍ଲା ସଭାପତି ନନ୍ଦଲାଲ ନାୟକ, ଜିଲ୍ଲା ଉପଦେଷ୍ଟା ଗୋକୁଳାନନ୍ଦ ତନସନା ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲା ସ୍କୁଲ କଲେଜ ସମନ୍ୱୟ ସମିତି ଆବାହକ ତଥା ଜିଲ୍ଲା ସମ୍ପାଦକ ସଞ୍ଜୟ ସିଂ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।



ସୁନୀଲ ଶତପଥୀ, ଅନସୂୟା ଦେବତା, ସଚ୍ଚିଦାନନ୍ଦ ପ୍ରଧାନ, ମକରଧ୍ୱଜ ସାହୁ, ସଞ୍ଜୟ ଖମାରୀ ଓ ପ୍ରମୋଦ ନାଥ ସରକାରଙ୍କ ବିଚିତ୍ର ଶିକ୍ଷାନୀତି ଓ ଶିକ୍ଷକ ମାରଣ ନୀତିକୁ ସମାଲୋଚନା କରିବା ସହ ଯଥୋଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଧାରଣାସ୍ଥଳୀକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।

## ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ 'ମିନି ସେଫ୍' କାର୍ଯ୍ୟକ୍ରମ



**ବରଗଡ଼, ୭।୮ (ସମିସ):** ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶୁକ୍ରବାର ଦିନ ପ୍ରି-ପ୍ରାଇମେରୀ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ 'ମିନି ସେଫ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ ଏବଂ ପ୍ରିନ୍ସିପାଲ୍ କରନ ସାହୁଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ଶୋଭା ବୃଦ୍ଧି କରିଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜ ଅଭିଭାବକଙ୍କ ସହ ମିଶି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଓ ଆକର୍ଷଣୀୟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଶିଶୁମାନେ ଉତ୍ସାହ ଓ ଆତ୍ମବିଶ୍ୱାସର ସହିତ ନିଜର ରନ୍ଧନ କଳା ପ୍ରଦର୍ଶନ କରିଥିଲେ। ଶେଷରେ ବିଦ୍ୟାଳୟ ପରିବାର ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୩ ● ପାଉଣ୍ଡ ୧୨୮.୨୦
- ୟୁରୋ ୧୦୯.୮୩ ● ୟେନ୍ ୦.୬୦

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୭,୭୪୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୯୯.୦୦
- ନିଫ୍ଟି ୨୪,୫୭୦.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

## ଋଣ ଅସୁଲି ନେଇ ଆର୍‌ବିଆଇର ନୂଆ ନିୟମ

# ବ୍ଲକ୍ ହେବନି ଖିଲାପକାରୀଙ୍କ ମୋବାଇଲ୍, ଲାପଟପ୍

**ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ଋଣ ପୁନରୁଦ୍ଧାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂତନ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକ ବ୍ୟାଙ୍କଗୁଡ଼ିକର ଋଣ ପୁନରୁଦ୍ଧାର କ୍ଷମତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ, ଆର୍‌ବିଆଇ ସ୍ପଷ୍ଟ କରିଛି ଯେ ଋଣ ରିକଭରି ଏଜେଣ୍ଟମାନେ ଋଣ ପରିଶୋଧରେ ଖିଲାପୀ କ୍ଷେତ୍ରରେ ଗ୍ରାହକଙ୍କ ମୋବାଇଲ୍ ଏବଂ ଲାପଟପ୍ ବ୍ଲକ୍ କରିପାରିବେନାହିଁ। ଯେତେବେଳେ ଗ୍ରାହକ ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି, ଅର୍ଥାତ୍ ସେମାନେ ସେମାନଙ୍କର ମାସିକ ଇଏମ୍‌ଆଇ ପୈଠ କରନ୍ତି ନାହିଁ, ଅନେକ ଲୋକ ଭୟ କରନ୍ତି ଯେ ବ୍ୟାଙ୍କ ସେମାନଙ୍କ ଜିନିଷପତ୍ର ଜବତ କରିବ। ଗୃହ ଋଣ ପାଇଁ, ବ୍ୟାଙ୍କଗୁଡ଼ିକ ସେମାନଙ୍କ ଘର ଜବତ କରିପାରିବେ, ଯେତେବେଳେ କାର୍ ଋଣ ପାଇଁ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଗାଡ଼ି ଜବତ କରିପାରିବ। ହେଲେ ଲୋକମାନେ ପ୍ରାୟତଃ ଭାବନ୍ତି ଯେ ଋଣ ପରିଶୋଧ ନକରିବା ପାଇଁ ବ୍ୟାଙ୍କଗୁଡ଼ିକ ସେମାନଙ୍କର ମୋବାଇଲ୍ ଫୋନ୍, ଲାପଟପ୍ କିମ୍ବା ଟାବଲେଟ୍ ବ୍ଲକ୍ କରିପାରିବ କି? ଏଥିପାଇଁ ପୃଥକ ନିୟମ ପ୍ରଯୁଜ୍ୟ। ଏବେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ନିୟମଗୁଡ଼ିକୁ ସ୍ପଷ୍ଟ କରିଛି। ଆର୍‌ବିଆଇ ଋଣ ପୁନରୁଦ୍ଧାର ସମ୍ପର୍କରେ




ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ ବ୍ୟାଙ୍କଗୁଡ଼ିକ କେବଳ ଋଣ ଅସୁଲି ଉଦ୍ଦେଶ୍ୟରେ ଗ୍ରାହକଙ୍କ ମୋବାଇଲ୍ ଫୋନ୍, ଟାବଲେଟ୍ କିମ୍ବା ଲାପଟପ୍ ବ୍ଲକ୍ କରିପାରିବେନାହିଁ। ଏହି ନିୟମଗୁଡ଼ିକ ୨୦୨୭ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହେବ। ଏହା ଗ୍ରାହକମାନଙ୍କ ବିରୁଦ୍ଧରେ ବେଆଇନ ଋଣ ଅସୁଲି ଆଦାୟ ଅଭ୍ୟାସକୁ ରୋକିବା ପାଇଁ ଉଦ୍ଦିଷ୍ଟ।

ଆର୍‌ବିଆଇ ସ୍ପଷ୍ଟ କରିଛି ଯେ ଯଦି ଜଣେ ବ୍ୟକ୍ତି ସମାନ ଡିଭାଇସ୍ ବ୍ୟବହାର କରି ମୋବାଇଲ୍ ଫୋନ୍, ଲାପଟପ୍ କିମ୍ବା ଟାବଲେଟ୍ କିଣିବା ପାଇଁ ଋଣ ନେଇଛନ୍ତି, ତେବେ ବ୍ୟାଙ୍କ ଏ କ୍ଷେତ୍ରରେ କିଛି ବୈଷୟିକ ପଦକ୍ଷେପ ନେଇପାରିବେ। ତଥାପି, ବ୍ୟାଙ୍କ କିମ୍ବା ଆର୍ଥିକ କମ୍ପାନୀଗୁଡ଼ିକ ଡିଭାଇସ୍ ତୁରନ୍ତ ସମ୍ପୂର୍ଣ୍ଣ ଭାବରେ ଲକ୍ କରିପାରିବେ ନାହିଁ। ଆର୍‌ବିଆଇର ଋଣ ଆଦାୟ ନିୟମ ଅନୁଯାୟୀ, ଯେ କୌଣସି ପଦକ୍ଷେପ ପର୍ଯ୍ୟାୟକ୍ରମେ ନିଆଯିବା ଆବଶ୍ୟକ ଏବଂ ଗ୍ରାହକଙ୍କୁ ପୂର୍ବରୁ ଏ ନେଇ ପର୍ଯ୍ୟାପ୍ତ ସୂଚନା ଏବଂ ସମୟ ଦିଆଯିବା ଦରକାର।

**ଜାନୁଆରୀ ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ**

ଆର୍‌ବିଆଇ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ଇନକମିଂ କଲ୍, ଏସ୍‌ଏମ୍‌ଏସ୍ ଏବଂ ଜରୁରୀକାଳୀନ ଏସ୍‌ଓଏସ୍ ଭଳି ମୋବାଇଲ୍ ଫୋନ୍ ସେବାଗୁଡ଼ିକୁ କୌଣସି ପରିସ୍ଥିତିରେ ଅକ୍ଷମ କରାଯାଇପାରିବନାହିଁ। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଏହି ସେବାଗୁଡ଼ିକ ସାଧାରଣ ସୁରକ୍ଷା ସହିତ ଜଡିତ ଏବଂ ସର୍ବଦା କାର୍ଯ୍ୟକ୍ଷମ ରହିବା ଉଚିତ।

ସାମ୍ପ୍ରତିକ ସମୟରେ, ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ ଋଣ ଅସୁଲି ସମୟରେ ରିକଭରୀ ଏଜେଣ୍ଟମାନେ ସୋସିଆଲ ମିଡିଆରେ ଚାପ ପ୍ରୟୋଗ କରନ୍ତି। ଗ୍ରାହକଙ୍କ ଉଦ୍ଦେଶ୍ୟରେ ଅପମାନଜନକ ଭାଷା ବ୍ୟବହାର କରନ୍ତି ଏବଂ ଅତ୍ୟଧିକ ବ୍ୟକ୍ତିଗତ ସୂଚନା ସେୟାର କରନ୍ତି। ଜବାବରେ, ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଋଣ ଆଦାୟ ପାଇଁ ଆବଶ୍ୟକ ବ୍ୟକ୍ତିଗତ ସୂଚନା କେବଳ ରିକଭରୀ ଏଜେଣ୍ଟମାନଙ୍କ ସହିତ ସେୟାର କରିବାକୁ ନିର୍ଦ୍ଦେଶ ଦେଇଛି। ଏଭଳି ଘଟଣାରେ ଗ୍ରାହକଙ୍କ ବ୍ୟକ୍ତିଗତ ସୂଚନାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ମଧ୍ୟ ଦାୟୀ ରହିବେ। ଆରବିଆଇ ଏହା ମଧ୍ୟ କହିଛି ଯେ ଋଣ ଆଦାୟ ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ବ୍ୟବହୃତ ଯେ କୌଣସି ପ୍ରଯୁକ୍ତି ବ୍ୟବସ୍ଥା ସୁରକ୍ଷିତ, ଅନୁପାଳନକାରୀ ଏବଂ ପ୍ରମାଣିତ ହେବା ଆବଶ୍ୟକ। ଲାଇସେନ୍ସବିହୀନ କିମ୍ବା ଯାଞ୍ଚ ନ ହୋଇଥିବା ସଫ୍ଟୱେରକୁ ଏଥିରେ ଅନୁମତି ଦିଆଯିବନାହିଁ। ଏହାବ୍ୟତୀତ, ଏପରି ପ୍ରଯୁକ୍ତି ବିଦ୍ୟା କାର୍ଯ୍ୟକାରୀ କରିବା ପୂର୍ବରୁ ଡିଭାଇସ୍ ନିର୍ମାତା (ଓଇଏମ୍) କିମ୍ବା ଅପରେଟିଂ ସିଷ୍ଟମ୍ କମ୍ପାନୀଠାରୁ ଆବଶ୍ୟକୀୟ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ ହେବ।

## ପୁଣି ଦେଢ଼ ଲକ୍ଷ ଟପିଲା ସୁନା ଦର

# ରୁପା ଦିନକରେ ୧୦ ହଜାର ମହଙ୍ଗା

**ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ସୁନା କିଣିବାକୁ ଯୋଜନା କରୁଥିବା ଲୋକଙ୍କ ପାଇଁ ବଡ଼ ଖବର। କାରଣ କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ଘରୋଇ ବଜାରରେ ବଢ଼ିଛି ସୁନା ଓ ରୁପା ଦର। ପୁନର୍ବାର ସୁନା ଦର ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟପିଲା ସୁନା ଦର ଟିପିଛି। ଅପରପକ୍ଷେ ରୁପା କିଲୋ ପିଛା ପୁଣି ଥରେ ଅଢ଼େଇ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏମିତିକି ରୁପା କିଲୋ ପିଛା ୨.୫୦ ଲକ୍ଷ ଟଙ୍କା ଟପିଯାଇଛି। ଏଥିରେ ଭୁବନେଶ୍ୱରରେ ଆଜି ସୁନା ଓ ରୂପା ଦରରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ୨୪ କ୍ୟାରେଟ ଏବଂ ୨୨ କ୍ୟାରେଟ ସୁନା ସହ ରୂପା ମୂଲ୍ୟ ମଧ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି।




ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୧୨୭୨ ଟଙ୍କା ବୃଦ୍ଧି ଘଟି ୧.୫୦ ଲକ୍ଷ ଟଙ୍କା ହୋଇଥିବାବେଳେ ରୁପା କିଲେଶ ପିଛା ୨,୨୫,୮୩୬ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ସୁନା ଓ ରୂପା ଦରରେ ଆଜି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୨,୮୯୦ ଟଙ୍କା ବଢ଼ି ୧,୪୯,୮୯୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୨,୬୫୦ ଟଙ୍କା ବୃଦ୍ଧି ପାଇ ୧,୩୭,୭୪୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା ମୂଲ୍ୟରେ ମଧ୍ୟ ବଡ଼ ପରିବର୍ତ୍ତନ ଦେଖାଯାଇଛି। କିଲୋଗ୍ରାମ ପିଛା ରୂପା ଦର ଆଜି ଗୋଟିଏ ଦିନରେ ୧୦ ହଜାର ଟଙ୍କା ବଢ଼ି ୨.୫୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକୀୟ ଡଲାର ଦୁର୍ବଳ ହେବାରୁ ବିଶ୍ୱ ବଜାରରେ ସୁନା ଓ ରୂପା ପ୍ରତି ଚାହିଦା ବଢ଼ିଛି। ବିଦେଶୀ କ୍ରେତାଙ୍କ ପାଇଁ ସୁନା ଓ ରୂପା ତୁଳନାମୂଳକ ଶସ୍ତା ହେବାରୁ କିଣା ବୃଦ୍ଧି ପାଇଛି। ଏହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ସହ ଭୁବନେଶ୍ୱରରେ ମଧ୍ୟ ପଡ଼ିଛି। ତେବେ ସୁନା କିମ୍ବା ରୂପା କିଣିବାକୁ ଯୋଜନା କରୁଥିଲେ, ବଜାର ଦର ଉପରେ ନଜର ରଖି ଏବଂ ବିଶେଷଜ୍ଞଙ୍କ ପରାମର୍ଶ ନେଇ ନିଷ୍ପତ୍ତି ନେବା ଭଲ।

## ଏସଏମଇ ଫୋରମ୍‌ର ସର୍ବବୃହତ ସର୍ଭେ ରିପୋର୍ଟ ଉନ୍ମୋଚିତ



**ଭୁବନେଶ୍ୱର, ୭।୮ (ସମିସ):** ଇଣ୍ଡିଆ ଏସ୍‌ଏମ୍‌ଇ ଫୋରମ୍ (ଆଇଏସ୍‌ଏଫ୍) ପକ୍ଷରୁ ଡିଜିଟାଲ ଭାରତ:ଇଣ୍ଡିଆ ଡିଜିଟାଲ ପ୍ରୋକ୍ୟୋରମେଂଟ ରିପୋର୍ଟ୨୦୨୬ର ଶୁଭାରମ୍ଭ କରାଯାଇଛି, ଯାହା ଏମଏସଏମଇ କ୍ରୟ ଆଚରଣ ଏବଂ ଡିଜିଟାଲ ଗ୍ରହଣୀୟତା ଉପରେ ଭାରତର ସବୁଠାରୁ ବ୍ୟାପକ ଅଧ୍ୟୟନରୁ ମଧ୍ୟରୁ ଅନ୍ୟତମ। ଭାରତର ୫୧୫.୩ ଲକ୍ଷ ଉଦ୍ୟୋଗ-ପଞ୍ଜୀକୃତ ଏମ୍‌ଏସଏମଇକୁ କଭର କରିଥିବା, ଏହି ରିପୋର୍ଟକୁ ଏମ୍‌ଏସଏମଇ ରାଷ୍ଟ୍ରମନ୍ତ୍ରୀ ଏବଂ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରାଣ୍ଡଲାଜେ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏମଏସଏମଇ ଶିଳ୍ପ ନେତୃବୃନ୍ଦ, ଉଦ୍ୟୋଗୀ ଏବଂ ଡିପିଆଇଆଇଟିର ଅତିରିକ୍ତ ସଚିବ ଅତୀଶ କୁମାର ସିଂହ ଏବଂ ଏମଏସଏମଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ କେଶଭେନ୍ଦ୍ର କୁମାର (ଆଇଏଏସ୍)ଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ। ଏହି ରିପୋର୍ଟ ଆକଳନ କରିଛି ଯେ, ୧୨୪.୯ ଟ୍ରିଲିୟନ ଟଙ୍କା ମୂଲ୍ୟର ଭାରତର ଏମଏସଏମଇ କ୍ରୟ ଅର୍ଥନୀତି ଏହାକୁ ଦେଶର ସର୍ବବୃହତ ବ୍ୟବସାୟିକ ବ୍ୟୟ ବର୍ଗ ମଧ୍ୟରୁ ଗୋଟିଏ କରିଥାଏ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର, ୭।୮ (ସମିସ):** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ମଧୁପାଟଣାର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ସ୍ଥିତ ଓଏସ୍‌ଏମ୍‌ଇଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇର ସହାୟକ ନିର୍ଦ୍ଦେଶକ ଜଗଦୀଶ ସାହୁ, ଓସ୍‌ମି ଅଧ୍ୟକ୍ଷ ଗୌର ଶଙ୍କର ଦାସ୍, ଓଏସ୍‌ଏମ୍‌ଇର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସୁକାନ୍ତ କୁମାର ମଲ୍ଲିକ, ସମ୍ପଦ ବିଭାଗର ମହାପ୍ରବନ୍ଧକ ଶଶିଧର କେ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୨.୨୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

## ବ୍ରିକ୍ସ ମୁଦ୍ରା ସପକ୍ଷରେ ଭାରତ ନାହିଁ

# ନୂଆ ମୁଦ୍ରା ଯୋଜନାକୁ ବିରୋଧ କଲେ ପୀୟୂଷ ଗୋଏଲ

**ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ବ୍ରିକ୍ସ ପାଇଁ ଅଲଗା ମୁଦ୍ରା ପ୍ରଚଳନ କରିବା ସପକ୍ଷରେ ଭାରତ ନାହିଁ। ଏପରି କୌଣସି ନୂଆ ମୁଦ୍ରା ଯୋଜନାକୁ ଭାରତ ସମର୍ଥନ କରୁ ନ ଥିବା କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଜୟପୁରରେ ଦୁଇ ଦିନିଆ ବ୍ରିକ୍ସ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀସ୍ତରୀୟ ବୈଠକ ଶେଷ ପରେ ସାମ୍ବାଦିକମାନଙ୍କ ସହ କଥା ହୋଇ ଶ୍ରୀ ଗୋଏଲ ଏହା କହିଛନ୍ତି।

ଶ୍ରୀ ଗୋୟଲ କହିଛନ୍ତି ଯେ, ଭାରତ ବ୍ରିକ୍ସ ମୁଦ୍ରାର ସପକ୍ଷରେ ନାହିଁ। ଏପରି କୌଣସି ବ୍ରିକ୍ସ ମୁଦ୍ରା ଯୋଜନା ଆଣିବାକୁ ଆମେ ସମର୍ଥନ କରୁନାହୁଁ। ଏହି ପ୍ରସ୍ତାବକୁ ଭାରତ ବିରୋଧ କରୁଛି। ବର୍ତ୍ତମାନ ବ୍ରିକ୍ସ ଗୋଷ୍ଠୀରେ ବିଶ୍ୱର ୧୧ଟି ପ୍ରମୁଖ ଉଦୀୟମାନ ଅର୍ଥନୀତି ଓ ବିକାଶଶୀଳ ଦେଶ ସାମିଲ ଅଛନ୍ତି। ସେଗୁଡ଼ିକ ହେଲେ- ବ୍ରାଜିଲ, ଚୀନ, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ସଂଯୁକ୍ତ ଆରବ ଏମିରେଟ୍ସ। ଏହି ଗ୍ରୁପ ବିଶ୍ୱ ଓ ଆଞ୍ଚଳିକ ଗୁରୁତ୍ୱର ସମସାମୟିକ ପ୍ରସଙ୍ଗ, ରାଜନୈତିକ ଏବଂ ଆର୍ଥିକ ପ୍ରଶାସନ ସମ୍ବନ୍ଧୀୟ ବିଷୟରେ ଆଲୋଚନା ଓ ସହଯୋଗ ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରେ। ଗତ କିଛି ବର୍ଷ ଧରି ବ୍ରିକ୍ସର କିଛି ସଦସ୍ୟ ଦେଶ, ବିଶେଷ କରି ରୁଷ ଓ ଚୀନ, ଆମେରିକୀୟ ଡଲାରର ବିକଳ୍ପ ଖୋଜିବା କିମ୍ବା ବ୍ରିକ୍ସର ନିଜସ୍ୱ ମୁଦ୍ରା ଆରମ୍ଭ କରିବା ପକ୍ଷରେ ମତ ରଖିଆସୁଛନ୍ତି। ଏଭଳି କ୍ଷେତ୍ରରେ ପୀୟୂଷ ଗୋଏଲଙ୍କ ଏହି ବୟାନ ସେହି ପୃଷ୍ଠଭୂମିରେ ବିଶେଷ ଗୁରୁତ୍ୱ ବହନ କରୁଛି। ୨୦୨୪ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବ୍ରିକ୍ସ ଦେଶମାନଙ୍କୁ ସତର୍କ କରି କହିଥିଲେ ଯେ, ଯଦି ଆମେରିକୀୟ ଡଲାରକୁ ବଦଳାଇବା ପାଇଁ କୌଣସି ପଦକ୍ଷେପ ନିଆଯାଏ, ତେବେ ତାହାର ପରିଣାମ ଭୋଗିବାକୁ ପଡ଼ିପାରେ। ବାଣିଜ୍ୟ ମନ୍ତ୍ରୀ କହିଛନ୍ତି ଯେ, ଜୟପୁରରେ ଆୟୋଜିତ ବୈଠକରେ ସଦସ୍ୟ ଦେଶମାନଙ୍କ ମଧ୍ୟରେ ସନ୍ତୁଳିତ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହା ସହିତ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ସହଜ ଓ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଉପଲବ୍ଧ କରାଇବା ପ୍ରସଙ୍ଗ ମଧ୍ୟ ବୈଠକରେ ଉଠିଥିଲା।

## ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ପକ୍ଷରୁ ସ୍ୱର୍ଣ୍ଣିମ ଉଡାନ ୨୦୪୭ର ଶୁଭାରମ୍ଭ

**ନୂଆଦିଲ୍ଲୀ,, ୭।୮ (ଏଜେନ୍ସି):** ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ପକ୍ଷରୁ ଆଜି ଭାରତୀୟ ସୁନା ଶିଳ୍ପ ପାଇଁ 'ସ୍ୱର୍ଣ୍ଣିମ ଉଡାନ୍ ୨୦୪୭: ଅନ୍‌ଲକିଂ ଦ ଫୁଲ୍ ପୋଟେନ୍ସିଆଲ ଅଫ୍ ଗୋଲ୍ଡ ଟୁୱାର୍ଡସ ବିକଶିତ ଭାରତ ୨୦୪୭' ଶୀର୍ଷକ ଏକ ଉଲ୍ଲେଖନୀୟ ଭିଜନ ଡକ୍ୟୁମେଣ୍ଟ ପ୍ରକାଶ କରାଯାଇଛି। ନଲେଜ ପାର୍ଟନର ଭାବେ ମନିଟର ଡିଲଏଟ ସହ ବିକଶିତ କରାଯାଇଥିବା ଏହି ରିପୋର୍ଟ, ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆନ୍ତର୍ଜାତୀୟ ପ୍ରତିଯୋଗୀପୂର୍ଣ୍ଣତା ପାଇଁ ସୁନାକୁ ଏକ ରଣନୈତିକ ଆର୍ଥିକ ସନ୍ତୁଳନକାରୀ ଭାବେ ପୁନଃସ୍ଥାପିତ କରିବା ପାଇଁ ଏକ ଦୀର୍ଘକାଳିନ ରୋଡମ୍ୟାପ ପ୍ରସ୍ତୁତ କରିଛି। ଭାରତ ୨୦୪୭ ସୁଦ୍ଧା ଏହାର ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ଲକ୍ଷ୍ୟ ଦିଗରେ ଆଗକୁ ବଢୁଥିବାରୁ ଏହି ରିପୋର୍ଟ ସୁନାକୁ ଏକ ରଣନୈତିକ ଜାତୀୟ ସମ୍ପତି ଭାବେ ଅବସ୍ଥାପିତ କରିଛି। ରିପୋର୍ଟ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ସିଇଓ ଡେଭିଡ ଟେଟ୍ କହିଛନ୍ତି, ସ୍ୱର୍ଣ୍ଣିମ ଉଡାନ୍ ୨୦୪୭ ଦେଶର ସୁନା ବଜାରକୁ ଆଧୁନିକ ଓ ମଜବୁତ କରିବା ପାଇଁ ଭାରତର ପାଇଁ ଏକ ସ୍ପଷ୍ଟ ମାର୍ଗ ପ୍ରସ୍ତୁତ କରିଛି।

## ଉଜ୍ଜୀବନ ସ୍ମଲ ଫାଇନାନ୍ସ-ଟାଟା ଏଆଇଜି ସହଭାଗିତା

**ଭୁବନେଶ୍ୱର, ୭।୮ (ସମିସ):** ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭାରତବ୍ୟାପୀ ଏହାର ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ସାଧାରଣ ବୀମା ସମାଧାନ ପ୍ରଦାନ କରିବା ପାଇଁ ଟାଟା ଏଆଇଜି ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ସହ ଏକ ସହଭାଗିତା ଘୋଷଣା କରିଛି। ଟାଟା ଏଆଇଜିର ବୀମା ସମାଧାନର ବିସ୍ତୃତ ପୋର୍ଟଫୋଲିଓକୁ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୭୦୦ରୁ ଅଧିକ ଶାଖା ଏବଂ ବ୍ୟାଙ୍କିଙ୍ଗ ଟଚ୍ ପଏଣ୍ଟ ନେଟ୍‌ୱର୍କ ମାଧ୍ୟମରେ ଉପଲବ୍ଧ କରାଯିବ। ଏହି ସହଭାଗିତା ରିଟେଲ, ଏମଏସଏମଇ, ଯାନବାହନ ଋଣ ଓ ଗୃହ ଋଣ ବର୍ଗରେ ଗ୍ରାହକଙ୍କୁ ସେମାନଙ୍କର ବିକଶିତ ଆର୍ଥିକ ଓ ସୁରକ୍ଷା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ବୀମା ସମାଧାନ ଉପଲବ୍ଧ କରିବ ବୋଲି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟବିଲିଟିଜ୍, ଟିଏଏସସି ଓ ଟିପିପି ବିଭାଗର ମୁଖ୍ୟ ହିତେନ୍ଦ୍ର ଝା କହିଛନ୍ତି।

## ଗଣପତି ମହୋତ୍ସବରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ ପଶ୍ଚିମ ରେଳବାଇ

**ମୁମ୍ବାଇ, ୭।୮:** ଯାତ୍ରୀଙ୍କ ସୁବିଧା ପାଇଁ ଏବଂ ଗଣପତି ମହୋତ୍ସବ ସମୟରେ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ, ପଶ୍ଚିମ ରେଳବାଇ ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ଭଡ଼ାରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ। ପଶ୍ଚିମ ରେଳବାଇର ଜନସମ୍ପର୍କ ବିଭାଗ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ୍ ନମ୍ବର ୦୯୦୧୩ ମୁମ୍ବାଇ ସେଣ୍ଟ୍ରାଲ୍ - ଥୋକୁର୍ ସ୍ୱତନ୍ତ୍ର ୧୫ ସେପ୍ଟେମ୍ବର, ୨୦୨୬ ମଙ୍ଗଳବାର ଦିନ ୧୦.୪୫ ଘଣ୍ଟାରେ ମୁମ୍ବାଇ ସେଣ୍ଟ୍ରାଲ୍‌ରୁ ଛାଡ଼ିବ ଏବଂ ପରଦିନ ସକାଳ ୦୮.୫୦ ଘଣ୍ଟାରେ ଥୋକୁର୍‌ରେ ପହଞ୍ଚିବ। ସେହିପରି, ଟ୍ରେନ ନମ୍ବର ୦୯୦୧୪ ଠୋକୁର - ମୁମ୍ବାଇ ସେଣ୍ଟ୍ରାଲ ସ୍ପେଶାଲ ୧୬ ସେପ୍ଟେମ୍ବର, ୨୦୨୬ ବୁଧବାର ଦିନ ୧୧.୦୦ ଘଣ୍ଟାରେ ଠୋକୁରରୁ ଛାଡିବ ଏବଂ ପରଦିନ ସକାଳ ୦୭.୪୦ ଘଣ୍ଟାରେ ମୁମ୍ବାଇ ସେଣ୍ଟ୍ରାଲରେ ପହଞ୍ଚିବ। ଏହି ଟ୍ରେନଟି ରାସ୍ତାରେ ବୋରିଭଲି, ଭାସାଇ ରୋଡ, ଭିୱାଣ୍ଡି ରୋଡ, ପାନଭେଲ, ପେନ, ରୋହା, ମାନଗାଓଁ, ବୀର, ଖେଡ, ଚିପଲୁନ, ସଙ୍ଗମେଶ୍ୱର ରୋଡ, ରତ୍ନଗିରି, କୁମତା, ମୁର୍ଦ୍ଦେଶ୍ୱର, ମୁକାମ୍ବିକା ରୋଡ ବାଇନ୍ଦୁର, କୁଣ୍ଡପୁରା, ଉଡୁପି, ମୁଲକି ଏବଂ ସୁରଥକାଲ ଷ୍ଟେସନରେ ଉଭୟ ଦିଗରେ ଅଟକିବ।

## ସାଇକଲ ପିୟୋର୍ ଅଗରବତୀର ପାର୍ବଣ ନବସୃଜନ ଉନ୍ମୋଚିତ




**ଭୁବନେଶ୍ୱର, ୭।୮ (ସମିସ):** ସୁଗନ୍ଧ ଉତ୍କର୍ଷର ୭୭ ବର୍ଷ ପାଳନ କରି ବିଶ୍ୱର ସର୍ବବୃହତ ଅଗରବତୀ ନିର୍ମାତା ସାଇକଲ ପିୟୋର ଅଗରବତୀ ଏହାର ନୂତନ ପାର୍ବଣ ଉତ୍ପାଦ ବର୍ଗମାଳା ଉନ୍ମୋଚନ କରିଛି। ନୂତନ ବର୍ଗମାଳାକୁ ସାଇକଲ ପିୟୋର ଅଗରବତୀର ଏମ୍‌ଡି ଅର୍ଜୁନ ରାଙ୍ଗା ଉନ୍ମୋଚନ କରି ଓଡ଼ିଶାରେ ଏକ ପ୍ରଶସ୍ତ ଉତ୍ପାଦ ବର୍ଗମାଳା, ଗଭୀର ବଜାର ପ୍ରବେଶ ଏବଂ ସମୁଦାୟ ବାଣିଜ୍ୟ ବ୍ୟବସ୍ଥା, ଆଧୁନିକ ରିଟେଲ, ଇ-କମର୍ସ ଏବଂ କ୍ୱିକ୍- କମର୍ସ ପ୍ଲାଟଫର୍ମଗୁଡିକ ଜରିଆରେ ସାରା ଓଡ଼ିଶାରେ ଏହାର ଉପସ୍ଥିତି ସୁଦୃଢ କରୁଥିବା କହିଥିଲେ। ବାକୁ ଦୃଷ୍ଟିନିବଦ୍ଧ କରିଆସୁଛି। ଓଡ଼ିଶା ଆମ ପାଇଁ କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ନୁହେଁ, ତାହାସହିତ ଉତ୍ପାଦନ ଓ ସମ୍ବଳ ସଂଗ୍ରହ ପରିବ୍ୟବସ୍ଥା ନିମନ୍ତେ ଏକ ମୁଖ୍ୟ ଅଂଶ ଭାବରେ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ବାଲେଶ୍ୱର ଓ ସୋରରେ ଉତ୍ପାଦନ ୟୁନିଟ ରହିଛି ଏବଂ ଆମେ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ଅଗରବତୀ, ପୂଜା ସମ୍ପର୍କିତ ଉତ୍ପାଦସମୂହ ଏବଂ ନଡିଆ କତା ଆଦି ସଂଗ୍ରହ କରିବାକୁ ସ୍ଥାନୀୟ ଯୋଗାଣକାରୀଙ୍କ ସହିତ କାର୍ଯ୍ୟ କରୁଛୁ।

## ଆସାମ ବନ୍ୟା ପାଇଁ ବେଦାନ୍ତ ଦେଲା ୭ କୋଟି ସହାୟତା



**ଭୁବନେଶ୍ୱର, ୭।୮ (ସମିସ):** ଆସାମରେ ଭୟାବହ ବନ୍ୟାରେ ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ବେଦାନ୍ତର ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥିବା ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ କରିଥିବା ଏକ ପୋଷ୍ଟରେ ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଭୟାବହ ବନ୍ୟା ସମୟରେ ବେଦାନ୍ତ ପୁଣି ଥରେ ଆଗକୁ ଆସି ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର ସହାୟତା ପ୍ରଦାନ କରିଛି। ଆସାମର ଲୋକଙ୍କ ସହ ଏଭଳି ଦୁଃସମୟରେ ଠିଆ ହୋଇଥିବାରୁ ଆମେ ଶ୍ରୀ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞ ଏବଂ ସମାଜକୁ ଫେରାଇ ଦେବାରେ ତାଙ୍କର ଦୃଢ଼ ବିଶ୍ୱାସ ଏହି ଉଦାର ପଦକ୍ଷେପ ଏକ ପ୍ରତିଫଳନ। ଏହି ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ତୁରନ୍ତ ରିଲିଫ୍ କାର୍ଯ୍ୟ ଯଥା ଖାଦ୍ୟ, ଆଶ୍ରୟ, ବିଶୁଦ୍ଧ ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇବା ସହ ଦୀର୍ଘମିଆଦି ପୁନର୍ବାସ କାର୍ଯ୍ୟରେ ବ୍ୟବହାର କରାଯିବ।

## ଖାଇବା ଥାଳିରେ ମହଙ୍ଗା ମାଡ଼

# ନିରାମିଷ ୪%, ଆମିଷ ମିଲ୍ ୯% ମହଙ୍ଗା

**ମୁମ୍ବାଇ, ୭।୮ (ଏଜେନ୍ସି):** ଇନ୍ଧନ ପରେ ଏବେ ଖାଇବା ଥାଳିରେ ମହଙ୍ଗା ମାଡ଼। ରନ୍ଧା ଖାଦ୍ୟ ବାବଦ ଖର୍ଚ୍ଚ ବଢ଼ିବା ପରେ ଜୁଲାଇ ମାସରେ ଘରେ ଖାଇବା ବାବଦ ବ୍ୟୟ ଢେର ବଢିଯାଇଛି। ବାର୍ଷିକ ଆଧାରରେ ଦେଖିଲେ ଏହି ସମୟରେ ଶାକାହାରୀ ଥାଳି ମୂଲ୍ୟରେ ପାଖାପାଖି ୪% ବୃଦ୍ଧି ଘଟିଛି। ଏହି ସମୟରେ ଆମିଷ ଭୋଜନ ଥାଳି ପାଖାପାଖି ୯% ମହଙ୍ଗା ହୋଇଛି। ମୁଖ୍ୟ ରୂପେ ପିଆଜ, ଖାଇବା ତେଲ, ରୋଷେଇ ଗ୍ୟାସ୍ ଓ ଚିକେନ ମୂଲ୍ୟରେ ବୃଦ୍ଧି ଘରୋଇ ରୋଷେଇ ଖର୍ଚ୍ଚ ବୃଦ୍ଧି କରିଛି। କ୍ରିସିଲ ଇଣ୍ଟେଲିଜେନ୍ସି ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡିଛି।



ଜୁଲାଇ ମାସରେ ଶାକାହାରୀ ବ୍ୟଞ୍ଜନ ରନ୍ଧନ ବାବଦ ମୂଲ୍ୟ ବୃଦ୍ଧି ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ବାର୍ଷିକ ଆଧାରରେ ବଜାରରେ ପିଆଜ ମୂଲ୍ୟରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଖାଇବା ତେଲ ଓ ରୋଷେଇ ଗ୍ୟାସ୍ ମୂଲ୍ୟରେ ଯଥାକ୍ରମେ ୧୧ ଓ ୧୦ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି। ଆମିଷ ଥାଳି ମାମଲାରେ ରନ୍ଧନ ଗ୍ୟାସ୍ ଓ ଚିକେନ ମୂଲ୍ୟ ବୃଦ୍ଧି ଥାଳିକୁ ମହଙ୍ଗା କରିଛି। ଚିକେନ୍ ମୂଲ୍ୟରେ ଏହି ସମୟରେ ପାଖାପାଖି ୧୪% ବୃଦ୍ଧି ହୋଇଛି। ରିପୋର୍ଟ ଅନୁସାରେ ପିଆଜ ମୂଲ୍ୟ ଉଚ୍ଚସ୍ତରକୁ ଛୁଇଁଥିଲା। କାରଣ ବଜାରକୁ ପୁରୁଣା ଷ୍ଟକ୍ ମହଙ୍ଗା ପିଆଜ ଆସିଥିଲା। ଏହାଛଡା ମାର୍ଚ୍ଚ ଓ ଏପ୍ରିଲ ମାସରେ ମହାରାଷ୍ଟ୍ରରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଯୋଗୁ ଫସଲ ଓ ଷ୍ଟୋରେଜ ପ୍ରଭାବିତ ହୋଇଥିଲା। ଏଣୁ ଯୋଗାଣ ଉପରେ ପ୍ରଭାବ ପଡିଥିଲା। ତେବେ ଆଳୁ ଓ ଟମାଟୋ ମୂଲ୍ୟରେ ହ୍ରାସ ପରିସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରିତ କରିଛି। ଆଳୁ ଦର ବାର୍ଷିକ ଆଧାରରେ ୧୨% ଓ ଟମାଟୋ ଦାମ ୨ ପ୍ରତିଶତ ହ୍ରାସ ହୋଇଛି। ଅଧିକ ଜମିରେ ଆଳୁ ଚାଷ ଓ ଉତ୍ପାଦନ ବୃଦ୍ଧି ଯୋଗୁ ଦର ନିୟନ୍ତ୍ରିତ ରହିଛି। ସେହିପରି ଟମାଟୋ ଚାଷ ବିଳମ୍ବିତ ହେବା ଜୁଲାଇରେ ଅଧିକ ଅମଳ ମୂଲ୍ୟକୁ ସ୍ଥିର ରଖିଛି। ମାସିକ ଆଧାରରେ ଜୁଲାଇରେ ଖାଦ୍ୟ ଥାଳି ଦର ଜୁନ ତୁଳନାରେ ୨ ପ୍ରତିଶତ ବଢିଛି। ଏହାର ମୁଖ୍ୟ କାରଣ ହେଉଛି ପିଆଜର ଦର ୨୩ ପ୍ରତିଶତ ପର୍ଯ୍ୟନ୍ତ ବଢିଯିବା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ସମୟରେ ଆମିଷ ଥାଳି ଦର ଜୁନ ମାସ ଅନୁସାରେ ପାଖାପାଖି ସ୍ଥିର ରହିଛି। କାରଣ ବ୍ରାୟଲର ଚିକେନ ଦରରେ ଆନୁମାନିକ ୨ ପ୍ରତିଶତ ହ୍ରାସ ଅନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ସନ୍ତୁଳିତ କରିଛି।

### ଖାଇବା ତେଲ ୧୧%, ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୦% ବୃଦ୍ଧି

### ଜୁଲାଇରେ ଥାଳି ଦର ଜୁନ୍ ତୁଳନାରେ ୨ ପ୍ରତିଶତ ବଢିଛି

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ଯୋଜନା ମୁତାବକ କାମ କରିବେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ବିବାଦ ସୃଷ୍ଟି ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଚାନକ ଖୁସି ଖବର ମିଳିପାରେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯୋଜନା ମୁତାବକ କାମ କରିବେ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ମିଳିପାରେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ବିବାହକୁ ନେଇ ଚିନ୍ତାରେ ରହିପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୨- ମହାତ୍ମାଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କଲେ।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।

# ଇମ୍ରାନ୍‌ଙ୍କୁ ଟକ୍କର ଦେବେ ସନ୍ନି



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଫିଲ୍ମ 'ଆୱାରାପନ୍ ୨'କୁ ନେଇ ଚର୍ଚ୍ଚାରେ। ଏହା ଆସନ୍ତା ୧୪ ଅଗଷ୍ଟରେ ସିନେମାହଲ୍‌ରେ ରିଲିଜ୍ ହେବ। ଇତିମଧ୍ୟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍‌ରେ ପ୍ରତିଶୋଧ, ଗଭୀର ଯନ୍ତ୍ରଣା ଏବଂ ଭାବପ୍ରବଣତାର ଏକ ରୋମାଞ୍ଚକର କାହାଣୀ ଦେଖିବାକୁ ମିଳିଛି। ଏହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ବକ୍ସ ଅଫିସ୍‌ରେ ଏହି ଚଳଚ୍ଚିତ୍ରର ମୁକାବିଲା ସନ୍ନି ଦେଓଲ, ପ୍ରୀତି ଜିଣ୍ଟା ଏବଂ ଶବାନା ଆଜ୍‌ମୀଙ୍କ ଚଳଚ୍ଚିତ୍ର 'ବଟୱାରା ୧୯୪୭' ସହିତ ହେବ। ଅପରପକ୍ଷରେ ୨୦୦୭ ମସିହାରେ ମୁକ୍ତିଲାଭ କରିଥିବା 'ଆୱାରାପନ୍'ରେ 'ଶିବମ୍ ପଣ୍ଡିତ' ଭୂମିକା ଇମ୍ରାନ୍‌ଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ବକ୍ସ ଅଫିସ୍‌ରେ ଖରାପ ପ୍ରଦର୍ଶନ କରିବା ସତ୍ତ୍ୱେ, ଏହି ଫିଲ୍ମଟି ଅନେକ ବର୍ଷ ଯାଏ ଦର୍ଶକଙ୍କ ହୃଦୟରେ ରାଜ୍ କରିଥିଲା। ଏବେ ୧୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସୁଛି। ଏହି ଚଳଚ୍ଚିତ୍ରରେ ଇମ୍ରାନ୍‌ଙ୍କ ସହ ଦିଶା ପଟାନୀ ଏବଂ ଶବାନା ଆଜ୍‌ମୀ ଲିଡ୍ ରୋଲରେ ଦେଖାଯିବେ। 'ଆୱାରାପନ୍ ୨' କୁ ଏକ ଆକ୍ସନ୍-ଡ୍ରାମା ଫିଲ୍ମ ବୋଲି କୁହାଯାଉଛି, ଏହା ଶିବମ୍ ପଣ୍ଡିତଙ୍କ କାହାଣୀକୁ ଆଗକୁ ବଢ଼ାଇବ। ଜୁନ୍ ଶେଷରେ ଟିଜର୍ ଆସିବା ପରେ ଫିଲ୍ମକୁ ଭଲ ହାଇପ୍ ମିଳିଥିଲା, କିନ୍ତୁ ଟ୍ରେଲର୍ ଆସିବାରେ ବିଳମ୍ବ ଯୋଗୁଁ ନିର୍ମାତାମାନେ ପ୍ରାରମ୍ଭିକ ଫାଇଦା ହରାଇଛନ୍ତି। ଅପରପକ୍ଷରେ 'ଗଦର ୨'ର ବଡ଼ ସଫଳତା ପରେ ସନ୍ନିଙ୍କ ଦେଶଭକ୍ତିଭିତ୍ତିକ ଫିଲ୍ମ 'ବଟୱାରା ୧୯୪୭'କୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅଧିକ ଉତ୍ସାହ ରହିଛି, ଯାହା 'ଆୱାରାପନ୍ ୨' ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ।


# ଗନ୍ଧରୁ ଜାଣିପାରନ୍ତି ଭୂତର ଉପସ୍ଥିତି!



ସାମାଜିକ ଗଣମାଧ୍ୟମରେ ଅନେକ ରୋଚକୀୟ କାହାଣୀମାନ ଶୁଣିବାକୁ ମିଳିଥାଏ। ଯାହା ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ଏହି କ୍ରମରେ ଏବେ ଜଣେ ୨୩ ବର୍ଷୀୟ ଯୁବକଙ୍କ ଅସମାନ୍ୟ ଦାବି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଯୁବକଙ୍କ କହିବାନୁଯାୟୀ, ସେ ପିଲାବେଳୁ ହିଁ ଭୂତ ପ୍ରେତ ଭଳି ଅଦୃଶ୍ୟ ଆତ୍ମାଙ୍କୁ ଅନୁଭବ କରିପାରନ୍ତି। ସେମାନଙ୍କ ଗନ୍ଧ ଶୁଙ୍ଘି ତାଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି। ହାର୍ଭେ ମୋରେ ନାମକ ଏହି ଯୁବକ ଜଣେ ପାରାନର୍ମାଲ କଣ୍ଟେଣ୍ଟ କ୍ରିଏଟର। ତାଙ୍କର ଏହି ଅଜବ ଦାବି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହାର୍ଭେଙ୍କ କହିବାନୁଯାୟୀ, ସେ ପିଲାଦିନେ ଘରେ ଏକ କଳା ପୋଷାକ ପିନ୍ଧିଥିବା ଏକ ରହସ୍ୟମୟ ଛାଇକୁ ଦେଖିଥିଲେ। ସେହି ଛାଇଟି ଘରର ଗୋଟିଏ ରୁମ୍‌ରୁ ଆଉ ଏକ ରୁମ୍‌କୁ ଯାଉଥିବା ସେ ଲକ୍ଷ୍ୟ କରିଥିଲେ। ଅନେକ ଥର ସେ କାହାରି ପାଦର ଶବ୍ଦ ମଧ୍ୟ ଶୁଣିଥିବା କୁହନ୍ତି। ସେ ଏ ବାବଦରେ ତାଙ୍କ ମାଙ୍କୁ ପଚାରିବାରୁ ସେମାନେ ଯେଉଁଘରେ ରହୁଛନ୍ତି ସେଠାରେ ପୂର୍ବରୁ ପାଦ୍ରୀ ରହୁଥିବା ହାର୍ଭେ ଜାଣିବାକୁ ପାଇଥିଲେ। ହାର୍ଭେ ସେବେଠୁ ଆତ୍ମାର ଅସ୍ତିତ୍ୱ ଥିବା ବିଶ୍ୱାସ କଲେ। କୋଭିଡ୍ ୧୯ ଲକଡାଉନ୍ ସମୟରେ ସେ ସାମାଜିକ ଗଣମାଧ୍ୟମରେ ପାରାନର୍ମାଲ ବିଷୟ ସହ ଜଡ଼ିତ ଲାଇଭ୍ ଭିଡିଓ ଏବଂ କଣ୍ଟେଣ୍ଟ ଦେଖିବା ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଲା। ସେ ଭୂତପ୍ରେତ ବିଷୟରେ ଅଧିକ ପଢ଼ିବାକୁ ଲାଗିଲେ। ଏହାପରେ ଭୂତପ୍ରେତ ଥିବା ସ୍ଥାନକୁ ଯାଇ ସେଠାରେ ଭିଡିଓ କଲେ। ତେବେ ଗନ୍ଧ ଦ୍ୱାରା ସେ ଆତ୍ମାଙ୍କ ଉପସ୍ଥିତି ଜାଣିପାରନ୍ତି ବୋଲି ହାର୍ଭେ କୁହନ୍ତି। ତାଙ୍କ କହିବାନୁଯାୟୀ, ଭୂତପ୍ରେତ ରହୁଥିବା ସ୍ଥାନରେ ପହଞ୍ଚିବା ପରେ ତାଙ୍କୁ ଏକ ଗନ୍ଧ ଅନୁଭୂତ ହୋଇଥାଏ। ସେଥିରୁ ସେ ଆତ୍ମାର ଉପସ୍ଥିତି ଅନୁଭବ କରନ୍ତି। ଏହାପରେ ସେ ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି। ହାର୍ଭେ ଜଣେ ପଡକାଷ୍ଟର୍, କଣ୍ଟେଣ୍ଟ କ୍ରିଏଟର୍, ଭିଡିଓଗ୍ରାଫର୍ ଭାବେ କାର୍ଯ୍ୟ କରନ୍ତି। ଭୂତପ୍ରେତ ସହ ଜଡ଼ିତ ରହସ୍ୟମୟ ସ୍ଥାନଗୁଡ଼ିକୁ ଯାଇ ଭିଡିଓ କରି ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଭୂତ କିମ୍ବା ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯାଏ ନାହିଁ, କାରଣ ଏହା ବିଜ୍ଞାନର ମୂଳ ନିୟମ ଓ ପ୍ରମାଣ ଭିତ୍ତିକ ପଦ୍ଧତି ସହ ମେଳ ଖାଏ ନାହିଁ।

# ଓଜନ ହ୍ରାସ ପାଇଁ ବିପଜ୍ଜନକ ଟ୍ରେଣ୍ଡ

ରାତାରାତି ପତଳା ଦେଖାଯିବାର ପାଗଳାମି ଲୋକଙ୍କୁ କେଉଁ ସୀମା ପର୍ଯ୍ୟନ୍ତ ନେଇଯାଇପାରେ, ଏହାର ଏକ ସଦ୍ୟତମ ଉଦାହରଣ ଚୀନ୍‌ରେ ଦେଖିବାକୁ ମିଳୁଛି। ଚାଇନିଜ୍ ସୋସିଆଲ ମିଡିଆରେ ଏକ ବିଚିତ୍ର ଟ୍ରେଣ୍ଡ ଦ୍ରୁତ ଗତିରେ ଭାଇରାଲ୍ ହେବାରେ ଲାଗିଛି। ଏହାର ଶିକାର ମଧ୍ୟ ଅନେକ ଯୁବକ ଯୁବତୀ ହୋଇ ସାରିଲେଣି। ପ୍ରକୃତରେ, କିଛି ଇନଫ୍ଲୁଏନ୍ସର୍ସ ଚା' ବୋତଲରେ ଗ୍ଲିସେରିନ୍ ଏନିମା ଅର୍ଥାତ୍ କୋଷ୍ଠକାଠିନ୍ୟ ଦୂର କରୁଥିବା ତରଳ ଔଷଧ ମିଶାଇ ପିଉଛନ୍ତି। ଏହାକୁ ପିଇବା ଦ୍ୱାରା ମାତ୍ର ଦୁଇ ଦିନ ଭିତରେ ୪ କିଲୋ ପର୍ଯ୍ୟନ୍ତ ଓଜନ ହ୍ରାସ ପାଏ ବୋଲି ସେମାନେ ଦାବି କରୁଛନ୍ତି। ଏହି ଚକ୍କରରେ ଅନେକ ଲୋକ ବାରମ୍ବାର ଶୌଚାଳୟ ଯାଇ ସେମାନେ ପତଳା ହୋଇ ଯାଉଥିବା ଭାବି ଭୁଲ୍ କରୁଛନ୍ତି। ଚା'ରେ ପେଟ ସଫା କରିବା ଔଷଧ (ଏନିମା ଲିକ୍ୱିଡ୍) ମିଶାଇ ପିଇବାର ଏହି ବିଚିତ୍ର ଟ୍ରେଣ୍ଡ ଚୀନ୍‌ର ଯୁବପିଢ଼ିଙ୍କ ଉପରେ ବହୁତ ଭାରି ପଡୁଛି। ୨ ଦିନରେ ୪ କିଲୋ ଓଜନ କମାଇବା ଚକ୍କରରେ ଅନେକ ଯୁବକଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି। ଏନେଇ ମା' ନାମକ ଜଣେ ମହିଳା ଜଣାଇଛନ୍ତି ଯେ, "ସେ ଏହି ଡ୍ରିଙ୍କ୍ ପିଇବାର ମାତ୍ର ଅଧା ଘଣ୍ଟା ଭିତରେ ତାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇ ଯାଇଥିଲା। ତାଙ୍କୁ ରାତିସାରା ବାରମ୍ବାର ବାନ୍ତି ଏବଂ ଝାଡ଼ା ହୋଇଥିଲା, ଯେଉଁଥିପାଇଁ ସେ ସାରା ରାତି ଶୋଇ ପାରି ନଥିଲେ।" ସେହିପରି ଏହି ଟ୍ରେଣ୍ଡ ଉପରେ ହେନାନ୍ ପ୍ରଦେଶର ଏକ ବଡ଼ ଡାକ୍ତରଖାନା ପକ୍ଷରୁ କୁହାଯାଇଛି ଯେ, 'ଏଭଳି ବିପଜ୍ଜନକ ଟ୍ରେଣ୍ଡ ଯୋଗୁଁ ଅନେକ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରିବାକୁ ପଡ଼ିଛି।' ଅନ୍ୟପଟେ ଏହି ମାମଲାରେ ନ୍ୟୁଟ୍ରିସନିଷ୍ଟମାନଙ୍କର କହିବା କଥା ଯେ, 'ଏଭଳି ଟ୍ରେଣ୍ଡ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଏବଂ ବିପଜ୍ଜନକ। ଏନିମା କେବଳ ବାହ୍ୟ ବ୍ୟବହାର ପାଇଁ ଉଦ୍ଦିଷ୍ଟ, ଏହାକୁ ପିଇବା ଦ୍ୱାରା ଅନ୍ତନାଳୀ ସିଧାସଳଖ ନଷ୍ଟ ହୋଇଯାଇପାରେ।' ଡାକ୍ତରମାନଙ୍କ କହିବା ଅନୁଯାୟୀ, 'ଏହାଦ୍ୱାରା ଶରୀରର ଚର୍ବି କମେ ନାହିଁ, ବରଂ ଡିହାଇଡ୍ରେସନ୍ ଯୋଗୁଁ ଓଜନ କମିବା ଭଳି ମନେହୁଏ। ମଣିଷ ପାଣି ପିଇବା ମାତ୍ରେ ହିଁ ଓଜନ ପୁଣିଥରେ ଦ୍ରୁତ ଗତିରେ ବଢ଼ିବାକୁ ଲାଗେ ଏବଂ ଏହା ପାଚକ ଗ୍ରନ୍ଥିକୁ ଗୁରୁତର ଭାବେ ପ୍ରଭାବିତ କରିପାରେ।'



# ବୋଲବମ୍ ଯିବା ନ କର ଡେରି



ନିରଞ୍ଜନ ସାହୁ

ଶିରାବଣ ମାସ ଆସିଛି ଫେରି
ବୋଲବମ୍ ଯିବା ନ କରି ଡେରି
କାଉଡ଼ି କାନ୍ଧରେ ଧର
ଜପୁଥିବା ହରହର
ମହାଦେବଙ୍କର କୃପା ବରଷିବ
ନ ଥିବ କାହାକୁ ଡର ।
ଶନିବାର ନଦୀ ଘାଟକୁ ଯିବା
ଭକତି ଭାବରେ ସେଦିନ ଥିବା
କାଉଡ଼ିଆ ବେଶ ଧରି
କଳସୀରେ ଜଳ ଭରି
ବ୍ରାହ୍ମଣ ଗୋସାଇଁ ପୂଜା କରିଦେବେ
ମନ୍ତ୍ର ପାଠ କରିକରି ।
କାଉଡ଼ିକୁ ଆମେ କାନ୍ଧରେ ବହି
"ହରହର ଶମ୍ଭୁ" ଉଚ୍ଚରେ କହି
ଛାଡ଼ି ନଦୀକୂଳ ଘାଟ
ଚାଲିବା ଏଣିକି ବାଟ
ଶିବ ନାମେ ଜୟଧ୍ୱନି ଦେଉଥିବା
ଡାକିବା, " ସଙ୍କଟ କାଟ"
ସ୍ଥାନେ ସ୍ଥାନେ ଟିକେ ବିଶ୍ରାମ ନେବା
ତା ସାଥେ ଚାଲିବ ପ୍ରସାଦ ସେବା
ଶିବ ପଦେ ରଖି ଲୟ
ମନରେ ନ ରଖି ଭୟ
ରାତି ଅନ୍ଧାରରେ ବାଟ ବି ଚାଲିବା
ଏହିକଥା ପରା ଥୟ ।
ସୋମବାରେ ଜଳ କରିବା ଲାଗି
ଶିବଙ୍କ ଆଶିଷ ଆଣିବା ମାଗି
ଆମେ ଛୋଟ ଭକ୍ତଗଣ
ପ୍ରଣମିବା ଜଣ ଜଣ
କହିବା, " ଠାକୁରେ ଫି' ସନ ଆସିବୁ
ଆସିଗଲେ ଶିରାବଣ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ

## ପ୍ରହେଳିକା



- ଦୁଦୁରା ଫୁଲ ଲୋ ଦୁଦୁରା ଫୁଲ
ପାଣିଭାର ଧରି ଭଦ୍ରକ ଚାଲ
ପବିତ୍ର ପ୍ରସିଦ୍ଧ ଧାମ ଆରଡ଼ି
କାମ ଦିଏନାହିଁ ଗୁଣି ଗାରେଡ଼ି
ନିତି ଜପୁଥିଲେ ବାବାଙ୍କ ନାମ
ଅକାଳରେ ଛୁଇଁ ପାରେନି ଯମ
ନାଆଁଟି ତାଙ୍କର ଛଅ ଅକ୍ଷର
ଦୁଦୁରା ଫୁଲ ଲୋ କହ ଉତ୍ତର ।
ଉତ୍ତର :-ଆଖଣ୍ଡଳମଣି

- ଚମ୍ପାକଢ଼ି ଆଲୋ ଚମ୍ପାକଢ଼ି
ପାହାଚ ପାହାଚ ଯିବୁ ଚଢ଼ି
ମନ୍ଦିରରେ ପ୍ରଭୁ ଶ୍ରୀଚନ୍ଦ୍ରଶେଖର
ଶରଣ ଯିବୁ ଲୋ ପାଦେ ପଡ଼ି
ପୂରଣ ହୋଇବ ସକଳ କାମ
କହ ଚମ୍ପାକଢ଼ି ଧାମର ନାମ ।
ଉତ୍ତର :- କପିଳାସ

- ବେଲପତର ଲୋ ବେଲପତର
ମହାନଦୀ ଜଳ ଚଉପାଶର
ମଝିରେ ବାବାଙ୍କ ଘର
କଳା ବଳଦକୁ ଧଳା କରିଦେଲେ
ଯଶ ଉଡ଼େ ଫରଫର
ପାଞ୍ଚଅକ୍ଷର
ନାଆଁ ତାଙ୍କର
ଉତ୍ତର କହଲୋ ବେଲପତର ।
ଉତ୍ତର :- ଧବଳେଶ୍ୱର

ଜଗଦୀଶ ସାହୁ
ସଞ୍ଚପଡ଼ା, ହିନ୍ଦୋଳ, ଢେଙ୍କାନାଳ

## ଛତା




ଗୋପୀନାଥ ଦାଶ

ଘରେ ଘରେ ପରା ପରିଚିତ ଅଟେ
ନାମଟି ତାହାର ଛତା
ବଙ୍କୁଲି ବେଣ୍ଟରେ ଝୁଲୁ ଥାଏ କୋଣେ
ସାଥି ଆବାଳ ବୃଦ୍ଧ ବନିତା।
ପ୍ଲାଷ୍ଟିକ୍ କାଠ ବା ଧାତୁ ବେଣ୍ଟରେ
ରହିଥାଏ ମୁଠାଟିଏ
କଳା କପଡ଼ାଟି ଘୋଡ଼ଣି ତାହାର
ବର୍ଷାରେ ତାହାର ସରି କିଏ।
ଲୁହା କାଠିରେ ତିଆରି ପଞ୍ଜରା
କନା ତିନି କଣିଆଁ ଆଠଟି
ଯୋଡ଼ିକି ସିଲାଇ ବିଛାଇ ଦେଲେ
ଆକାର ହୁଏ ଛତାଟି।
ମୁଦି ଦେଲେ ବାଡ଼ି ଆକାର ହୁଅଇ
ସହଜ ହୁଏ ରଖିବାକୁ
ଖୋଲି ଦେଲେ ହୁଏ ଗୁମ୍ବଦ ଆକାର
କି ସୁନ୍ଦର ଦେଖିବାକୁ।
ନିଜେ ଭିଜେ ସିନା ଶୁଖିଲା ରଖଇ
ମାଲିକକୁ ଯେ ତାହାର
ଭାରି ଉପକାରୀ ଦରବ ଏଇ ତ
ଖରା ବରଷାରେ ଦରକାର।
ନାନା ଆକାରର ବିଭିନ୍ନ ରଙ୍ଗର
କେତେ ଛତା ଆସିଲାଣି
ବରଷା ଦିନରେ ହାତେ ଛତା ଥିଲେ
ଦେହେ ନ ପଡ଼ଇ ପାଣି।

ବରପାଲିପଡ଼ା, ବଲାଙ୍ଗିର

## ସୁମନ

# ସୁନା ଆମ୍ବ ଓ ଶିଆଳ





ପର୍ଶୁରାମ ବେହେରା


ଗୋଟିଏ ଜଙ୍ଗଲର ରାଜା ଥିଲେ ମହାବଳୀ ସିଂହ। ସେ ଥିଲେ ଖୁବ୍ ବିଚାରବନ୍ତ ଓ ସୁଶାସକ । ତାଙ୍କ ରାଜବାଟୀ ଉଦ୍ୟାନରେ ଥିଲା ଗୋଟିଏ ବିଚିତ୍ର ଆମ୍ବଗଛ । ସେଥିରେ ସୁନେଲି ରଙ୍ଗର ସୁସ୍ୱାଦୁ ଆମ୍ବ ଫଳୁଥିଲା । ଏହି ଆମ୍ବ ଖାଇଲେ ପ୍ରଚୁର ବୁଦ୍ଧି ଓ ବଳ ଉତ୍ପନ୍ନ ହେବ ବୋଲି ବିଶ୍ୱାସ କରାଯାଏ । ସେହି ଗଛରେ ଫଳିଥାଏ ଅନେକ ଆମ୍ବ । ମାତ୍ର ଗୋଟିଏ ବଡ଼ ଧରଣର ଆମ୍ବ ସେ ଗଛରେ ଥାଏ । ସେଇଟିକୁ ନିଜେ ସିଂହ ରାଜା ଖାଇବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ଏଣୁ ଗଛଟିକୁ ପ୍ରହରା ଦେବାକୁ ସେ ଗୋଟିଏ ହରିଣକୁ ନିଯୁକ୍ତ କଲେ । ମାତ୍ର କେତୋଟି ଦିନପରେ ଆମ୍ବସବୁ ପାଚିବାକୁ ଆରମ୍ଭ କଲା। ଆମ୍ବଗୁଡ଼ିକୁ ଖାଇବାକୁ ଲୋଭକରି ସିଂହ ରାଜାଙ୍କ ପାଖରେ ଗୋଟିଏ ଧୂର୍ତ୍ତ ଶିଆଳଟିଏ ପହଞ୍ଚିଲା। । ସେ କହିଲା- ମହାରାଜ, ହରିଣମାନେ ଖୁବ୍ ନିଦ୍ରାଳୁ। ସେ ଦିନସାରା ପ୍ରହରା ଦେଇସାରି ରାତିରେ ଶୋଇଯାଉଥିବ । ଏଣୁ ମୋତେ ରାତି ଜଗୁଆଳ ରୂପେ ନିଯୁକ୍ତି ଦିଆଯାଉ । ସିଂହ ରାଜା ଶିଆଳ କଥାରେ ଭଳିଗଲେ । ସେଇ ଦିନଠାରୁ ଶିଆଳ ରାତିରେ ଉଦ୍ୟାନ ପ୍ରହରା ଦେଲା । ପାଚିଲା ଆମ୍ବସବୁ ଝଡ଼ିଲେ ସେ ନିଜେ ଖାଇଲା ଓ ଅବଶିଷ୍ଟ ନେଇ ଦରବାରରେ ଜମାଦେଲା । ଶିଆଳର ଏ କାରସାଦି କେହି ଜାଣି ପାରୁ ନ ଥାନ୍ତି । ଦିନେ ରାତିରେ ଗଛର ଥିବା ସେଇ ଆକର୍ଷଣୀୟ ବଡ଼ ଆମ୍ବଟି ଝଡ଼ିପଡ଼ିଲା । ଶିଆଳ ଲୋଭ ସମ୍ଭାଳି ନ ପାରି ସେଇଟିକୁ ଖାଇଦେଲା। ପରଦିନ ସିଂହ ରାଜା ଦେଖିଲେ ସେଇ ଆମ୍ବଟି ନାହିଁ। ସେ ରାଗିଯାଇ ହରିଣକୁ ପଚାରିବାରୁ ସେ ଜାଣିନି ବୋଲି କହିଲା । ଶିଆଳ ମଧ୍ୟ ସେମିତି କହିଲା- ମଣିମା, ମୁଁ ସନ୍ଧ୍ୟାରେ ପ୍ରହରା ଦେବାକୁ ଆସିଲାବେଳେ ବି ଆମ୍ବଟି ନ ଥିଲା । ସିଂହରାଜା ବୁଝିଲେ ଦିନ ଜଗୁଆଳି ହରିଣ ହିଁ ଆମ୍ବଟି ଖାଇଛି । ଏଣୁ ତାକୁ ଏକମାସ କାରାଦଣ୍ଡ ଦିଆଗଲା । ନିରୀହ ହରିଣଟି କାରାଗାରରେ ରହି କେମିତି ପ୍ରକୃତ ଚୋର ଧରାପଡ଼ିବ, ଉପାୟ ଚିନ୍ତା କରିବାକୁ ଲାଗିଲା । ଏକମାସ ପରେ ଯେତେବେଳେ ସେ ଜେଲ୍‌ରୁ ବାହାରିଲା, ସିଂହରାଜାଙ୍କ ନିକଟରେ ଯାଇ ପହଞ୍ଚିଲା। ସେ ରାଜାଙ୍କୁ ପ୍ରକୃତ ଚୋର ଧରାଯିବାର ଯୋଜନା ବିଷୟରେ କହିଲା। ରାଜା ଖୁସିହେଲେ । ପରଦିନ ସିଂହ ରାଜା ସେହି ଆମ୍ବ ଗଛରୁ କେତେଗୁଡ଼ିଏ ଆମ୍ବ ତୋଳାଇ ହରିଣ, ଶିଆଳ ଓ ଦରବାରର ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଗୋଟିଏ ଦେଲେ । କହିଲେ- ଶୁଣ ସମସ୍ତେ, ତୁମେମାନେ ଏ ଆମ୍ବ ଖାଇ ତାହାର ଟାକୁଆକୁ ମାଟିରେ ପୋତିଦେବ । ଆଜିଠାରୁ ପନ୍ଦର ଦିନ ପରେ ଏହି ଟାକୁଆର ଚାରାଗଛକୁ ଆଣି ମୋତେ ଦେଖାଇବ । ଯାହାର ଗଛଟି ସବୁଠାରୁ ଉଚ୍ଚ ହୃଷ୍ଟପୁଷ୍ଟ ହୋଇଥିବ, ତାକୁ ପାଞ୍ଚ ହଜାର ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦିଆଯିବ । ଏହାପରେ ସମସ୍ତେ ଆମ୍ବ ନେଇ ଘରକୁ ଗଲେ । ପନ୍ଦରଦିନ ପରେ ସମସ୍ତେ ଚାରାଗଛମାନ ନେଇ ଦରବାରରେ ପହଞ୍ଚିଲେ । ସମସ୍ତଙ୍କ ମନରେ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରାର ମିଳିବାର ଲାଳସା ଥାଏ । ରାଜା ଦେଖିଲେ, ସମସ୍ତଙ୍କ ଗଛଠାରୁ ଶିଆଳର ଗଛଟି ଥିଲା ସବୁଠୁ ବଡ଼ ଓ ହୃଷ୍ଟପୁଷ୍ଟ ଥିଲା । ସେ ତୁରନ୍ତ ତାକୁ ବିଜେତା ଘୋଷଣା କରି ପୁରସ୍କାର ସ୍ୱରୂପ ପଚାଶ ଚାବୁକ୍ ପ୍ରହାର ଦେଇ କାରାଗାରକୁ ପଠାଇ ଦେଲେ। ସିଂହରାଜା କହିଲେ- ଏ ବଦମାସ୍ ସେଇ ବଡ଼ ଆମ୍ବଟି ଖାଇ ନିଜ ବାଡ଼ିରେ ତା'ର ଟାକୁଆ ପୋତିଥିଲା । ସ୍ୱର୍ଣ୍ଣମୁଦ୍ରା ଲୋଭରେ ସେଇ ଗଛଟିକୁ ଆଣି ଆଜି ମୋତେ ଦେଖାଉଛି। ଏଣୁ ଏ ମିଥ୍ୟାବାଦୀ ଚୋରକୁ ତୁରନ୍ତ ରାଜ୍ୟରୁ ବିତାଡ଼ିତ କର । ଏହାପରେ ସିଂହରାଜା ହରିଣର ଚତୁରତା ପାଇଁ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରା ପୁରସ୍କାରସ୍ୱରୂପ ଦେଲେ ।

ଲୋକାପଡ଼ା, କେନ୍ଦ୍ରାପଡ଼ା

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।



ଇଭାଂଶୀ ମିଶ୍ର
ତୃତୀୟ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର




ବେଦବ୍ରହ୍ମ ପାଢ଼ି
ୟୁକେଜି
ଡିପି ମଡେଲ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା



ଦେବାଂଶୀ ଜେନା
ଷଷ୍ଠ ଶ୍ରେଣୀ
ବି.ଜେ.ଇ.ଏମ୍ ସ୍କୁଲ
ଭୁବନେଶ୍ୱର



ସାଇଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ଭାରତୀୟ ବିଦ୍ୟା ନିକେତନ
ପୁରୀ

### ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍

# ପ୍ରଥମ ଦିନରେ ଭାରତୀୟ ବୋଲର୍‌ଙ୍କ ସଂଘର୍ଷ

କଲମ୍ବୋ,୭।୮ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମିଳିତ ଏକାଦଶ ମଧ୍ୟରେ ସ୍ଥାନୀୟ ନନ୍‌ଡେସ୍କ୍ରିପ୍ଟସ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୩ ଦିନିଆ ଅଭ୍ୟାସ ମ୍ୟାଚ୍। ଏହି ମ୍ୟାଚରେ ଶ୍ରୀଲଙ୍କା ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଘରୋଇ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୩୬୩ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ଓପନର ରବିନ୍ଦୁ ରଶାନ୍ଥା ସର୍ବାଧିକ ୭୧, ନିଶାନ ମଦୁସ୍କା ୬୬, ଅଧିନାୟକ ସୋନାଲ ଦିନୁଶା ୫୨ ରନ୍ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବନ ରତନାୟକେ ୩୯, ପାସିନ୍ଦୁ ସୂର୍ଯ୍ୟବାନ୍ଦର ୩୫ ଓ ରମେଶ ମେଣ୍ଡିସ୍ ୩୨ ରନ୍‌ର ଉପଯୋଗୀ ସହାୟତା ପ୍ରଦାନ କରିଥିଲେ। ଭାରତ ପକ୍ଷରୁ ଆକ୍ବିବ୍ ନବିଙ୍କୁ ବାଦ୍ ଦେଲେ ଏହି ମ୍ୟାଚ୍‌ରେ ଅନ୍ୟ ସମସ୍ତ ବୋଲର ବୋଲିଂ କରିଥିଲେ ମଧ୍ୟ ସଂଘର୍ଷ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩ଜଣଯାକ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୂତାର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁ କରିବା ଅପେକ୍ଷାରେ ଥିବା ଅଫ୍ ସ୍ପିନର ସାରାଂଶ ଜୈନଙ୍କୁ ଏବଂ ଦଳର ଦୁଇ ଅଭିଜ୍ଞ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କୌଣସି ସଫଳତା ମିଳି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ଫାଷ୍ଟ ବୋଲର ଗୁରନୁର ବ୍ରାର୍ ଜଣେ ଖେଳାଳିଙ୍କୁ ଆଉଟ କରିଥିଲାବେଳେ ଓପନର ମଦୁସ୍କା ଦୁର୍ଭାଗ୍ୟଜନକ ସ୍ଥିତିରେ ରନ୍‌ଆଉଟ ହୋଇଥିଲେ।



ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ମ୍ୟାଚ୍ ପ୍ରାକ୍ଟିସ୍ ଲାଗି ଏହା ଏକମାତ୍ର ଅଭ୍ୟାସ ମ୍ୟାଚ୍। ଭ୍ରମଣକାରୀ ଭାରତ ଏହି ମ୍ୟାଚର ପ୍ରଥମ ଦିନରେ ଫାଇଦା ଉଠାଇବାରେ ବିଫଳ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ଶ୍ରୀଲଙ୍କା ମିଳିତ ଏକାଦଶରେ ଜଣେ ହେଲେ ବରିଷ୍ଠ ଖେଳାଳି ନ ଥିଲେ ମଧ୍ୟ ଭାରତୀୟ ବୋଲରମାନେ ସଂଘର୍ଷ କରିବା ଦଳର ଦୁର୍ବଳତାକୁ ପଦାରେ ପକାଇଛି।

ଏହି ମ୍ୟାଚ୍‌ରେ ଭାରତୀୟ ବୋଲର ପ୍ରଥମେ ପିଚ୍‌ର ବ୍ୟବହାର କରିବାକୁ ସୁଯୋଗ ପାଇଥିଲେ। ଦଳର ଦୁଇ ଅଭିଜ୍ଞ ଫାଷ୍ଟ ବୋଲର ସିରାଜ ଓ କ୍ରିଷ୍ଣା ବୋଲିଂ ଆରମ୍ଭ କରିଥିଲେ। ସିରାଜ କଞ୍ଜୁସ ବୋଲିଂ କରିଥିଲାବେଳେ କ୍ରିଷ୍ଣା ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଆହତ ଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ଲୋକେଶ ରାହୁଲ ଶୀଘ୍ର ଜାଡେଜାଙ୍କୁ ବୋଲିଂ କରାଇଥିଲେ। ଭାରତର ଏହି ପ୍ରଥମ ୩ଜଣ ବୋଲର ଆକ୍ରମଣାତ୍ମକ ବୋଲିଂ କରିଥିଲେ। କିନ୍ତୁ ସେମାନଙ୍କୁ ସୁରକ୍ଷା ଦେବାକୁ କ୍ଷେତ୍ରରକ୍ଷଣ ସେଭଳି ସଜାଯାଇ ନ ଥିଲା। ଫିଲ୍ଡିଂରେ ମଧ୍ୟ ଭାରତର ଦୁର୍ବଳତା ଦେଖିବାକୁ ମିଳିଥିଲା। ସ୍ଲିପ୍‌ରେ ରାହୁଲ ପ୍ରଥମ କ୍ୟାଚ୍ ଡ୍ରପ୍ କରିଥିଲେ। ନିଶାନ ମଦୁସ୍କା ଏଥିରୁ ପୂରା ଫାଇଦା ଉଠାଇଥିଲେ ଓ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନିଂ ଯୋଡିରେ ଉଭୟ ଖେଳାଳି ହାତଖୋଲା ସଟ୍ ମାରିଥିଲେ। ବିଶେଷ କରି ମଦୁସ୍କାର ପଡ଼ିଆର ଚାରିଆଡକୁ ସଟ୍‌ମାରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଦଳର ସମସ୍ତ ଟପ୍ ଅର୍ଡର ବ୍ୟାଟିଂ କ୍ଲିକ୍ କରିଥିଲାବେଳେ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ମଦୁସ୍କାର ୬୫ବଲ୍‌ରୁ ୧୧ ଚୌକା ଓ ୧ ଛକା ସଂ ୬୬, ରବିନ୍ଦୁ ରାଶନ୍ଥା ୧୪୩ବଲ୍ ଖେଳି ୬ଚୌକା ଓ ୧ଛକା ସହ ୭୧, ସୋନାଲ ଦିନୁଶା ୭୧ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୨ ରନ୍ କରିଥିଲେ। ମଦୁସ୍କା ଓ ରାଶନ୍ଥା ପ୍ରଥମ ୱିକେଟରେ ୧୧୦ ରନ୍ କରିଥିଲେ। ଭୁଲ ବୁଝାମଣାରୁ ଉଭୟ ଖେଳାଳି ଗୋଟିଏ ପଟେ ରହିଯିବାରୁ ଏହି ଯୋଡି ଭାଙ୍ଗିଥିଲା। ନଚେତ ଏମାନେ ଭାରତୀୟ ବୋଲରଙ୍କୁ ଭ୍ରୂକ୍ଷେପ କରି ନ ଥିଲେ। ଏଭଳି ପ୍ରଦର୍ଶନ ପରେ ଭାରତୀୟ ଶିବିରରେ ଛନକା ପସିଛି।

## ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲଙ୍କୁ ନେତୃତ୍ୱ



କଲମ୍ବୋ,୭।୮ (ଏଜେନ୍ସି): ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ଆହତ ହୋଇଛନ୍ତି। ଶ୍ରୀଲଙ୍କା ମିଳିତ ଏକାଦଶ ସହ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅଭ୍ୟାସ ମ୍ୟାଚ୍ ପୂର୍ବଦିନ ନେଟ ପ୍ରାକ୍ଟିସ କରୁଥିଲାବେଳେ ତାଙ୍କ ଡାହାଣ ହାତ ଆଙ୍ଗୁଳିରେ ଆଘାତ ଲାଗିଥିଲା। ଫଳରେ ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। ବିସିସିଆଇ ସୂତ୍ରରୁ ଜଣାଯାଇଛି, ମେଡିକାଲ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ଆଘାତ ସମସ୍ୟା ଗୁରୁତର ହୋଇ ନ ଥିଲେ ମଧ୍ୟ ଅଧିକ କିଛି କ୍ଷତି ନ ହେବା ଲାଗି ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ଦିଆଯାଇନାହିଁ। ତାଙ୍କ ସ୍ଥାନରେ ଉପଅଧିନାୟକ ଲୋକେଶ ରାହୁଲଙ୍କୁ ଅଭ୍ୟାସ୍ ମ୍ୟାଚ୍ ଲାଗି ଅଧିନାୟକ ଦାୟିତ୍ୱ ଦିଆଯାଇଛି।

## ବିନା ଟିକଟରେ ମ୍ୟାଚ୍ ଦେଖିବେ ଦର୍ଶକ

କଲମ୍ବୋ, ୭।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବାକୁଯାଉଛି। ତେବେ ଏଥିପୂର୍ବରୁ ଶ୍ରୀଲଙ୍କା କ୍ରିକେଟ (ଏସଏଲ୍‌ସି) ଦର୍ଶକଙ୍କ ଲାଗି ଏକ ଖୁସି ଖବର ଆଣିଛି। ଏସଏଲସି ଶୁକ୍ରବାର ଏକ ବିବୃତ୍ତିରେ ନିଶ୍ଚିତ କରିଛି ଯେ ଦୁଇ ମ୍ୟାଚବିଶିଷ୍ଟ ଏହି ଟେଷ୍ଟ ସିରିଜ ସର୍ବସାଧାରଣଙ୍କ ପାଇଁ ମାଗଣା ହେବ। ଗଲ୍‌ରେ ପ୍ରଶଂସକମାନେ ଗେଟ୍ ନମ୍ବର ୪ ଦେଇ ପ୍ରବେଶ କରିପାରିବେ। ସେହିଭଳି ଅଗଷ୍ଟ ୨୩ରୁ କଲମ୍ବୋରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟଟେଷ୍ଟରେ ଦର୍ଶକ ଗେଟ୍ ନମ୍ବର ୩, ୪, ୫ ଏବଂ ୭ରେ ପ୍ରବେଶ କରି ବିନା ଟିକେଟରେ ମ୍ୟାଚ ଦେଖିପାରିବେ।

### ଏସିଆ କପ୍ କନିଷ୍ଠ ପୁରୁଷ ହକି

## ଭାରତୀୟ ଦଳରେ ୬ ଓଡ଼ିଆ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଆ ଖେଳାଳି ତଥା ଟାଟା ନାଭାଲ ଏକାଡେମୀର ଅନମୋଲ ଏକ୍କାଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାଙ୍କ ସହ ଏହି ଦଳରେ ୬ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଗୋଲରକ୍ଷକ ବିବେକ ଲାକ୍ରା, ଡିଫେଣ୍ଡର ରୋହିତ କୁଲୁ ଓ ସଞ୍ଜିତ ଲାକ୍ରା, ମିଡ୍‌ଫିଲ୍ଡରେ ଆଡ୍ରୋହିତ ଏକ୍କା ଓ ଫରୱାର୍ଡରେ ଆର୍ଯ୍ୟନ ଖେସ୍। ଏମାନଙ୍କ ବ୍ୟତୀତ ରିତିକ ଏକ୍କା ବଦଳ ଖେଳାଳିଭାବେ ମଧ୍ୟ ଦଳସହ ଯିବେ। ବେଙ୍ଗାଲୁରୁରେ ଫ୍ରେଡେରିକ୍ ସୋୟେଜଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ପ୍ରଶିକ୍ଷଣ ନେଇଛି। ଏବେ ଏହି ଟିମ୍ ମାଲେସିଆରେ ୨୧ ବର୍ଷରୁ କମ୍ ଟିମ୍ ସହ ଏକ ସିରିଜ୍ ଖେଳୁଛି। ଦଳରେ ପ୍ରତିଭାବାନ ଓ ଅଭିଜ୍ଞ ଖେଳାଳି ରହିଥିବାରୁ ଏସିଆ କପ୍‌ରେ ଭାରତର ପ୍ରଦର୍ଶନ ଭଲ ରହିବ ବୋଲି ମୁଖ୍ୟ କୋଚ୍ ସୋୟେଜ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଗତକାଲି ଘୋଷିତ ଭାରତୀୟ କନିଷ୍ଠ ମହିଳା ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଥିଲେ।



ଅନମୋଲ ଏକ୍କା

### ହକି ବିଶ୍ୱକପ୍ ୨୦୨୬

## ଅମ୍ପାୟାରିଂରେ ଭାରତର ପ୍ରତିନିଧି ଶୂନ

ନୂଆଦିଲ୍ଲୀ,୭।୮ (ଏଜେନ୍ସି)

ବେଲଜିୟମ ଓ ନେଦରଲାଣ୍ଡସରେ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଭାରତରୁ କେହି ଅମ୍ପାୟାର ନାହାନ୍ତି କିମ୍ବା କେହି ଟେକ୍ନିକାଲ ଅଫିସିଆଲ ସ୍ଥାନ ପାଇନାହାନ୍ତି। ଯାହା ଭାରତୀୟ ହକିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅନ୍ତର୍ଜାତୀୟସ୍ତରରେ ଭାରତର ମାତ୍ର ୪ଜଣ ଅମ୍ପାୟାର ବିଶ୍ୱକପ୍ ପରିଚାଳନା କରିଛନ୍ତି। ସେମାନେ ହେଲେ ୧୯୯୦ରେ ଅମରଜିତ ବାୱା, ୧୯୯୪ରେ ତାର୍ଲୋକ ସିଂହ, ୨୦୦୨, ୨୦୦୬ ଓ ୨୦୧୦ରେ ସତିନ୍ଦର ଶର୍ମା ଓ ୨୦୧୦, ୨୦୧୪, ୨୦୧୮ ଓ ୨୦୨୩ରେ ଆର୍‌ଭି ରଘୁପ୍ରସାଦ। ଏହି ୪ଜଣଙ୍କ ବ୍ୟତୀତ ବିଶ୍ୱକପ୍‌ରେ ଆଉ କେହି ଅମ୍ପାୟାର ସ୍ଥାନ ପାଇନାହାନ୍ତି। ରଘୁପ୍ରସାଦଙ୍କ ଅବସର ପରେ ଭାରତର ମାତ୍ର ୫ଜଣ ପୁରୁଷ ଓ ୪ଜଣ ମହିଳା ଅନ୍ତର୍ଜାତୀୟ ହକି ପ୍ୟାନେଲ ଅମ୍ପାୟାର ଭାବେ କାମ କରୁଛନ୍ତି। ଟେକ୍ନିକାଲ ଅଫିସିଆଲ ଭାବେ ୪ଜଣ ପୁରୁଷ ଓ ୨ଜଣ ମହିଳା ଅଛନ୍ତି। ଭାରତରେ ଏବେ ଘରୋଇ ହକିରେ ୧୦୦ ଜଣ ପୁରୁଷ ଓ ୭୦ଜଣ ମହିଳା କାମ କରୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ହେଲେ ବିଶ୍ୱକପ୍ ଭଳି ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଯୋଗ୍ୟ ବିବେଚିତ ହୋଇ ନାହାନ୍ତି।



ଶେଷ ଅମ୍ପାୟାର ରଘୁପ୍ରସାଦ

ଏଥିଲାଗି ହକି ଇଣ୍ଡିଆର ଯୋଜନାବଦ୍ଧ ଉଦ୍ୟମ ଓ ଆର୍ଥିକ ସ୍ଥିତି ମୁଖ୍ୟତଃ ଦାୟୀ। ବିଶ୍ୱକପ୍ ଓ ଅଲିମ୍ପିକ୍ସ ଭଳି ପ୍ରତିଯୋଗିତାରେ ମ୍ୟାଚ୍ ପରିଚାଳନା କରିବାକୁ ହେଲେ ଏହି ଦୁଇ ପ୍ରତିଯୋଗିତା, ପ୍ରୋ-ଲିଗ୍ ଓ ଅନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମୂଲ୍ୟାୟନ ହେବା ପରେ ଚୟନ କରାଯାଇଥାଏ। କିନ୍ତୁ ଏହି ସବୁ ଟୁର୍ଣ୍ଣାମେଣ୍ଟରେ ଭାରତରୁ କେହି ନାହାନ୍ତି। ରଘୁପ୍ରସାଦଙ୍କ ଅବସର ପରେ ଆଉ କେହି ଏଭଳି ବଡ଼ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ପରିଚାଳନା କରିନାହାନ୍ତି। ସେହିପରି ଭାରତରେ ଘରୋଇ ହକି ମ୍ୟାଚ୍ ପରିଚାଳନା ଲାଗି ୨୦୦ରୁ ୪୦୦ ଟଙ୍କା ଓ ଅନ୍ତର୍ଜାତୀୟ ମ୍ୟାଚ୍ ଲାଗି ୪,୦୦୦ରୁ ୫,୦୦୦ ଟଙ୍କା ମିଳିଥାଏ। ଆଜିର ଯୁଗରେ ଏହି ଅର୍ଥ କିଛି କାମରେ ଆସେ ନାହିଁ। ଯାହା ଫଳରେ ପ୍ରତିଭାବାନ କର୍ମକର୍ତ୍ତାମାନେ ଅମ୍ପାୟାର କିମ୍ବା ଅଫିସିଆଲ ହେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ରଘୁପ୍ରସାଦ କହନ୍ତି। ଯାହା ଫଳରେ ଭାରତରେ ଗୁଣାତ୍ମକମାନ ଥିବା ଉଚ୍ଚସ୍ତରର କର୍ମକର୍ତ୍ତା ବାହାରିପାରୁ ନାହାନ୍ତି। ତେବେ ସେ ଯାହା ହେଉ ଭାରତରେ ହକି ଖେଳ ଏତେ ପରିମାଣରେ ହେଉଥିଲେ ମଧ୍ୟ ବିଶ୍ୱକପ୍ ଭଳି ଟୁର୍ଣ୍ଣାମେଣ୍ଟରେ ଜଣେ ହେଲେ ଅମ୍ପାୟାର କିମ୍ବା ଅଫିସିଆଲ ନ ରହିବା ହକିପ୍ରେମୀଙ୍କୁ ନିରାଶ କରିଛି।

## ଭାରତର ପ୍ରଜ୍ଞାନନ୍ଦ ଚାମ୍ପିଅନ



ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଭାରତର ଆର୍ ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁରର ସେଣ୍ଟ ଲୁଇସ୍ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ପ୍ରଜ୍ଞାନନ୍ଦ ଟାଇଟଲ ଜିତିଥିଲେ। ଆଉ ଗୋଟିଏ ରାଉଣ୍ଡ ଖେଳ ବାକିଥିଲାବେଳେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜାଭୋଖୀର ସିନ୍ଦାରୋଭଙ୍କଠାରୁ ୧.୫ ପଏଣ୍ଟ ଆଗରେ ରହିଥିଲେ। ଏହି ଟାଇଟଲ କବ୍‌ଜା କରିବା ଫଳରେ ତାଙ୍କୁ ୧୩ଟି ଜିସିଟି ପଏଣ୍ଟ ଓ ୫୦,୦୦୦ ଡଲାର ପୁରସ୍କାର ମିଳିବ। ଫଳରେ ଗ୍ରାଣ୍ଡ ଚେସ୍ ଟୁର୍‌ରେ ସେ ଆମେରିକାର ଫାବିଆନୋ କାରୁଆନାଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୫ ଦିନ ଧରି ଚାଲିଥିଲା।

## ସେମିରେ ରକ୍ଷିତା-ଅସ୍ମିତା ମୁକାବିଲା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ସର୍ବକନିଷ୍ଠ ଖେଳାଳି ଭାବେ ନିକଟରେ ତାଇପେଇ ଓପନ ଟାଇଟଲ ଜିତିଥିବା ୧୭ ବର୍ଷିଆ ତନ୍ୱି ଶର୍ମା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ଆସାନରେ ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ରକ୍ଷିତା ରାମରାଜ ୨-୧ ସେଟ୍‌ରେ ତନ୍ୱିଙ୍କୁ ହରାଇଦେଇଛନ୍ତି। ଫଳରେ ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ସିରିଜ୍‌ରେ ତନ୍ୱି ଯେପରି ଗୋଟିକ ପରେ ଗୋଟିଏ ମ୍ୟାଚ୍ ଜିତି ଯେଉଁ ଧାରା ଆରମ୍ଭ କରିଥିଲେ ତାହା ଏଠାରେ ଶେଷ ହୋଇଛି। ତାଙ୍କୁ ହରାଇଥିବା ରକ୍ଷିତା ସେମିଫାଇନାଲରେ ଭାରତର ଆଉଜଣେ ଉଦୀୟମାନ ଖେଳାଳି ଅସ୍ମିତା କାଲିହାଙ୍କୁ ଭେଟିବେ। କ୍ୱାର୍ଟର ଫାଇନାଲରେ ଅସ୍ମିତା ଟପ୍ ସିଡ୍ ହିନା ଆକେଚିଙ୍କୁ ୨-୧ ସେଟ୍‌ରେ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ଏକକକୁ ବାଦ୍ ଦେଲେ ମହିଳା ଯୁଗଳ ଓ ମିଶ୍ରିତ ଯୁଗଳରେ ଭାରତର ଅଭିଯାନ ଶେଷ ହୋଇଛି।

## ନୀରଜ ୟୁବିଏସ୍ ଆଥଲେଟିକ୍ସ କିଡ୍ସ କପ୍‌ର ସହ-ମାଲିକ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଭାରତର ସବୁଠାରୁ ବଡ଼ ତୃଣମୂଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ସହ-ମାଲିକ ହୋଇଛନ୍ତି। ନୀରଜ ଶୁକ୍ରବାର ନିଜେ ଘୋଷଣା କରି କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଦଶ ଲକ୍ଷ ପିଲାଙ୍କ ନିକଟରେ ପହଞ୍ଚିବା। କ୍ରୀଡ଼ାରେ ନିଜକୁ ସାମିଲ କରିବା ଲାଗି ଯୁବକଙ୍କୁ ପ୍ରେରଣା ଦେବା। ମୁଁ ଛୋଟପିଲା, ଶିକ୍ଷକ ଏବଂ ସ୍କୁଲ ସହିତ ମୋର ନିଜସ୍ୱ ଅଭିଜ୍ଞତା ବାଣ୍ଟିବାକୁ ବେଶ୍ ଆଗ୍ରହୀ ରହିଛି। କାରଣ ପିଲାମାନେ ଯେତେ ଅଧିକ ଖେଳନ୍ତି, ଭବିଷ୍ୟତର ଚାମ୍ପିଅନ ସୃଷ୍ଟି କରିବାର ସମ୍ଭାବନା ସେତେ ଅଧିକ' ବୋଲି ନୀରଜ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନୀରଜ ଗତ ଦୁଇ ସିଜନ୍ ହେବ ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିଆସୁଥିଲେ। ଏହି ପ୍ରତିଯୋଗିତା ଦେଶର ପାଞ୍ଚଟି ସହରର ୨୫୦୦ରୁ ଊର୍ଦ୍ଧ୍ୱ ସ୍କୁଲରେ ଅଢ଼େଇ ଲକ୍ଷରୁ ଅଧିକ ପିଲାଙ୍କୁ ନିୟୋଜିତ କରିଛି।

## ଟରୋଣ୍ଟୋ ମାଷ୍ଟର୍ସ: ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା

ଟରୋଣ୍ଟୋ, ୭।୮ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ଟୁର୍ଣ୍ଣାମେଣ୍ଟ ଟରୋଣ୍ଟୋ ମାଷ୍ଟର୍ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବେଲାରୁଷ ତାରକା ସାବାଲେଙ୍କା ତୃତୀୟ ରାଉଣ୍ଡର ମୁକାବିଲାରେ ୬-୩, ୬-୪ ସିଧାସଳଖ ସେଟରେ ଚୀନର ଝାଙ୍ଗ ସୁଆଇଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ସାବାଲେଙ୍କାଙ୍କ ମୁକାବିଲା ୧୬ତମ ସିଡ୍ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କ ସହ ହେବ। ଏକତେରିନା ୫-୭, ୬-୧, ୬-୩ ସେଟରେ ଅଷ୍ଟ୍ରେଲିଆର ତାଲିଆ ଗିବସନଙ୍କୁ ହରାଇଥିଲେ ।

## ବିଶ୍ୱ ଆଥଲେଟିକ୍ସର ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ସୁମାରିୱାଲା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତୀୟ ପ୍ରଶାସକ ଏବଂ ପୂର୍ବତନ ଆଥଲେଟ୍ ଆଦିଲ୍ ସୁମାରିୱାଲା ବିଶ୍ୱ ଆଥଲେଟିକ୍ସ ସଭାପତି ପଦ ପାଇଁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୬୮ ବର୍ଷୀୟ ଆଦିଲ୍ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। 'ମୁଁ ବିଶ୍ୱ ଆଥଲେଟିକ୍ସ ପରିଷଦ ସଦସ୍ୟ ଭାବରେ ଦୁଇଥର ଏବଂ ଉପସଭାପତି ଭାବରେ ଗୋଟିଏ କାର୍ଯ୍ୟକାଳ ପୂରଣ କରିସାରିଛି। ଶିକ୍ଷାଗତ, ଅଭିଜ୍ଞତା କିମ୍ବା ବ୍ୟବସାୟରେ, ବଡ଼ ଅନ୍ତର୍ଜାତୀୟ କର୍ପୋରେସନର ଅଂଶ ହୋଇଥିବାରୁ ମୋର ସମସ୍ତ ଯୋଗ୍ୟତା ରହିଛି। ଭାବୁଛି ମୁଁ ଏହି ପଦବୀ ପାଇଁ ଉପଯୁକ୍ତ ଏବଂ ମୋର ନାମାଙ୍କନ ଦାଖଲ କରିଛି' ବୋଲି ସୁମାରିୱାଲା କହିଛନ୍ତି। ବିଶ୍ୱ ଆଥଲେଟିକ୍ସର ସଭାପତି ଭାବରେ ଗତ ୧୧ ବର୍ଷ ହେବ ଦାୟିତ୍ୱ ତୁଲାଇ ଆସୁଥିବା ବ୍ରିଟେନର ପୂର୍ବତନ ଧାବକ ସେବାଷ୍ଟିଆନ କୋ'ଙ୍କ କାର୍ଯ୍ୟକାଳ ସମାପ୍ତ ହେବାକୁ ଯାଉଛି। ତେଣୁ ଏହି ହାଇପ୍ରୋଫାଇଲ କ୍ରୀଡ଼ା ପ୍ରଶାସକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁଯାଉଛି। ସେପ୍ଟେମ୍ବର ୧୧ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିପୂର୍ବରୁ ବେଜିଂରେ ଏହି ହାଇ-ପ୍ରୋଫାଇଲ୍ ନିର୍ବାଚନ ଅନୁଷ୍ଠିତ ହେବ। ସୁମାରିୱାଲା ୨୦୨୩ ରେ ବିଶ୍ୱ ଆଥଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଚାରି ଜଣ ଉପସଭାପତିଙ୍କ ମଧ୍ୟରୁ ଜଣେ ନିଯୁକ୍ତ ହୋଇଥିଲେ। ସେ ୨୦୧୨ରୁ ୨୦୨୫ ମଧ୍ୟରେ ଭାରତୀୟ ଆଥଲେଟିକ୍ସ ଫେଡେରେସନ (ଏଏଫଆଇ)ର ସଭାପତି ଥିଲେ। ସୁମାରିୱାଲା ୧୯୮୦ ମସ୍କୋ ଅଲିମ୍ପିକ୍ସରେ ୧୦୦ ମିଟର ଦୌଡ଼ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୯୮୪ ମସିହାରେ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଏବଂ ଟୋକିଓରେ ଅନୁଷ୍ଠିତ ଏସୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିଅନସିପରେ (୧୯୭୯) କାଂସ୍ୟ ପଦକ ଜିତିଥିଲେ।



## ଫାଓ ଲିଗ୍: ସେମିରେ ସନରାଇଜ୍

ଭୁବନେଶ୍ୱର, ୭।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ପ୍ରଥମ ଦଳ ଭାବରେ ସନରାଇଜ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର୍ ଫାଇନାଲରେ ସନରାଇଜର୍ସ ୫-୨ ଗୋଲରେ ଏକପାଖିଆ ଭାବରେ ଇଲେଭେନ ଗନ୍ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟକ ଅରବିନ୍ ଲାକ୍ରା ଓ ଅମନ ଖାଲକୋ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ପି. ଅର୍ସଦ ଅନ୍ୟତମ ଗୋଲଟି ସ୍କୋର କରିଥିଲେ। ପ୍ରତିଯୋଗିତା ସାରା ପ୍ରଭାବୀ ପ୍ରଦର୍ଶନ କରିଆସିଥିବା ଇଲେଭେନ ଗନ୍ କ୍ଲବ କିନ୍ତୁ ନକଆଉଟରେ ନିରାଶ କରିଥିଲା। ଅପରପକ୍ଷରେ ଶୁକ୍ରବାର ରୋଭର୍ସ କ୍ଲବ ଓ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ ବର୍ଷା ଓ ବିଜୁଳି ଲାଗି ବାଧାପ୍ରାପ୍ତ ହୋଇଥିଲା। ମ୍ୟାଚରେ ମାତ୍ର ୨୦ ମିନିଟ୍ ଖେଳ ହୋଇପାରିଥିଲା। ସେହି ସମୟବେଳକୁ ଓଡ଼ିଶା ପୋଲିସ ୧-୦ରେ ଆଗୁଆ ରହିଥିଲା। ଏହି ମ୍ୟାଚ୍ ଶନିବାର ସକାଳ ୧୦ଟାରେ ପୁଣିଥରେ ଆରମ୍ଭ ହେବ।



## ପୁରୁଷ ଏକଦିବସୀୟ କ୍ରିକେଟ୍‌ରେ ମାଇଲଖୁଣ୍ଟ

### ୫୦୦୦ତମ ମ୍ୟାଚରେ ସାମିଲ ହେଲେ ସ୍କଟଲାଣ୍ଡ-କାନାଡ଼ା

ଏଡିନବର୍ଗ, ୭।୮ (ଏଜେନ୍ସି)

ଅନ୍ତର୍ଜାତୀୟ ଦିନିକିଆ/ଏକଦିବସୀୟ କ୍ରିକେଟ୍ ପାଇଁ ଶୁକ୍ରବାର ଥିଲା ବେଶ୍ ସ୍ମରଣୀୟ ଦିବସ। ପୁରୁଷ ଦିନିକିଆ କ୍ରିକେଟ ଇତିହାସର ୫୦୦୦ତମ ମୁକାବିଲା ଶୁକ୍ରବାର ଖେଳାଯାଇଥିଲା। ଯେଉଁଥିରେ ଘରୋଇ ସ୍କଟଲାଣ୍ଡ ଓ କାନାଡା ସାମ୍ନାସାମ୍ନି ହୋଇଥିଲେ। ଏହି ଐତିହାସିକ ମ୍ୟାଚ୍‌ରେ କାନାଡା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ଓପନର୍ ଫିନଲେ ମ୍ୟାକକ୍ରେଥ (୧୧୨ ରନ)ଙ୍କ ଶତକ ବଳରେ ୭ ୱିକେଟରେ ୨୮୧ ରନର ସମ୍ମାନଜନକ ସ୍କୋର କରିଥିଲା। ଫଳରେ ଏହି ମ୍ୟାଚରେ ଶତକ ହାସଲ କରି ସ୍କଟଲାଣ୍ଡ ବ୍ୟାଟର ଫିନଲେ ଏହାକୁ ସ୍ମରଣୀୟ କରିଛନ୍ତି।

**୧୯୭୧ରେ ଖେଳାଯାଇଥିଲା ପ୍ରଥମ ଦିନିକିଆ:**

ଇତିହାସ ଉପରେ ନଜର ପକାଇଲେ ଦିନିକିଆ କ୍ରିକେଟ୍‌ର ଇତିହାସ ଅର୍ଦ୍ଧଶତାବ୍ଦୀ ପୁରୁଣା। ୧୯୭୧ ମସିହା ଜାନୁଆରୀ ୫ ତାରିଖରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସର୍ବପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା। ପ୍ରାରମ୍ଭିକ ଦିନରେ ଏକଦିବସୀୟ କ୍ରିକେଟ୍ ମୁଖ୍ୟତଃ ୬୦-ଓଭର ଫର୍ମାଟରେ ଏବଂ ନାଲି ବଲ ଓ ଧଳା ଡ୍ରେସରେ ଖେଳାଯାଉଥିଲା। ସେହିଭଳି ସେତେବେଳେ ଛଅଟି ବଦଳରେ ଗୋଟିଏ ଓଭରରେ ଆଠଟି ବଲ୍ ବୋଲିଂ କରାଯାଉଥିଲା। ପ୍ରଥମ ଦୁଇଟି ବିଶ୍ୱକପ୍ (୧୯୭୫ ଓ ୧୯୭୯) ୬୦-ଓଭର ଫର୍ମାଟରେ ଖେଳାଯାଉଥିଲା। ପରେ ଏହି ବିଶ୍ୱକପ୍ ୫୦-ଓଭର ଫର୍ମାଟରେ ଖେଳାଯିବା ଆରମ୍ଭ ହୋଇଥିଲା। ସେହିଭଳି ଏକଦିବସୀୟ କ୍ରିକେଟ୍‌ର ୧୦୦୦ତମ ମ୍ୟାଚ୍ ଖେଳିବାକୁ ୨୪ ବର୍ଷ ଲାଗି ଯାଇଥିଲା। ୧୯୯୫ ମସିହାରେ ନଟିଂହାମରେ ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏହି ସ୍ମରଣୀୟ ମ୍ୟାଚଟି ଖେଳାଯାଇଥିଲା।



ସର୍ବପ୍ରଥମ ଦିନିକିଆ ମ୍ୟାଚ୍

### ୧ ରୁ ୫୦୦୦ତମ ଦିନିକିଆ ମ୍ୟାଚ୍ ଯାତ୍ରା

- ପ୍ରଥମ ଦିନିକିଆ: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ମେଲବୋର୍ଣ୍ଣ, ୧୯୭୧)
- ୧୦୦୦ତମ ଦିନିକିଆ: ୱେଷ୍ଟଇଣ୍ଡିଜ୍ ବନାମ ଇଂଲଣ୍ଡ (ନଟିଂହାମ୍, ୧୯୯୫)
- ୨୦୦୦ତମ ଦିନିକିଆ: ପାକିସ୍ତାନ ବନାମ ଜିମ୍ବାୱେ (ଶାରଜା, ୨୦୦୩)
- ୩୦୦୦ତମ ଦିନିକିଆ: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ସାଉଥାମ୍ପଟନ୍, ୨୦୧୦)
- ୪୦୦୦ତମ ଦିନିକିଆ: ହଂକଂ ବନାମ ପାପୁଆ ନ୍ୟୁ ଗିନି (ହରାରେ, ୨୦୧୮)
- ୫୦୦୦ତମ ଦିନିକିଆ: କାନାଡା ବନାମ ସ୍କଟଲାଣ୍ଡ (ଡଣ୍ଡି, ୨୦୨୬)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS